• Vol.- 46, Issue No. 29
• Wednesday, 29 April 2026
• ବୁଧବାର, ୨୯ ଏପ୍ରିଲ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




### ୧୬୪୭ କୋଟିର ଗ୍ରୀଡ୍ ପ୍ରକଳ୍ପ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

# ରାଜ୍ୟରେ ହେବ ଆଉ ୩୪ ନୂଆ ଗ୍ରୀଡ୍

- ୪୦୦/୨୨୦ କେଭି ଗ୍ରୀଡ୍ ସବଷ୍ଟେସନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ
- 'ସୁନାର କେନ୍ଦୁଝର' ପାଇଁ ରୋଡ୍‌ମ୍ୟାପ୍ ଦେଲେ ମୁଖ୍ୟମନ୍ତ୍ରୀ
- କେନ୍ଦୁଝରର ବିକାଶ ଦାୟିତ୍ୱ ମୋର
- ପୂର୍ବ-ଭାରତର ଦ୍ୱିତୀୟ ଜାମସେଦପୁର ହେବ କେନ୍ଦୁଝର

କେନ୍ଦୁଝର/ଯୋଡ଼ା, ୨୮।୪(ନିପ୍ର): କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧ ଶିଳ୍ପ ପେଣ୍ଠସ୍ଥଳୀ(ହବ୍)ରେ ପରିଣତ କରିବା ଲକ୍ଷ୍ୟରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଉଛବାଲି ଠାରେ ୧୬୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୪୨୦/୨୨୦ କେଭି ଗ୍ରୀଡ୍ ସବଷ୍ଟେସନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ପୂର୍ବ-ଭାରତର ଦ୍ୱିତୀୟ ଜାମସେଦପୁର ଭାବେ ଗଢ଼ିତୋଳିବାକୁ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟଯେ, ମୁଖ୍ୟମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ଉଛବାଲି, କେନ୍ଦୁଝର ପାଇଁ ସବ୍‌ଷ୍ଟେସନ ସମେତ ୫ ଟି ନୂଆ ଟ୍ରାନ୍ସମିଶନ ଲାଇନ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା କେନ୍ଦୁଝର ସଦର, ତେଲକୋଇ, ଝୁମ୍ପୁରା, ଯୋଡ଼ା ଏବଂ ବଡ଼ବିଲ ଅଞ୍ଚଳର ପ୍ରାୟ ୭.୧୭ ଲକ୍ଷ ଉପଭୋକ୍ତା ଉପକୃତ ହେବେ। ବିକଶିତ ସମାଜର ପରିଚୟ ହେଉଛି ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଏଣୁ ଖଣିଜ ସମ୍ପଦରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରକଳ୍ପର ବିଭିନ୍ନ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି ଯେ ସମଗ୍ର ଅଞ୍ଚଳକୁ ଏକ ସୁଦୃଢ଼ ନେଟ୍‌ୱର୍କରେ ଯୋଡ଼ିବା ନେଇ ସେ ଦର୍ଶାଇଛନ୍ତି ଯେ, ୪୦୦ କେଭି ଏଲ ଆଇଏଲଓ ଲାଇନ ସହିତ ଟିଟିପିଏସ -ଯୋଡ଼ା ଓ ତୁରୁମୁଙ୍ଗା-ରାଇରଙ୍ଗପୁର ଲାଇନ ମାଧ୍ୟମରେ ସମଗ୍ର ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗୀକରଣ କରାଯିବ। ବିଦ୍ୟୁତ୍ ବିଭ୍ରାଟକୁ ରୋକିବା ପାଇଁ ଏକ ବଡ଼ ପଦକ୍ଷେପ ସମ୍ପର୍କରେ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବଡ଼ବିଲ ଓ ପଲାଶପଙ୍ଗା ଗ୍ରୀଡ୍‌ର ଉନ୍ନତିକରଣ ଆମର ପ୍ରାଥମିକତା। ଆମେ ହଟଲାଇନ ମେଣ୍ଟେନାନ୍ସ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଯାଉଛୁ, ଯାହାଦ୍ୱାରା ତାରରେ ବିଦ୍ୟୁତ୍ ପ୍ରବାହିତ ହେଉଥିବା ସମୟରେ ମଧ୍ୟ ମରାମତି କାମ କରାଯାଇପାରିବ। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କେନ୍ଦୁଝର ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇ କହିଛନ୍ତି, ମୁଁ ବାରମ୍ବାର କହିଛି, ଖଣି ଖାଦାନରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରାଯିବ। ଏହି ଅବସରରେ ସେ ବଡ଼ବିଲ ରିଂ-ରୋଡ୍‌ର କାର୍ଯ୍ୟ ଏବଂ ଆଗାମୀ ମେଗା ଷ୍ଟିଲ୍ ପ୍ଲାଣ୍ଟ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଜାପାନର ପ୍ରସିଦ୍ଧ ଜେଏଫଇ ଷ୍ଟିଲକୁ କେନ୍ଦୁଝରରେ କାରଖାନା ଗଢ଼ିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ଭବିଷ୍ୟତର 'ଇଲେକ୍ଟ୍ରିକାଲ୍ ଷ୍ଟିଲ୍' ଉତ୍ପାଦନ କରିବ। 'କେନ୍ଦୁଝରର ବିକାଶ ଦାୟିତ୍ୱ ମୋର,' ଏହି ଶବ୍ଦ ସହ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ ଏବଂ ଆଗାମୀ ୧୦ ବର୍ଷ ମଧ୍ୟରେ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ, ରାଜ୍ୟରେ ସମସ୍ତ ବିଦ୍ୟୁତ ଶକ୍ତି ବ୍ୟବସ୍ଥାର ସମ୍ପ୍ରସାରଣ ସୁନିଶ୍ଚିତ ହେବାପାଇଁ ଆମ ସରକାର ଦୃଢ଼ କାର୍ଯ୍ୟରତ।

## ଆଜିଠୁ ଗାଡ଼ି ଯାଞ୍ଚ ଜୋର୍‌ଦାର

### ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ମନା

ଭୁବନେଶ୍ୱର, ୨୮।୪: ବୁଧବାରଠୁ ରାଜ୍ୟରେ ଗାଡ଼ି ଯାଞ୍ଚ ଜୋରଦାର ହେବ। ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ହେଲେ ଗାଡ଼ି ପଂଜୀକରଣ ରଦ୍ଦ ହେବ।ଚେକିଂ ଲାଗି ସ୍ପେଶାଲ ସ୍କ୍ୱାଡ୍ ନିୟୋଜିତ ହେବ। ଅତିରିକ୍ତ ପରିବହନ କମିଶନରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି।

## ଚୁକ୍ତିଭିତ୍ତିକ ଅଧ୍ୟାପକ ପାଇବେ ଦରମା ୭୦ ହଜାର

ଭୁବନେଶ୍ୱର, ୨୮।୪: ଆୟୁଷ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ରାଜ୍ୟ ସରକାର ମଙ୍ଗଳବାର ରାଜ୍ୟବ୍ୟାପୀ ସରକାରୀ ଆୟୁର୍ବେଦିକ ଏବଂ ହୋମିଓପାଥିକ ମେଡିକାଲ କଲେଜରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଶିକ୍ଷକ କର୍ମଚାରୀଙ୍କ ଦରମା ବୃଦ୍ଧି ଘୋଷଣା କରିଛନ୍ତି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଦ୍ୱାରା ନିଆଯାଇଥିବା ଏହି ନିଷ୍ପତ୍ତି ମୁତାବକ ସଂଶୋଧିତ ହିସାବ ଅନୁଯାୟୀ, ଚୁକ୍ତିଭିତ୍ତିକ ଅଧ୍ୟାପକମାନେ ଏବେ ୭୦,୦୦୦ ଟଙ୍କା ଏକ ସ୍ଥିର ମାସିକ ଦରମା ପାଇବେ। ପୂର୍ବରୁ ମାସିକ ୪୦,୦୦୦ ଟଙ୍କା ପାଉଥିବା ରିଡ଼ରମାନଙ୍କ ଦରମା ଦ୍ୱିଗୁଣିତ ହୋଇ ୮୦,୦୦୦ ଟଙ୍କା ହେବ। ସେହିପରି, ପ୍ରଫେସରମାନେ ମାସିକ ୫୦,୦୦୦ ଟଙ୍କାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବ।

## ଆଜି ପଶ୍ଚିମବଙ୍ଗ ଦ୍ୱିତୀୟ ପର୍ଯ୍ୟାୟ ମତଦାନ



ନୂଆଦିଲ୍ଲୀ, ୨୮।୪: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟ ବୁଧବାର (୨୯ ତାରିଖ) ଅନୁଷ୍ଠିତ ହେବାକୁ ଯାଉଛି। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୪୨ଟି ଆସନରେ ମତଦାନ ହେବ।ଏହି ପର୍ଯ୍ୟାୟରେ ମୋଟ ୩,୨୧,୭୩,୮୩୭ ଭୋଟର ମତଦାନ କରିବାକୁ ଯୋଗ୍ୟ । ୪୧,୦୦୧ ବୁଥ୍‌ରେ ମତଦାନ ଅନୁଷ୍ଠିତ ହେବ। ସମସ୍ତ ମତଦାନ କେନ୍ଦ୍ରକୁ ୱେବକାଷ୍ଟିଂ ଦ୍ୱାରା ସଂପ୍ରସାରିତ କରାଯିବ। ୨୩ ଏପ୍ରିଲରେ ପ୍ରଥମ ପର୍ଯ୍ୟାୟରେ ୯୩.୧୯ପ୍ରତିଶତ ମତଦାନ ରେକର୍ଡ କରାଯାଇଥିଲା।୨୯୪ ସଦସ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସମୟରେ ଏପ୍ରିଲ ୨୩ ତାରିଖରେ ୧୫୨ଟି ନିର୍ବାଚନମଣ୍ଡଳୀରେ ମତଦାନ ହୋଇଥିଲା।ମେ ୪ ତାରିଖରେ ଭୋଟ ଗଣନା କରାଯିବ।

## ଟିଟିଲାଗଡ଼ରେ ପିକ୍‌ଅପ୍ ଭ୍ୟାନ ଓଲଟି ୩ ନାବାଳକ ମୃତ

- ୪ ଲକ୍ଷ ଅନୁକମ୍ପା ରାଶି ଘୋଷଣା
- ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ବଲାଙ୍ଗିର, ୨୮।୪: ପିକଭ୍ୟାନ ଓଲଟି ପଡ଼ିବାରୁ ୩ ନାବାଳକଙ୍କ ଜୀବନ ଯାଇଛି ଓ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ବଲାଙ୍ଗିର ଜିଲ୍ଲା ଟିଟିଲାଗଡ ନିକଟସ୍ଥ ଲେଶୁନ ବାହାଲି ଗ୍ରାମରେ ଏଭଳି ଅଘଟଣ ଘଟିଛି । ମୃତକମାନେ ହେଲେ ଲେଶୁନ ବହାଲି ଗ୍ରାମର ରାଜବୀର ତାଣ୍ଡି



(୧୫), କତରକେଲା ତେନ୍ତୁଳି ପଡ଼ା ଅଭିଶିଖାଙ୍କ ମଝିଆ ପୁଅ ରାଜା ଶିଖା (୧୩) ଏବଂ ଜଳନ୍ଧର ତାଣ୍ଡିଙ୍କ ପୁଅ ଆଲୋକ ତାଣ୍ଡି (୧୫) । ଗୁରୁତରମାନେ ହେଲେ ମୋସେଶ ତାଣ୍ଡି (୧୧), କ୍ରିଷ୍ଣା ତାଣ୍ଡି (୧୪) ଏବଂ ବିକ୍ରମ ତାଣ୍ଡି (୧୫)। ସୂଚନା ଅନୁସାରେ, ୬ ଜଣ ନାବାଳକ ଗାଁରେ ଏକ ଭୋଜିରେ ପ୍ରଥମେ ଖାଇବା ପରେ ଏକ ପିକ୍‌ଅପ୍ ଗାଡ଼ିରେ ବସି ଖେଳୁ ଥିଲେ। ପରିବାର ଲୋକେ ଏ ବାବଦରେ କିଛି ଜାଣି ନ ଥିଲେ । ଭୋଜିରେ ପାଣି ସରିଯିବାରୁ ପାଣି ପ୍ୟାକେଟ୍ ଆଣିବା ପାଇଁ ଲେସୁନବାହାଲି ଗ୍ରାମରୁ ଟିଟିଲାଗଡ଼ ଯାଉଥିଲେ । ପିକଅପ୍ ଭ୍ୟାନ୍‌ଟି ଟିଟିଲାଗଡ଼ ନିକଟ ମାରଲାର୍ଡ ବ୍ରିଜ୍ ନିକଟରେ ଭାରସାମ୍ୟ ହରାଇ ଏକ ବାଇକ ସହ ଧକ୍କା ହେବା ପରେ ଓଲଟି ପଡ଼ିଥିଲା। ଫଳରେ ଗାଡ଼ିର ପଛପଟେ ବସିଥିବା ସମସ୍ତ ୬ ଜଣ ନାବାଳକ ଗାଡ଼ିରୁ ଛିଟିକି ପଡ଼ିଥିଲେ। ତେବେ ଘଟଣା ସ୍ଥଳରେ ଜଣଙ୍କର ମୃତ ହୋଇଥିବା ବେଳେ ଆଉ ଦୁଇ ଜଣ ନାବାଳକଙ୍କ ଟିଟିଲାଗଡ ସରକାରୀ ଡାକ୍ତରଖାନାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ତିନି ଗୁରୁତର ମୋସେଶ, କ୍ରିଷ୍ଣା ଏବଂ ବିକ୍ରମଙ୍କୁ ବଲାଙ୍ଗିର ଭୀମ ଭୋଇ ମେଡିକାଲକୁ ପଠାଇ ଦିଆଯାଇଅଛି ।ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ସମୟରେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି, ପିଲାମାନଙ୍କ ମୃତ୍ୟୁ ପାଇଁ ସମବେଦନା ଜଣାଇଛନ୍ତି ଏବଂ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ସେ ପ୍ରତ୍ୟେକ ମୃତକଙ୍କ ନିକଟତମ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି।

## 'ଆଧାର' ନୁହେଁ ଜନ୍ମ ପ୍ରମାଣପତ୍ର

ନୂଆଦିଲ୍ଲୀ, ୨୮।୪: ଭାରତୀୟ ଅନନ୍ୟ ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ଆଧାର କାର୍ଡ ବ୍ୟବହାର ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ପଷ୍ଟୀକରଣ ଜାରି କରିଛି। ପ୍ରାଧିକରଣ ପକ୍ଷରୁ କୁହାଯାଇଛି ଯେ ଆଧାରକୁ ଜନ୍ମ ତାରିଖର ପ୍ରମାଣ ଭାବରେ ବିବେଚନା କରାଯିବା ଉଚିତ ନୁହେଁ। ଯଦିଓ ଏହା ପରିଚୟ ଯାଞ୍ଚ ପାଇଁ ଏକ ନିର୍ଭରଯୋଗ୍ୟ ଡକ୍ୟୁମେଣ୍ଟ ଭାବରେ କାର୍ଯ୍ୟ କରେ, ଏହା କୌଣସି ବ୍ୟକ୍ତିଙ୍କ ଜନ୍ମ ତାରିଖକୁ ନିଶ୍ଚିତ କିମ୍ବା ବୈଧ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ। ସାମ୍ପ୍ରତିକ ଯୋଗାଯୋଗରେ, ୟୁଆଇଡିଏଆଇ ଦୋହରାଇଛି ଯେ ଆଧାରର ପ୍ରାଥମିକ କାର୍ଯ୍ୟ ହେଉଛି ପରିଚୟ



ପ୍ରମାଣୀକରଣ, ବୟସ ଯାଞ୍ଚ ନୁହେଁ। କର୍ତ୍ତୃପକ୍ଷ ଗୁରୁତ୍ୱାରୋପ କରିଛନ୍ତି ଯେ ଡକ୍ୟୁମେଣ୍ଟକୁ କେବଳ ଚିହ୍ନଟ ଉଦ୍ଦେଶ୍ୟରେ ପ୍ରମାଣୀକରଣ ପ୍ରଣାଳୀ ସହିତ ବ୍ୟବହାର କରାଯିବା ଉଚିତ। ୟୁଆଇଡିଏଆଇ କହିଛି, 'ଆଧାର ପ୍ରମାଣୀକରଣ ସହିତ ବ୍ୟବହାର କରାଯିବା ସମୟରେ ପରିଚୟର ପ୍ରମାଣ ଭାବରେ କାର୍ଯ୍ୟ କରିବାକୁ ଉଦ୍ଦିଷ୍ଟ। ଆଧାରରେ ଜନ୍ମ ତାରିଖର ସଠିକତା ସମ୍ପର୍କରେ ବିବାଦ ହେଲେ, ପ୍ରମାଣର ଭାର ଆଧାର ନମ୍ବର ଧାରକଙ୍କ ଉପରେ ନ୍ୟସ୍ତ। ପ୍ରମାଣୀକରଣ ଅଧୀନରେ ଥିବା ବ୍ୟକ୍ତିଙ୍କ ପରିଚୟ ସ୍ଥାପନ ପାଇଁ ଆଧାର ନମ୍ବର ବ୍ୟବହାର କରାଯାଇପାରିବ; ତଥାପି, ଏହା ଜନ୍ମ ତାରିଖର ପ୍ରମାଣ ନୁହେଁ।

### ନିବେଶ ନାଁରେ ୫ କୋଟିର ଠକେଇ

## ଦାର୍ଜିଲିଂରୁ ୨ ସାଇବର ଠକ ଗିରଫ

ଭୁବନେଶ୍ୱର, ୨୮।୪: ରାଜ୍ୟ କ୍ରାଇମ୍ ବ୍ରାଞ୍ଚର ସାଇବର ୱିଙ୍ଗ ଏକ ନକଲି ଟ୍ରେଡିଂ ପ୍ଲାଟଫର୍ମ ସହିତ ୫.୧୪ କୋଟି ଟଙ୍କାର ଅନଲାଇନ୍ ନିବେଶ ଠକେଇ ମାମଲାରେ ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲ୍ଲାରୁ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସିଲିଗୁଡ଼ି ଥାନା ଅନ୍ତର୍ଗତ ଡିଉମାଲ ପାରାର ବାସିନ୍ଦା କିରଣ ଗୁରୁଙ୍ଗ (୫୫) ଏବଂ ଦାର୍ଜିଲିଂ ଜିଲ୍ଲାର ପ୍ରଧାନ ନଗର ଥାନା ଅନ୍ତର୍ଗତ ଗୁରୁଙ୍ଗ ବସ୍ତିର ୱାର୍ଡ ନମ୍ବର ୦୩ର ବାସିନ୍ଦା ରଣଧୀର କୁମାର ରାୟ (୪୬) । ଏକ ସରକାରୀ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଉଚ୍ଚ ରିଟର୍ଣ୍ଣ ପ୍ରତିଶ୍ରୁତି ଦେଇ ଏକ ପ୍ରତାରଣାମୂଳକ ଅନଲାଇନ୍ ଟ୍ରେଡିଂ ପ୍ଲାଟଫର୍ମ ମାଧ୍ୟମରେ ଠକେଇ ମାମଲାରେ ଏକ ବଡ଼ ସଫଳତା ହାସଲ କରିଛି ଓଡ଼ିଶା ରାଜ୍ୟ କ୍ରାଇମ୍ ବ୍ରାଞ୍ଚ ସାଇବର କ୍ରାଇମ୍ ପୋଲିସ ଥାନା। ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ବିଭିନ୍ନ ଧାରାରେ ମାମଲା ପଂଜୀକୃତ ହୋଇଥିଲା। ଅଭିଯୋଗ ଅନୁଯାୟୀ, ପୀଡିତଙ୍କୁ ସାଇବର ଠକମାନେ ଏକ ନକଲି ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ଷ୍ଟକ୍ ବଜାରରେ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ଅଭିଯୋଗକାରୀଙ୍କୁ ଉଚ୍ଚ ରିଟର୍ଣ୍ଣ ପ୍ରତିଶ୍ରୁତିରେ ବିଶ୍ୱାସ ଜୁଟାଇ ୧୭ ମାର୍ଚ୍ଚ, ୨୦୨୫ ରୁ ୨୦ ଦିନ ମଧ୍ୟରେ ୫,୧୪,୦୦,୦୦୦ ଟଙ୍କା ସ୍ଥାନାନ୍ତର କରିଥିଲେ। ପ୍ରାରମ୍ଭରେ, ପୀଡିତଙ୍କ ବିଶ୍ୱାସ ହାସଲ କରିବା ପାଇଁ ପ୍ଲାଟଫର୍ମରେ ନକଲି ଲାଭ ପ୍ରଦର୍ଶନ କରାଯାଇଥିଲା। କିନ୍ତୁ, ଯେତେବେଳେ ଅଭିଯୋଗକାରୀ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ, ଠକମାନେ ଅନୁରୋଧକୁ ଅବରୋଧ କରିଥିଲେ ଏବଂ ଅତିରିକ୍ତ ଦେୟ ଦାବି କରିଥିଲେ। ଠକେଇ ଅନୁଭବ କରି, ପୀଡିତା ସାଇବର କ୍ରାଇମ୍ ହେଲ୍ପଲାଇନ୍ ୧୯୩୦ ସହିତ ଯୋଗାଯୋଗ କରିଥିଲେ ଏବଂ କଟକର ଓଡିଶାର ସିଆଇଡି-ସିବି ସାଇବର ପୋଲିସ ଷ୍ଟେସନରେ ଏକ ଆନୁଷ୍ଠାନିକ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ପରେ, ଇନ୍ସପେକ୍ଟର ରାଜକିଶୋର ବେହେରାଙ୍କ ନେତୃତ୍ୱରେ ଏକ ଦଳ ଟଙ୍କା ଟ୍ରେଲ୍ ଏବଂ ଡିଜିଟାଲ୍ ପ୍ରମାଣ ବିଶ୍ଳେଷଣ କରି ବ୍ୟାପକ ତଦନ୍ତ କରିଥିଲେ। ଦଳ ପରେ ଦାର୍ଜିଲିଂରେ ଚଢାଉ କରିଥିଲା ଏବଂ ର୍‍ୟାକେଟରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତଦନ୍ତରୁ ଜଣାପଡିଛି ଯେ ଏହି ଅଭିଯାନ ସହିତ ଜଡିତ ଏକ ମିଳିତ ବ୍ୟାଙ୍କ ଆକାଉଣ୍ଟରୁ ମୋଟ ଠକେଇ ପରିମାଣର ୪୯.୧ ଲକ୍ଷ ଟଙ୍କା ମିଳିଥିଲା।

# ଜିଲ୍ଲା ପ୍ରଶାସନ ହେଲା ତତ୍ପର: ଜିତୁ ପରିବାରକୁ ମିଳିଲା ବ୍ୟାଙ୍କ ଟଙ୍କା

## ବ୍ୟାଙ୍କ କର୍ତ୍ତୃପକ୍ଷ ଦେଲେ ସ୍ପଷ୍ଟୀକରଣ, ଏନଏଚ୍‌ଆରସି ପକ୍ଷରୁ ମାମଲା

କେନ୍ଦୁଝର, ୨୮।୪(ନିପ୍ର): ଆକାଉଣ୍ଟରେ ଥିବା ଭଉଣୀର ଟଙ୍କା ପାଇବା ପାଇଁ ଭାଇକୁ ଭଉଣୀର ମୃତ ଶବକୁ ବ୍ୟାଙ୍କ ନେବାକୁ ପଡ଼ିଲା । ଏହି ଭିଡିଓ ସାରା ଦେଶରେ ଭାଇରାଲ ହେବା ପରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣା ପରେ ଜିଲ୍ଲା ପ୍ରଶାସନ ତଥା ବ୍ୟାଙ୍କର ଉପରିସ୍ଥ କର୍ମଚାରୀ ଘଟଣା ସ୍ଥିତ ବ୍ୟାଙ୍କ ଓ ଗାଁରେ ପହଞ୍ଚି ତଦନ୍ତ କରିଥିଲେ । ତଦନ୍ତରୁ ଜଣା ପଡିଥିଲା ମୃତ କଲରାମୁଣ୍ଡାର ତିନି ଜଣ ଉତ୍ତରାଧିକାରୀ (ଲିଗାଲ ହେୟାର) ଅଛନ୍ତି । ସେମାନେ ହେଲେ ଜିତୁ ମୁଣ୍ଡା, ଶଙ୍କରା ମୁଣ୍ଡା ଓ ଗୁରୁବାରୀ ମୁଣ୍ଡା । ଜିତୁ ଓ ଶଙ୍କରା ମଧ୍ୟରେ ଗତକାଲି ପାଟିତୁଣ୍ଡ ହୋଇଥିଲା । ଯାହାକୁ ନେଇ ଆରମ୍ଭ ହୋଇଥିଲା ଏ ଘଟଣା । ଜିତୁ ଅନ୍ୟମାନଙ୍କୁ ନ କହି ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯାଇଥିଲା । ହେଲେ ନିରକ୍ଷରତା ଓ ବୁଝାଶୁଝାରେ ଅଭାବ ମଧ୍ୟରେ ଜିତୁ ବ୍ୟାଙ୍କକୁ ତା ଭଉଣୀର ଶବକୁ ନେଇ ଯାଇଥିଲା । ପରେ ବ୍ୟାଙ୍କରେ ଉପରିସ୍ଥ ଅଧିକାରୀ ପହଞ୍ଚି ସିସି ଟିଭି ଯାଞ୍ଚ ସହ ଗତକାଲି ଉପସ୍ଥିତ ଥିବା କିଛି ଲୋକଙ୍କୁ ପଚରାଉଚୁରା କରିଥିଲେ । ସେଥିରୁ ଜଣାପଡ଼ିଥିଲା କି ଜିତୁ ଗତକାଲି ହିଁ ବ୍ୟାଙ୍କକୁ ଆସିଥିଲା ଓ ନିଶାସକ୍ତ ଅବସ୍ଥାରେ ବ୍ୟାଙ୍କରେ ପାଟିତୁଣ୍ଡ ମଧ୍ୟ କରିଥିଲା । ଏପଟେ ଜିଲ୍ଲା ପ୍ରଶାସନ ମଧ୍ୟ ଘଟଣାକୁ



ଗୁରୁତର ସହ ନେଇ ବିଡ଼ିଓଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର, ଆର୍ ଆଇ ଘଟଣାସ୍ଥଳରେ ପହଞ୍ଚି ମୃତ କଲରାର ମୃତ୍ୟୁ ସାର୍ଟିଫିକେଟ ଓ ତାଙ୍କ ପରିବାରର ଲିଗାଲ ହେୟାର ସାର୍ଟିଫିକେଟ ଦେଇଥିଲେ । ପରେ ସମସ୍ତ ନଥିପତ୍ର ପାଇବା ପରେ ତାକୁ ନେଇ ବ୍ୟାଙ୍କ କର୍ମଚାରୀ ଘଟଣାସ୍ଥଳ ଡିଆନାଳୀ ଗାଁରେ ଆକାଉଣ୍ଟରେ ଥିବା ୧୯ ହଜାର ୪ ଶହ ଦୁଇ ଟଙ୍କା ଗ୍ରାମବାସୀ ଓ ଲୋକପ୍ରତିନିଧିଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ । ଯାହାକୁ ନେଇ ସଂପୃକ୍ତ ପରିବାର ଖୁସି ହୋଇଥିଲେ। ଏହି ଘଟଣା ପରେ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) ପକ୍ଷରୁ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସ୍ପଷ୍ଟୀକରଣ ଆସିଛି । ବ୍ୟାଙ୍କ ସଫେଇ ଦେଇଛି ଯେ ତାଙ୍କୁ ମୃତଦେହ ଆଣିବାକୁ କୁହାଯାଇନଥିଲା। ବ୍ୟାଙ୍କ କହିଛି ଯେ ଜିତୁ ପ୍ରଥମେ ଭଉଣୀଙ୍କ ଟଙ୍କା ଉଠାଇବାକୁ ଆସିଥିଲେ । ମାତ୍ର ବ୍ୟାଙ୍କର ନିୟମ ଅନୁଯାୟୀ ତୃତୀୟ ବ୍ୟକ୍ତିଙ୍କୁ ଟଙ୍କା ଦିଆଯାଇପାରିବ ନାହିଁ । କିନ୍ତୁ ଯେତେବେଳେ ବ୍ୟାଙ୍କ୍ ମ୍ୟାନେଜର ଜାଣିବାକୁ ପାଇଥିଲେ ଖାତାଧାରୀ ଜଣକ ମୃତ, ସେତେବେଳେ ମୃତ୍ୟୁର ପ୍ରମାଣ ପତ୍ର, ମୃତ୍ୟୁ ବେଳର ଯଦି ଭିଡ଼ିଓ କିମ୍ବା ଫଟୋ ଥାଏ ତାହା ଦାଖଲ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଜିତୁ ପରବର୍ତ୍ତୀ ସମୟରେ ସିଧାସଳଖ କଙ୍କାଳ ଧରି ବ୍ୟାଙ୍କରେ ପହଞ୍ଚିଥିଲେ । ତେବେ ଏ ନେଇ ବ୍ୟାଙ୍କ ପୋଲିସକୁ ଖବର ଦେଇଥିଲା।

### ଆରଡିସି ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

## ରେଡକ୍ରସ୍ ପାଣ୍ଠିରୁ ଦିଆଗଲା ୩୦ ହଜାର

ଭୁବନେଶ୍ୱର, ୨୮।୪: ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଲୋକକୈନ୍ଦ୍ରିକ ଶାସନ ଆଭିମୁଖ୍ୟକୁ ପ୍ରତିଫଳିତ କରି ଏକ ତ୍ୱରିତ ପ୍ରତିକ୍ରିୟା ସ୍ୱରୂପ, ମଙ୍ଗଳବାର କେନ୍ଦୁଝର ଜିଲ୍ଲାର ଡିଆନାଳୀ ଗ୍ରାମର ଜିତୁ ମୁଣ୍ଡାଙ୍କୁ ୩୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ପରେ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ଏହି ସହାୟତା ବଣ୍ଟନ କରାଯାଇଛି। ଏଏପରି ଦୁଃଖଦ ଘଟଣାର ପୁନରାବୃତ୍ତି ଯେପରି ନହୁଏ ସେ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ଏବଂ ସରକାରୀ ଏବଂ ବ୍ୟାଙ୍କ ସେବା ଗ୍ରାମାଞ୍ଚଳରେ ବିନା ବାଧାରେ ଲୋକଙ୍କ ପାଖରେ ପହଞ୍ଚିବା ନିଶ୍ଚିତ କରିବା ସହିତ ସମ୍ବେଦନଶୀଳ ହେବାକୁ ଅଧିକାରୀମାନଙ୍କୁ କହିଛନ୍ତି। ଏଥିସହିତ ଘଟଣାର ଆରଡିସି ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି ।

# ଯଜ୍ଞର ଅଧିକାରୀ ହେଲେ ଅଗ୍ନି



ଏକଦା ବିଷ୍ଣୁଙ୍କର ଜିହ୍ୱାରୁ ଏକ ଦେବୀ ଜନ୍ମଲାଭ କଲେ। ସେ ଥିଲେ ପରମାସୁନ୍ଦରୀ। ବିଷ୍ଣୁ ତାଙ୍କର ନାମ ଦେଲେ ସାବିତ୍ରୀ। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ସେ ଖ୍ୟାତ ହେଲେ। ସେ ବିଷ୍ଣୁଙ୍କର ହେଲେ ପ୍ରଧାନ ଭକ୍ତ। ସେ ବିଷ୍ଣୁଙ୍କୁ ଭକ୍ତିରେ ପ୍ରାର୍ଥନା କରିବାରୁ ବିଷ୍ଣୁ ସନ୍ତୁଷ୍ଟ ହୋଇ ତାଙ୍କୁ ନେଇ ରତ୍ନସିଂହାସନରେ ବସାଇଲେ। ତତ୍ପରେ ଆଉ ଏକ ପୁରୁଷ ଜନ୍ମଲାଭ କଲେ। ହାତରେ ତାଙ୍କର ଥିଲା ଦିବ୍ୟ ଫୁଲ ଧନୁଶର। ସେ ଦେଖାଯାଉଥିଲେ ଅତି ସୁନ୍ଦର। କାମୀଜନମାନଙ୍କର ମନୋମୁଗ୍ଧକାରୀ ଥିବାରୁ ତାଙ୍କର ନାମ ଦେଲେ କାମଦେବ। ସେହି କାମଦେବଙ୍କ ବାମପାର୍ଶ୍ୱରୁ ଏକ ଦେବୀଙ୍କ ଆବିର୍ଭାବ ହେଲା। ତାଙ୍କର ରୂପକାନ୍ତି ଅପ୍ସରାମାନଙ୍କ ରୂପକାନ୍ତିଠାରୁ ବଳି ପଡୁଥିଲା। ତାଙ୍କର ସୌନ୍ଦର୍ଯ୍ୟରେ ଦେବତାମାନେ ଅସ୍ଥିର ହୋଇଉଠିଲେ। ତାଙ୍କ ନାମ ଦେଲେ ରତି। ରତି କାମଦେବଙ୍କର ହେଲେ ଯୋଗ୍ୟା ପ୍ରିୟବତୀ। ଦୁହେଁ ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରୁ ବିଷ୍ଣୁ ସେମାନଙ୍କ ଉପରେ ସନ୍ତୁଷ୍ଟ ହୋଇ ରତ୍ନସିହାଂସନରେ ସେମାନଙ୍କୁ ସ୍ଥାନ ଦେଲେ। ତାଙ୍କର ଅନ୍ୟନାମ ହେଲା ମନ୍ମଥ। କାରଣ ଦେବତା ଓ ଋଷିମାନଙ୍କ ମନକୁ ସେ ମନ୍ଥନ କରୁଥିଲେ। ମନ୍ମଥଙ୍କ ହସ୍ତରେ ଥିଲା ପଞ୍ଚବାଣ, ଯଥା -- ମାରଣ, ସ୍ତମ୍ଭନ, ଜୃମ୍ଭନ, ଶୋଷଣ ଓ ଉନ୍ମାଦନା। ଏହି ପଞ୍ଚବାଣ ପାଞ୍ଚଟି ଫୁଲଶର। କାମଦେବଙ୍କ ଏହି ପଞ୍ଚଶରର ପ୍ରଭାବରୁ ଦେବ, ଦାନବ, ମାନବ, ଯକ୍ଷ, ଋଷି କେହି ରକ୍ଷା ପାଇପାରିଲେ ନାହିଁ। ଏପରିକି ବ୍ରହ୍ମା ଯେ କି ସୃଷ୍ଟିର ସର୍ଜନାକାରୀ ସେ ମଧ୍ୟ ରକ୍ଷା ପାଇପାରିଲେ ନାହିଁ। କାମବାଣରେ ସେ ଜର୍ଜରିତ ହୋଇ ରତିଙ୍କ ଉପରେ ଦୃଷ୍ଟିପାତ କରନ୍ତେ ତାଙ୍କର ତେଜ ପ୍ରକାଶିତ ହେଲା। ସେହି ତେଜ କରାଳରୂପ ଧାରଣ କଲା। ବିଷ୍ଣୁ ତା'ର ନାମଦେଲେ 'ଅଗ୍ନି'। ଏଥିସହ ଅଗ୍ନିଙ୍କୁ ଯଜ୍ଞର ଅଧିକାରୀ ହେବା ପାଇଁ ବର ମଧ ଦେଲେ। ତତ୍ପରେ ତାଙ୍କୁ ଦ୍ୱିତୀୟ ଦିଗପାଳ ରୂପେ ଅବସ୍ଥାପିତ କଲେ। ଆଗ୍ନେୟଗିରି ହେଲା ଅଗ୍ନିଙ୍କ ବାସସ୍ଥାନ। ଏହିପରି ବ୍ରହ୍ମାଙ୍କର ବ୍ରହ୍ମରୁ ଜାତ ହୋଇଥିବାରୁ ଅଗ୍ନିଙ୍କୁ ବ୍ରହ୍ମାଗ୍ନି ମଧ କୁହାଗଲା।

*କାମବାଣରେ ସେ ଜର୍ଜରିତ ହୋଇ ରତିଙ୍କ ଉପରେ ଦୃଷ୍ଟିପାତ କରନ୍ତେ ତାଙ୍କର ତେଜ ପ୍ରକାଶିତ ହେଲା। ସେହି ତେଜ କରାଳରୂପ ଧାରଣ କଲା। ବିଷ୍ଣୁ ତା'ର ନାମଦେଲେ 'ଅଗ୍ନି'। ଆଗ୍ନେୟଗିରି ହେଲା ଅଗ୍ନିଙ୍କ ବାସସ୍ଥାନ। ଏହିପରି ବ୍ରହ୍ମାଙ୍କର ବ୍ରହ୍ମରୁ ଜାତ ହୋଇଥିବାରୁ ଅଗ୍ନିଙ୍କୁ ବ୍ରହ୍ମାଗ୍ନି ମଧ କୁହାଗଲା। ଏଥିସହ ଅଗ୍ନିଙ୍କୁ ଯଜ୍ଞର ଅଧିକାରୀ ହେବା ପାଇଁ ବର ମଧ ଦେଲେ। ତତ୍ପରେ ତାଙ୍କୁ ଦ୍ୱିତୀୟ ଦିଗପାଳ ରୂପେ ଅବସ୍ଥାପିତ କଲେ। ଆଗ୍ନେୟଗିରି ହେଲା ଅଗ୍ନିଙ୍କ ବାସସ୍ଥାନ।*

# କଳିଯୁଗରେ ଗୁପ୍ତ ନିବାସ କରୁଛନ୍ତି ହନୁମାନ

## ପ୍ରାର୍ଥନା ଶୁଣିବା ମାତ୍ରେ ସଂକଟ ହରିବାକୁ ଧାଇଁ ଆସନ୍ତି ସଙ୍କଟ ମୋଚକ



ସଙ୍କଟ ମୋଚନକାରୀ ହନୁମାନ୍ ସର୍ବପ୍ରିୟ ଦେବତା । ସେ ଚିରଞ୍ଜୀବୀ । ଏହି କଳିଯୁଗରେ ମଧ ହନୁମାନ୍ ସ୍ୱଶରୀରରେ ଗୁପ୍ତ ଭାବେ ନିବାସ କରୁଛନ୍ତି । ଭକ୍ତର ପ୍ରାର୍ଥନା ମାତ୍ରେ ତା'ର ସଂକଟ ହରଣ କରିବାକୁ ହନୁମାନ୍ ସୂକ୍ଷ୍ମ ଶରୀରରେ ସେଠାରେ ଉପସ୍ଥିତ ହୁଅନ୍ତି । ଏପରି ବିଶ୍ୱାସ ରହିଛି । ତେବେ ହନୁମାନ୍‌ଙ୍କ ସେହି ଗୋପନ ଦିବ୍ୟ ନିବାସ ସ୍ଥଳ କେଉଁଠି ? ପୁରାଣ ଶାସ୍ତ୍ର ଅନୁସାରେ ହନୁମାନ୍ ଗନ୍ଧମାର୍ଦ୍ଦନ ପର୍ବତରେ ନିବାସ କରନ୍ତି । ଏହି ସ୍ଥାନ କୈଳାସ ପର୍ବତର ଉତ୍ତର ଭାଗ ସୁମେରୁ ପର୍ବତ ନିକଟରେ ଅବସ୍ଥିତ । ଗନ୍ଧମାର୍ଦ୍ଦନ ପର୍ବତ କୈଳାସର ମାନସରୋବର ଏବଂ ବଦ୍ରୀନାଥ ଧାମ ମଝିରେ ରହିଛି । ରାମାୟଣରେ ବର୍ଣ୍ଣନାନୁସାରେ ଯେବେ ଶ୍ରୀରାମ ଏହି ମର୍ତ୍ତ୍ୟ ଛାଡ଼ିବାକୁ ପ୍ରସ୍ତୁତ ହେଲେ,ପରମ ଭକ୍ତ ହନୁମାନ୍‌ଙ୍କୁ ଡକାଇ ଏହାର ସଙ୍କେତ ଦେବା ସହିତ ତାଙ୍କୁ ମର୍ତ୍ତ୍ୟମଣ୍ଡଳରେ ରହିବାକୁ ପରାମର୍ଶ ଦେଇଥିଲେ । ମହାଭାରତରେ ମଧ ଗନ୍ଧମାର୍ଦ୍ଦନ ପର୍ବତ ସମ୍ପର୍କରେ ଉଲ୍ଲେଖ ରହିଛି । ଦ୍ରୌପଦୀଙ୍କ ଇଚ୍ଛା ପୂରଣ କରିବାକୁ ଦ୍ୱିତୀୟ ପାଣ୍ଡବ ଭୀମ ଯେବେ ଶତଦଳପଦ୍ମ ଖୋଜି ଖୋଜି ଗନ୍ଧମାର୍ଦ୍ଦନ ପର୍ବତ ଦେଶରେ ପ୍ରବେଶ କଲେ, ବାଟ ଉପରେ ଏକ ବୃଦ୍ଧ ମାଙ୍କଡ଼ ତା'ର ଲାଞ୍ଜ ଲମ୍ବାଇ ବସିଥିବା ଦେଖିଲେ । ଗର୍ବର ସହ ଭୀମ କହିଲେ 'ହେ ବୃଦ୍ଧ ବାନର ! ଲାଙ୍ଗୁଳ ହଟାଅ, ମୁଁ ଯିବି ।' ମାଙ୍କଡଟି କହିଲା 'ମୁଁ ବୃଦ୍ଧ ହୋଇଗଲିଣି । ତୁମେ ଟିକେ ଉଠାଇ ଦିଅ ।' ଭୀମ ଅଟ୍ଟହାସ୍ୟ କରି ଯେବେ ସେହି ଲାଞ୍ଜଟିକୁ ଟେକିଲେ ତାହା ମହାମେରୁ ପରି ଓଜନଦାର ଅନୁଭବ କଲେ । ଶତ ଚେଷ୍ଟା ସତ୍ତ୍ୱେ ଲାଞ୍ଜକୁ ଇଞ୍ଚେ ବି ଆଡ଼େଇ ଦେଇପାରିଲେ ନାହିଁ । ଭୀମ ନିଜର ଭୁଲ୍ ବୁଝିପାରି ସେହି ରହସ୍ୟମୟ ମର୍କଟଙ୍କୁ ହାତଯୋଡ଼ି କ୍ଷମା ମାଗିବା ସହିତ ପ୍ରକୃତ ପରିଚୟ ଜାଣିବାକୁ ଚାହିଁଲେ । ହନୁମାନ୍ ନିଜର ସ୍ୱରୂପ ଭୀମଙ୍କ ସମ୍ମୁଖରେ ପ୍ରକଟ କଲେ । ଗନ୍ଧମାର୍ଦ୍ଦନ ପର୍ବତରେ ଆଜି ବି ଅନେକ ମୁନିଋଷି, ଯୋଗୀ ତପସ୍ୟାରତ ବୋଲି କୁହାଯାଏ । ଏହା ଯକ୍ଷ, ଗନ୍ଧର୍ବ,କିନ୍ନରଙ୍କ ରହଣି ସ୍ଥଳ ଭାବେ ଜଣାଶୁଣା । ତୈତରୟ ଆରଣ୍ୟକରେ କୁବେରର ଉତ୍ତର ଦିଗର ଅଧିପତି ବୋଲି ଦର୍ଶାଯିବା ସହିତ ସେ ଏହି ଗନ୍ଧମାର୍ଦ୍ଦନ ପର୍ବତରେ ନିବାସ କରନ୍ତି ବୋଲି ବର୍ଣ୍ଣନା ରହିଛି ।

# ଲୋକକଥା ଓ ପ୍ରାମାଣିକତା



ଆଦି ଶଙ୍କରାଚାର୍ଯ୍ୟ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠାତା ଜ୍ଞାନାନନ୍ଦ ସରସ୍ୱତୀ ଅନେକ ସଂସ୍କୃତ ଗ୍ରନ୍ଥର ବ୍ୟାଖ୍ୟା କରି ପ୍ରଭୁ ଶ୍ରୀରାମ ଏବଂ ଶ୍ରୀକୃଷ୍ଣଙ୍କ ଐତିହାସିକତା ସ୍ଥାପିତ କରିବାର କାର୍ଯ୍ୟ କରିଥିଲେ । ତାଙ୍କ ଗବେଷଣାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଶ୍ରୀରାମଙ୍କ ପୁତ୍ର ଲବ ଓ କୁଶଙ୍କ ୫୦ତମ ପିଢ଼ିରେ ଶଲ୍ୟ ଜନ୍ମଗ୍ରହଣ କରିଥିଲେ । ଯିଏ କି ମହାଭାରତ ଯୁଦ୍ଧରେ କୌରବଙ୍କ ପକ୍ଷରୁ ଲଢ଼ିଥିଲେ । ଏହାର ଗଣନା କରାଗଲେ ଲବ ଏବଂ କୁଶ ମହାଭାରତ କାଳ ଠାରୁ ୨୫୦୦ରୁ ୩୦୦୦ ବର୍ଷ ପୂର୍ବେ ଧରାପୃଷ୍ଠରେ ଜନ୍ମଗ୍ରହଣ କରିଥିଲେ । ଅର୍ଥାତ୍, ଆଜକୁ ୬୫୦୦ରୁ ୭୦୦୦ ବର୍ଷ ପୂର୍ବେ ଲବ ଓ କୁଶଙ୍କ ଜନ୍ମ ହୋଇଥିଲା । ରାମଚରିତ ମାନସର ରଚୟିତା ଗୋସ୍ୱାମୀ ତୁଳସୀଦାସଙ୍କ ଜନ୍ମ ବିକ୍ରମ୍ ସମ୍ବତ୍ ୧୫୫୪ରେ ହୋଇଥିଲା । ସେ ଅୱଧୀ ଭାଷାରେ ରାମଚରିତ ମାନସର ରଚନା କରିଥିଲେ । ବାଲ୍ମିକୀ ରାମାୟଣ ଠାରୁ ଏହି ଗ୍ରନ୍ଥର ଲୋକପ୍ରିୟତା ଅଧିକ ହୋଇଥିଲା । କିନ୍ତୁ ଏହି ଗ୍ରନ୍ଥ ମୂଳ ରାମାୟଣ ଏବଂ ତତ୍କାଳୀନ ଲୋକକଥା ଆଧାରରେ ରଚନା କରାଯାଇଥିବା ଜଣାଯାଏ । ନେପାଳ, ଲାଓସ୍, କମ୍ପୁଚିଆ, ମାଲେସିଆ, କାମ୍ବୋଡ଼ିଆ, ଇଣ୍ଡୋନେସିଆ, ବାଂଲାଦେଶ, ଭୂଟାନ୍, ଶ୍ରୀଲଙ୍କା, ବାଲି, ଜାଭା, ସୁମାତ୍ରା, ଥାଇଲ୍ୟାଣ୍ଡ ଆଦି ଦେଶର ଲୋକସଂସ୍କୃତି ଏବଂ ଗ୍ରନ୍ଥରେ ଆଜି ମଧ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସ୍ମୃତି ଜୀବିତ ହୋଇ ରହିଛି । ସାରା ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ମିଳିଥିବା ଶିଳାଲେଖ, ଭିତ୍ତିଚିତ୍ର, ମୁଦ୍ରା, ରାମସେତୁ ଏବଂ ଅନ୍ୟ ପ୍ରତ୍ନତାତ୍ତ୍ୱିକ ଅବଶେଷ ତଥା ପ୍ରାଚୀନ ଭାଷା ଏବଂ ଗ୍ରନ୍ଥରେ ରାମଚନ୍ଦ୍ରଙ୍କ ଐତିହାସିକ ପ୍ରମାଣିକତା ସିଦ୍ଧ ହୋଇଥାଏ ।



# ତୁଳସୀ ମାଟିର ରଙ୍ଗ କହିବ ଗ୍ରହଦୋଷ

ହିନ୍ଦୁ ଧର୍ମ ଅନୁସାରେ, ତୁଳସୀ କେବଳ ଏକ ଗଛ ନୁହେଁ, ତୁଳସୀ ଦେବୀ, ପୂଜ୍ୟା । ଘରର ସୁଖ,ଶାନ୍ତି ଏବଂ ସମୃଦ୍ଧିର ପ୍ରତୀକ । ପ୍ରତ୍ୟେକ ହିନ୍ଦୁ ପରିବାରର ଘର ସମ୍ମୁଖରେ ତୁଳସୀ ଚଉରାଟିଏ ଦେଖିବାକୁ ମିଳେ । ଏହି ତୁଳସୀ ଗଛକୁ ନେଇ ଏକ ପ୍ରଶ୍ନ ଉଠେ ତୁଳସୀ ଗଛ ଚଉରା ମାଟିର ରଙ୍ଗ ପରିବର୍ତ୍ତନ କାହିଁକି ହୋଇଯାଏ ? ଏହାର ରଙ୍ଗ ବାଦାମୀରୁ ଲାଲ ନଚେତ୍ ହଳଦିଆ ହୋଇଯାଏ । ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ ତୁଳସୀ ମାଟିରେ ପୁଷ୍ଟି ଅଭାବ ହୁଏ କିମ୍ବା ଜଳବାୟୁର ପ୍ରଭାବକୁ ଦାୟୀ କରାଯାଇପାରେ । କିନ୍ତୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ତୁଳସୀ ମାଟିର ରଙ୍ଗ ପରିବର୍ତ୍ତନ ଗଭୀର ମହତ୍ତ୍ୱ ରଖେ ଏବଂ ମାଟିର ପରିବର୍ତ୍ତିତ ରଙ୍ଗ ସହିତ ଗ୍ରହର ସମ୍ପର୍କ ରହିଛି । ତୁଳସୀ ପାତ୍ରରେ ଥିବା ମାଟି ଯଦି ଲାଲ ହୋଇଯାଏ ତେବେ ଏହା ମଙ୍ଗଳର ପ୍ରଭାବକୁ ସୂଚିତ କରେ । ମଙ୍ଗଳକୁ ଅଗ୍ନି ଏବଂ କ୍ରୋଧର କାରକ ଭାବରେ ବିବେଚନା କରାଯାଏ । ଏହି ଲାଲ ମାଟି ସୂଚାଇଥାଏ କି ପରିବାରର କୌଣସି ସଦସ୍ୟ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଏହା ମଧ ପିତୃ ଦୋଷ କିମ୍ବା ଭୂମି ଦୋଷକୁ ସୂଚାଇଥାଏ । ଏପରି ସମୟରେ, ଜମିବାଡି ସମ୍ବନ୍ଧୀୟ ବିବାଦ କିମ୍ବା ମତଭେଦ ବଢିବାର ସମ୍ଭାବନା ରହିଛି । ଚଉରା ବା ପାତ୍ରକୁ ପ୍ରତିଦିନ ସଫା ରଖିବା ଏବଂ ନିୟମିତ ଭାବରେ ତୁଳସୀ ଗଛକୁ ପୂଜା କରିବା ଦ୍ୱାରା ନକାରାତ୍ମକ ପ୍ରଭାବକୁ ହ୍ରାସ କରାଯାଇପାରିବ । ହଳଦିଆ ରଙ୍ଗର ମାଟି ବୃହସ୍ପତି ଗ୍ରହ ସହ ଜଡିତ । ବୃହସ୍ପତି ଘରେ ସୁଖ, ସୌଭାଗ୍ୟ ଏବଂ ଜ୍ଞାନ ଆଣିଥାଏ । ହଳଦିଆ ମାଟି ସୂଚାଇଥାଏ ଯେ ଘରର ଶୁଭ କାର୍ଯ୍ୟରେ ବାଧାପ୍ରାପ୍ତ, ଆର୍ଥିକ ଅସୁବିଧା, ଅଧ୍ୟାତ୍ମିକ ଶକ୍ତିର ଅଭାବ ଏବଂ ନକାରାତ୍ମକତାର ପ୍ରବେଶର ଆଶଙ୍କା ରହିଛି ।

# ସହାୟତା ପାଇବାକୁ ଶିଷ୍ଟାଚାର ଜାଣିବା ଜରୁରୀ

ମହାଭାରତ ଯୁଦ୍ଧ ହେବା ନିଶ୍ଚିତ ହୋଇସାରିଥିଲା । ଶ୍ରୀକୃଷ୍ଣଙ୍କୁ ନିଜ ପକ୍ଷକୁ ଆଣିବା ଲାଗି ଦୁର୍ଯ୍ୟୋଧନ ଦ୍ୱାରିକାରେ ପହଞ୍ଚିଲେ । ସେବକମାନେ ମନା କରିବା ସତ୍ତ୍ୱେ ସେ ଉଦଣ୍ଡତାପୂର୍ବକ ଶ୍ରୀକୃଷ୍ଣଙ୍କ ଶୟନ କକ୍ଷରେ ପହଞ୍ଚିଗଲେ। ଶ୍ରୀକୃଷ୍ଣ ଶୋଇଥିଲେ । ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କୁ ପାଦ ପାଖରେ ଥିବା ଖାଲି ସ୍ଥାନ ଦେଖି ସେଠାରେ ବସି ଅପେକ୍ଷା କଲେ। କିଛିକ୍ଷଣ ପରେ ସେ ଭାବିଲା, ମୁଁ ତ ରାଜା । କାହାର ପାଦ ପାଖରେ ବସିବା ମୋ ପକ୍ଷେ ଉଚିତ ନୁହେଁ । ଏହା ଭାବି ସେ ଉଠିଲା ଏବଂ ମୁଣ୍ଡ ପାଖରେ ବସି ଶ୍ରୀକୃଷ୍ଣଙ୍କ ନିଦ ଭାଙ୍ଗିବାକୁ ଅପେକ୍ଷା କଲା । ଅର୍ଜୁନ ମଧ ଶ୍ରୀକୃଷ୍ଣଙ୍କ ସହାୟତା ଚାହୁଁଥିଲେ । ସେ କିଛି ସମୟ ପରେ ଶ୍ରୀକୃଷ୍ଣଙ୍କ ଶୟନକକ୍ଷକୁ ଆସିଲେ । କିନ୍ତୁ ଶ୍ରୀକୃଷ୍ଣଙ୍କ ନିକଟରେ ଦୁର୍ଯ୍ୟୋଧନଙ୍କୁ ପୂର୍ବରୁ ବସିଥିବା ଦେଖି ନିରାଶ ହେଲେ। ଅର୍ଜୁନ ସରଳତା ପୂର୍ବକ ଶ୍ରୀକୃଷ୍ଣଙ୍କ ପାଦ ପାଖରେ ବସିଗଲେ । କିଛି ସମୟ ପରେ ଯେତେବେଳେ ଭଗବାନ କୃଷ୍ଣ ଆଖି ଖୋଲିଲେ, ସେ ପ୍ରଥମେ ଅର୍ଜୁନଙ୍କୁ ଦେଖିଲେ । ମାଧବ ପଚାରିଲେ, ତୁମେ କେତେବେଳେ ଆସିଲ ପାର୍ଥ ? ହାତଯୋଡ଼ି ଅର୍ଜୁନ କହିଲେ, ଏଇ ତ' ଏବେ ଆସିଲି । ଦୁର୍ଯ୍ୟୋଧନ ହଠାତ୍ କହିଲା, ମୁଁ ଅର୍ଜୁନଙ୍କ ପୂର୍ବରୁ ଆସି ବସିଛି । ଏଣୁ ପ୍ରଥମେ ଆପଣଙ୍କ ଉପରେ ମୋର ଅଧିକାର ରହିଛି । ଶ୍ରୀକୃଷ୍ଣ କହିଲେ, ହେଲେ ମୁଁ ତ' ପ୍ରଥମେ ଅର୍ଜୁନଙ୍କୁ ଦେଖିଲି । ତୁମେ ରାଜା ହୋଇଥିବା କାରଣରୁ ଅହଂକାରବଶତଃ ମୋ ମୁଣ୍ଡ ପାଖରେ ବସିଲ । ତୁମେ ସନ୍ଧିର ପ୍ରସ୍ତାବ ନେଇ ଆସିଥିଲ । ଅନୁରୋଧ କିମ୍ବା ସହାୟତା ଆଶା ନେଇ ଆସିଥିଲେ ତୁମେ ନିଶ୍ଚୟ ମୋର ପାଦ ପାଖରେ ବସିଥାନ୍ତ । କିନ୍ତୁ ଅର୍ଜୁନ ପ୍ରକୃତରେ ମୋର ସହାୟତା ଚାହେଁ, ସେଥିପାଇଁ ସେ ମୋ ପାଦ ପାଖରେ ବସିଲା । ସେ ସହାୟତାର ଅନୁରୋଧ ନେଇ ଆସିଥିଲା । ଏଣୁ ସେ ମୋର ପାଦ ପାଖରେ ବସିଲା । ଈଶ୍ୱର ସମସ୍ତଙ୍କୁ ମୁଣ୍ଡର ସମ୍ମୁଖ ଭାଗରେ ଆଖି ଦେଇଛନ୍ତି । ସେଥିପାଇଁ ଆଖି ଖୋଲିବା ମାତ୍ରେ ପାଦ ପାଖରେ ବସିଥିବା ଲୋକପ୍ରତି ପ୍ରଥମେ ନଜର ପଡ଼ିଥାଏ । ଶ୍ରୀକୃଷ୍ଣ ପୁଣି କହିଲେ, ସହାୟତା ପାଇଁ ଅନୁରୋଧ କରିବାକୁ ହେଲେ ପ୍ରଥମେ ଶିଷ୍ଟାଚାର ପାଳନ କରିବାକୁ ପଡ଼ିଥାଏ । କିନ୍ତୁ ତାହା ତୁମେ ପାଳନ କରିଲ ନାହିଁ ଦୁର୍ଯ୍ୟୋଧନ । ରାଜାଙ୍କ ଭଳି ବସି କେବଳ ଆଦେଶ ଦିଆଯାଇଥାଏ, ଅନୁରୋଧ କରାଯାଇନଥାଏ । ଦୁର୍ଯ୍ୟୋଧନ ଏଥର ନିଜ ଭୁଲ୍ ବୁଝିପାରିଲେ । ଶିଷ୍ଟାଚାର ପାଳନ କରିନଥିବାରୁ କୃଷ୍ଣ କିନ୍ତୁ ତାଙ୍କୁ ଖାଲି ହାତରେ ଫେରାଇ ଦେଲେ ନାହିଁ । ତାଙ୍କ ଅନୁରୋଧ ଶୁଣିଲେ । ଯୁଦ୍ଧରେ ଶ୍ରୀକୃଷ୍ଣ ଭାଗ ନେବା ଲାଗି ମନା କରିଦେଲେ । ସେ କେବଳ ପରାମର୍ଶ ଦେବା ଲାଗି ରାଜି ହେଲେ । ଦୁର୍ଯ୍ୟୋଧନ ଅହଂକାର ବଳରେ ନାରାୟଣୀ ସେନାର ସହାୟତା ମାଗିଲା । ଶ୍ରୀକୃଷ୍ଣ ଏଥିରେ ରାଜି ହୋଇଗଲେ । ଦୁର୍ଯ୍ୟୋଧନ ପ୍ରସନ୍ନ ହେଲା । ଅର୍ଜୁନଙ୍କ ମୁଖରେ ସ୍ମିତହାସ୍ୟ ଥିଲା । କାରଣ ସେ ଜାଣିଥିଲେ ଶ୍ରୀକୃଷ୍ଣଙ୍କ ତୁଳନାରେ ଲକ୍ଷ ଲକ୍ଷ ସୈନିକ ମଧ ସମାନ ହେବେ ନାହିଁ । ଶ୍ରୀକୃଷ୍ଣଙ୍କୁ ପାଇ ଅର୍ଜୁନ ଭାବୁଥିଲେ, ମୋତେ ସତ୍ୟ, ଧର୍ମ ଏବଂ ନ୍ୟାୟର ସହାୟତା ମିଳିଯାଇଛି । ଏଣୁ ମହାଭାରତ ଯୁଦ୍ଧରେ ଧର୍ମ, ଅର୍ଥାତ୍ ପାଣ୍ଡବମାନଙ୍କର ହିଁ ଜୟ ହେବ । ଶେଷରେ ତାହା ହିଁ ହେଲା ।"



# ମାତା-ପିତା ହେଉଛନ୍ତି ପ୍ରତ୍ୟକ୍ଷ ଈଶ୍ୱର



*ମାତା-ପିତାଙ୍କର କର୍ତ୍ତବ୍ୟ ସଂପର୍କରେ ସନ୍ତାନ ଦୃଷ୍ଟି ଦେବା ଉଚିତ ନୁହେଁ । ସେ ନିଜର କର୍ତ୍ତବ୍ୟ ଉପରେ କେବଳ ଦୃଷ୍ଟି ରଖିବା ଉଚିତ ।*

ମାତା-ପିତାଙ୍କ ସେବାର ତାତ୍ପର୍ଯ୍ୟ ହେଉଛି ସନ୍ତାନ ସକାଶେ ମାତା-ପିତା ଯେପରି କଷ୍ଟ ସହ୍ୟ କରିଥାଆନ୍ତି, ସନ୍ତାନ ଉପରେ ତାଙ୍କର ଋଣ ରହିଥାଏ । ସନ୍ତାନ କେବେ ହେଁ ସେହି ଋଣ ପରିଶୋଧ କରିପାରେ ନାହିଁ । ମା' ସନ୍ତାନ ସକାଶେ ଯେଉଁ ପରିମାଣରେ ସେବା କରିଥାଆନ୍ତି, ସନ୍ତାନ ସେହି ପରିମାଣରେ ସେବା କେବେ ହେଁ କରିପାରେ ନାହିଁ । ଯଦି କୌଣସି ସନ୍ତାନ କୃତଜ୍ଞତା ସ୍ୱରୂପ ସ୍ୱ-ଶରୀରର ଚମଡ଼ା ତିଆରି କରି ଜୋତା ମା'ଙ୍କର ଚରଣରେ ପିନ୍ଧାଇବାକୁ ଇଚ୍ଛା କରେ, ତେବେ ତାକୁ ପଚରା ଯାଇପାରେ ।"ଏହି ଚମଡ଼ା ତୁମେ କେଉଁଠାରୁ ପାଇଲ ? ଏହା ହିଁ ତ ମା'ଙ୍କର ଦାନ । ତାଙ୍କ ଦ୍ୱାରା ପ୍ରଦତ୍ତ ଶରୀରର ଚମଡ଼ା ତାଙ୍କୁ ଅର୍ପଣ କରିବା ଦ୍ୱାରା କି ବଡ଼ କାର୍ଯ୍ୟ କରି ପକାଇଲ ? ଏହା କେବଳ ଦେବାର ମିଥ୍ୟ ଅଭିମାନ" ଠିକ୍ ସେହିପରି ଏହି ଶରୀର ମଧ୍ୟ ପିତାଙ୍କର ନିଜ ଅଂଶଜାତ । ପିତାଙ୍କର ପ୍ରଚେଷ୍ଟାରେ ସନ୍ତାନ ଲେଖାପଢ଼ା ଶିଖେ, ଯୋଗ୍ୟତା ଅର୍ଜନ କରେ ଓ ଭରଣ ପୋଷଣର ବ୍ୟବସ୍ଥା କରେ । ସୁତରାଂ ଏହି ଋଣ କିପରି ପରିଶୋଧ କରାଯାଇ ପାରିବ ? ସେବା କରି ମାତା-ପିତାଙ୍କୁ ସନ୍ତୁଷ୍ଟ କରିପାରିବେ ଏହି ଋଣମୁକ୍ତ ହେବା ସମ୍ଭବ ନୁହେଁ, ମାତ୍ର ତହିଁରୁ କିଛି ନିଷ୍କୃତି ମିଳିପାରେ ନାହିଁ । କେବଳ ଇନ୍ଦ୍ରିୟ ସୁଖ ପାଇଁ ଯେଉଁମାନେ ମିଳିତ ହୁଅନ୍ତି, ସେମାନେ ଭଲ ସନ୍ତାନ ଉତ୍ପନ୍ନ କରନ୍ତି ନାହିଁ। ଯେଉଁ ସ୍ତ୍ରୀ-ପୁରୁଷମାନେ ବିଧି ଅନୁସାରେ କେବଳ ପିତୃଋଣରୁ ମୁକ୍ତ ହେବା ପାଇଁ, ନିଜର ସୁଖ-ଭୋଗରୁ ଉଦ୍ଦେଶ୍ୟ ବିନା ସନ୍ତାନ ଉତ୍ପନ୍ନ କରନ୍ତି, ସେମାନେ ହେଉଛନ୍ତି ସାତ୍ତ୍ୱିକ ମାତା-ପିତା। କିନ୍ତୁ ପ୍ରକୃତପକ୍ଷେ ପିତାମାତା ଯେପରି ହୁଅନ୍ତୁ ନା କାହିଁକି, ପୂଜନୀୟ । କାରଣ ସେମାନେ ମାନବ ଶରୀର ପ୍ରଦାନ କରି ସନ୍ତାନକୁ ପରମାତ୍ମା ଲାଭ ପାଇଁ ଅଧିକାର ଦେଇ ଅଛନ୍ତି । ଉପନିଷଦରେ କଥିତ ଅଛି ଯେ, ଶିକ୍ଷାର୍ଥୀ ଅଧ୍ୟୟନ ଶେଷ କରି ସ୍ନାତକ ରୂପେ ଗୃହରେ ପ୍ରବେଶ କରିବା ପାଇଁ ଗୁରୁଙ୍କର ସମ୍ମତି ନିଏ । ସେତେବେଳେ ଗୁରୁଦେବ ତାଙ୍କୁ ଆଦେଶ ଦିଅନ୍ତି, "ମାତୃଦେବୋ ଭବ", "ପିତୃଦେବୋ ଭବ" ଅର୍ଥାଥ୍ ତୁମେ ମାତା-ପିତାଙ୍କୁ ପ୍ରତ୍ୟକ୍ଷଭାବେ ଈଶ୍ୱର ରୂପେ ମାନି ତାଙ୍କର ଆଦେଶ ପାଳନ କର ଓ ତାଙ୍କର ସେବା କର । ଋଷିମୁନି ଦୀକ୍ଷା ଶେଷରେ ଏହି ଶିକ୍ଷା ଦିଅନ୍ତି ଏବଂ ଏହା ପାଳନ କଲେ ଶିଷ୍ୟର କଲ୍ୟାଣ ହୁଏ । ଅତଏବ ଯାହାଙ୍କ ଦ୍ୱାରା ଏହି ଶରୀର ଗଠିତ ହୋଇଅଛି ତାଙ୍କ-ପ୍ରତି ସନ୍ତାନ କୃତଜ୍ଞ ରହିବା ହିଁ ଉଚିତ। ପ୍ରକୃତରେ ମନୁଷ୍ୟ ଶରୀର ପ୍ରଦାନ କରି ମାତା-ପିତା ସଂସାର ବନ୍ଧନରୁ ଜନ୍ମମୃତ୍ୟୁର ଚକ୍ରରୁ ମୁକ୍ତି ଲାଭ ପାଇଁ ସୁବର୍ଣ୍ଣ ସୁଯୋଗ ଦେଇଥାନ୍ତି । ମାତା ପିତା ସନ୍ତାନକୁ ବନ୍ଧନରେ ପକାଇ ଦିଅନ୍ତି ନାହିଁ କିମ୍ବା ଗୋଳମାଳରେ ପକାଇ ଦେବାର କୌଣସି ଉଦ୍ଦେଶ୍ୟ ରଖି ନ ଥାନ୍ତି । ସେମାନେ ପ୍ରତ୍ୟେକ ପରିସ୍ଥିତିରେ, ସବୁ ସମୟରେ ପିଲାମାନଙ୍କର ମଙ୍ଗଳ କାମନା କରିଥାଆନ୍ତି ଏବଂ ଯାହା କରନ୍ତି ସେମାନଙ୍କର ଭଲ ପାଇଁ ହିଁ କରନ୍ତି । କିନ୍ତୁ ଆମେ ବନ୍ଧନରେ ଓ ଗୋଳମାଳରେ ଜଡ଼ିତ ହୋଇ ଯାଉ । ମାତା-ପିତାଙ୍କର କର୍ତ୍ତବ୍ୟ ସଂପର୍କରେ ସନ୍ତାନ ଦୃଷ୍ଟି ଦେବା ଉଚିତ ନୁହେଁ । ସେ ନିଜର କର୍ତ୍ତବ୍ୟ ଉପରେ କେବଳ ଦୃଷ୍ଟି ରଖିବା ଉଚିତ । ଯେ ନିଜର କର୍ତ୍ତବ୍ୟକୁ ନ ଦେଖି ମାତାପିତାଙ୍କର କର୍ତ୍ତବ୍ୟ ଦିଗରେ ଦୃଷ୍ଟି ଦିଏ ସେ ନିଜର କର୍ତ୍ତବ୍ୟ ପାଳନରୁ ବିଚ୍ୟୁତ ହୁଏ । କୌଣସି ଶାସ୍ତ୍ରରେ କାହାରିକୁ ମାତା-ପିତା କିମ୍ବା ଗୁରୁଜନଙ୍କର କର୍ତ୍ତବ୍ୟ ବିଚାର କରିବାର ଅଧିକାର ଦିଆଯାଇ ନାହିଁ । ପୂରାକାଳରେ ମନୁଷ୍ୟ ଅନ୍ୟର କର୍ତ୍ତବ୍ୟ ସମ୍ବନ୍ଧରେ ବିଚାର ନ କରି, କେବଳ ନିଜର କର୍ତ୍ତବ୍ୟ ପାଳନ ଉପରେ ହିଁ ଦୃଷ୍ଟି ରଖୁଥିଲେ । ଫଳରେ ସେମାନେ ଜୀବନ୍ମୁକ୍ତ ଓ ଭଗବଦ୍ - ଭକ୍ତ ହେଉଥିଲେ । ଯଦି ସେ ଅନ୍ୟର କର୍ତ୍ତବ୍ୟ ଦେଖି ଥାଆନ୍ତେ । ନିଜର ସ୍ୱାର୍ଥ ଦେଖି ଥାଆନ୍ତେ, ତାହାହେଲେ ସେ ବର୍ତ୍ତମାନ ଯୁଗ ପରି ହୋଇ ଥାଆନ୍ତେ। ଯେ ନିଜର କର୍ତ୍ତବ୍ୟ ଉପରେ ଏକାନ୍ତ ଦୃଷ୍ଟି ରଖନ୍ତି ଓ ତାହାକୁ ପାଳନ କରନ୍ତି । କର୍ତ୍ତବ୍ୟ ସମ୍ବନ୍ଧରେ ଗୋଟିଏ ଗୂଢ଼ କଥା ଏହି ଯେ, କେବଳ ମାତ୍ର ନିଜର କର୍ତ୍ତବ୍ୟ ମନେକରି ଯେ ମାତା-ପିତାଙ୍କର ସେବା କରେ, ମାତା-ପିତା ସଙ୍ଗରେ ତାର ସମ୍ବନ୍ଧ-ବିଚ୍ଛେଦ ହୋଇଥାଏ, ମାତା-ପିତା ଚରଣରେ ତାହାର ଶ୍ରଦ୍ଧା ଜନ୍ମେ ନାହିଁ, କିନ୍ତୁ ଯେ ନିଜ ଶରୀରକୁ ମାତା-ପିତାଙ୍କର ହିଁ ମନେ କରି ତତ୍ପରତାର ସହିତ ଏବଂ ସମ୍ମାନ ଓ ଭକ୍ତି ସହିତ ସେବାକରେ, ତାର ମାତାପିତାଙ୍କ ଚରଣରେ ଶ୍ରଦ୍ଧା ଜନ୍ମେ । ସନ୍ତାନ ମାତା-ପିତାଙ୍କର ସେବାକୁ ଜୀବନର ଆଧାର ଓ ଅବଲମ୍ବନ ମନେ କରିବା ଉଚିତ ଏବଂ ନିଜର ମୁଖ୍ୟ କର୍ମ ଭାବିବା ଉଚିତ।

## ଉତ୍କଳ ଗୌରବ ମଧୁବାବୁ ଜୟନ୍ତୀ

ବୁଗୁଡା, (ନିପ୍ର): ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ କଲେଜ ପରିସରରେ ପାଳିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମଧୁବାବୁଙ୍କ ଜୟନ୍ତୀ ଉତ୍ସବରେ କଲେଜର ଅଧ୍ୟକ୍ଷ ଡକ୍ଟର ପୁରୁଷୋତ୍ତମ ମିଶ୍ର ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ କଲେଜର ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ, ସମ୍ମାନିତ ଅତିଥି ଭାବେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଡକ୍ଟର ଜୟରାମ ବିଷୋୟୀ, ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ଆତ୍ମ ପ୍ରକାଶ ନାୟକ, କ୍ରୀଡା ଅଧ୍ୟାପକ କ୍ରିଷ୍ଣା ରାଓ ପାତ୍ର ଏବଂ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ପବିତ୍ର ଖଣ୍ଡୁଆଳ ଓ ଲୋକନାଥ ବେହେରା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅତିଥି ବୃନ୍ଦ ସେମାନଙ୍କ ବକ୍ତବ୍ୟରେ ମଧୁବାବୁଙ୍କ ଅସୀମ ତ୍ୟାଗ ଓ ଓଡ଼ିଶା ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ଓ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶିକ୍ଷିତ, ଗୁଣବାନ, ଚରିତ୍ରବାନ ଓ ଜାତିପ୍ରେମୀ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

## ରଣପୁରରେ ସ୍ୱାଭିମାନ ଦିବସ

ରଣପୁର(ନିପ୍ର): ନୟାଗଡ଼ ଜିଲ୍ଲା ରଣପୁର ପୁରୁଣା କୋର୍ଟ ବାର ଆସୋସିଏସନରେ ସମ୍ବାଦ ଆମ ଓଡିଶା ଡାକରାରେ ରଣପୁର ସାହିତ୍ୟ ଘର ପରିବାର ତରଫରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀରେ ସ୍ୱାଭିମାନ ଦିବସ ଏପ୍ରିଲ ୨୮ ତାରିଖରେ ପାଳିତ ହୋଇଯାଇଛି। ରଣପୁର ବାର ଆସୋସିଏସନ ସଭାପତି ସୁବାସ ଜେନା ମୁଖ୍ୟ ଅତିଥି ଓ ସମ୍ପାଦକ ଉମେଶ ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରଣପୁର ସାହିତ୍ୟ ଘର ସଂଯୋଜିକା ପ୍ରଧାନ ଶିକ୍ଷୟତ୍ରୀ ବିଦେଶିନୀ ପତି ମୁଖ୍ୟ ଅତିଥି ଜେନା ଓ ସମ୍ମାନୀତ ଅତିଥି ସାହୁଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋ ଚିତ୍ରରେ ପୁଷ୍ପ ଓ ଧୂପ ଦେଇଥିଲେ। ମୁଖ୍ୟ ଅତିଥି ସମ୍ମାନିତ ଅତିଥି, ସାହିତ୍ୟ ଘର ସଭାପତି ଉମାକାନ୍ତ ଦାସ, ସମ୍ପାଦକ ଅଶୋକ କୁମାର ଦାଶ, ଶତ୍ରୁଂଘ୍ନ ପାଇକରାୟ, ବିଦେଶିନୀ ପତି, ଆଇନଜୀବୀ କୃପାସିନ୍ଧୁ ବେହେରା ଆଦି ମଧୁସୁଦନ ଦାସଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଭୂମିକା ସହ ଓଡିଶା ପାଇଁ ଆଣିଥିବା ଗୌରବ ଉପରେ ଆଲୋକପାତ କରିଥିଲେ। ଏଥିରେ ରଣପୁର ବାର ଆସୋସିଏସନ ସଭ୍ୟମାନେ, ସାହିତ୍ୟଘର ପରିବାର, ମୋହରିର ସଙ୍ଘ କମ୍ୟୁନିଷ୍ଟ ପାର୍ଟିର କମ୍ରେଡ ସୁରେଶ ସ୍ୱାଇଁ ଆଦି ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନଙ୍କ ଫଟୋଚିତ୍ର ରେ ଶ୍ରଦ୍ଧା ସୁମନ ଅର୍ପଣ କରଥିଲେ।

## ନୂତନ ରାଜ୍ୟସଭା ସାଂସଦଙ୍କ ଶ୍ରୀରାମ ମନ୍ଦିର ପରିଦର୍ଶନ

ଭାପୁର (ନିପ୍ର): ନୂତନ ଭାବରେ ନିର୍ବାଚିତ ହୋଇଥିବା ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ମଙ୍ଗଳବାର ଦିନ ଦ୍ୱିତୀୟ ଅଯୋଧ୍ୟା ରୂପେ ପରିଚିତ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଗ୍ରାମରେ ଅବସ୍ଥିତ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରି ଫେରିଛନ୍ତି। ସାଂସଦ ଙ୍କୁ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମାଜସେବୀ ସନ୍ତୋଷ ତ୍ରିପାଠୀ,ନିରଞ୍ଜନ ବେହେରା, ଚିତରଞ୍ଜନ ସୁବୁଦ୍ଧି ଆଦି ଭବ୍ୟ ସ୍ୱାଗତ କରି ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରେଇଥିଲେ। ଶ୍ରୀରାମ ସଂଗଠନ ପକ୍ଷରୁ ସାଂସଦଙ୍କୁ ମନ୍ଦିରର ଏକ ପ୍ରତିମୂର୍ତ୍ତି ପ୍ରଦାନ କରାଯାଇଥିଲା। ତାପରେ, ସେମାନେ ଏସିଆ ମହାଦେଶର ସର୍ବବୃହତ ଉଷ୍ଣପ୍ରଶବଣ ଗୋଳାପୋଖରୀ ପଞ୍ଚାୟତ ଅନ୍ତର୍ଗତ ତରବାଲୋ ଗ୍ରାମକୁ ଯାଇ ଉଷ୍ଣପ୍ରସବଣ ପରିଦର୍ଶନ କରି ଫେରିଥିଲେ।

## ଇନୋଭେସନ୍ ଓ ଷ୍ଟାଟ୍‌ଅପ୍ ପ୍ରୋଗ୍ରାମ ଉଦ୍‌ଯାପିତ




ଭଦ୍ରକ(ନିପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଇନୋଭେସନ୍ ଓ ଷ୍ଟାଟଅପ୍ ପ୍ରୋଗ୍ରାମ୍‌ର ଉଦ୍‌ଯାପନ ସମାରୋହ ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାରୋହରେ ମୁଖ୍ୟ ଅତିଥିଭାବେ ସମାଜସେବୀ ତଥା ଫେଲୋସିପ୍‌ର ସଭାପତି ଲଲାଟେନ୍ଦୁ ମହାନ୍ତି, ମୁଖ୍ୟବକ୍ତା ପଣ୍ଡିତ ଦୈତ୍ୟାରି ମହାପାତ୍ର, ବିଶିଷ୍ଟ ଅତିଥି ଶିକ୍ଷାବିତ୍ ଡ଼ଃ ପ୍ରଭାତ କୁମାର ମହାନ୍ତି ଓ ସମ୍ମାନିତ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ କୃପାସିନ୍ଧୁ ନାୟକ ପ୍ରମୁଖ ଯୋଗଦେଇ ଇନୋଭେସନ୍ ଓ ଷ୍ଟାଟ୍ ଅପ୍ ପ୍ରୋଗ୍ରାମ୍‌ର ଆଭିମୁଖ୍ୟ ପ୍ରଦାନ କରିବା ସଂଗେ ସଂଗେ କିପରି ଛାତ୍ରସମାଜ ଆତ୍ମନିର୍ଭରଶୀଳ ହୋଇପାରିବ ଉକ୍ତ ବିଷୟରେ ଅତିଥିମାନେ ପୃଥକ ପୃଥକ ବକ୍ତବ୍ୟମାନ ରଖିଥିଲେ । ପ୍ରୋଗ୍ରାମର ସଂଯୋଜକ ଅଧ୍ୟାପକ ଶୁକଦେବ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲା ବେଳେ ପଣ୍ଡିତ ମଧୁସୂଦନ ତ୍ରିପାଠୀ ବେଦପାଠ କରିଥିଲେ । ମୁଖ୍ୟ ଅତିଥି ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସର୍ବଶ୍ରୀ ଅଧ୍ୟାପିକା ସ୍ୱର୍ଣ୍ଣଲତା ପାକଳ, ଗୌରାଙ୍ଗ ଦାସ ଓ ଆଶୁତୋଷ ସିଂ ପ୍ରମୁଖ ମଞ୍ଚ ପରିଚାଳନା କରିଥିବା ବେଳେ ଶ୍ରୀ ଅକ୍ଷୟ କୁମାର ପାଣିଗ୍ରାହୀ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲୋ

## ଆସୁନାହାନ୍ତି ଡାକ୍ତର, ରୋଗୀସେବା ବ୍ୟାହତ

# ଫାର୍ମାସିଷ୍ଟଙ୍କ ଭରସାରେ ଗୋଛରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର




କୁଚିଣ୍ଡା(ନିପ୍ର): ସ୍ୱାସ୍ଥ୍ୟ ସେବା ତ୍ରୁଟିକୁ ବରଦାସ୍ତ କରାଯିବ ନାହିଁ ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବା ଚିତ୍ର ସମ୍ପୂର୍ଣ୍ଣ ଅଲଗା। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଗୋଛରାଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ଆୟୁଷ୍ମାନ ଆରୋଗ୍ୟ ମନ୍ଦିର)ରେ ୨ଜଣ ଡାକ୍ତର ନିଯୁକ୍ତି ପାଇଥିବା ବେଳେ ଅଧିକାଂଶ ଦିନ ଅନୁପସ୍ଥିତ ଯୋଗୁଁ ରୋଗୀ ସେବାରେ ବ୍ୟାହତ ହୋଇଛି। ଫାର୍ମାସିଷ୍ଟଙ୍କ ଭରସାରେ ହିଁ ଚାଲିଛି ସ୍ୱାସ୍ଥ୍ୟ କେନ୍ଦ୍ର ବୋଲି ଗୋଛରା ଗ୍ରାମବାସୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ସମ୍ବଲପୁର ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଗୋଛରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକ୍ଷକଙ୍କ ସହ ଜଣେ ଆୟୁଷ ଡାକ୍ତରଙ୍କୁ ରୋଗୀସେବା ପାଇଁ ନିଯୁକ୍ତି ଦିଆଯାଇଛି। ହେଲେ ମାସର ଅଧିକାଂଶ ଦିନ ଡାକ୍ତରମାନେ ଅନୁପସ୍ଥିତ ରହୁଥିବା ଯୋଗୁଁ ରୋଗୀ ସେବାରେ ଗୁରୁତର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କୁ ବାଧ୍ୟ ହୋଇ ଫାର୍ମାସିଷ୍ଟ ଚିକିତ୍ସା କରୁଛନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଗୋଛରା ପଞ୍ଚାୟତର ଗୋଛରା, କହ୍ଲେଇପାଲି, ଉଲୁଣ୍ଡା, କହ୍ଲପଡା, ଲଇଗୁରା, ଗୁରୁଆଁ, ଅନ୍ଧାରିପାଲି ଓ ଜେନାପଡା, ବାଙ୍କେ ପଞ୍ଚାୟତର ବାଙ୍କେ, କଟୁପାଲି, ଗୋପାଳପାଲି, ଡମନଗୋଡା ଓ ଖଲିଆମୁଣ୍ଡା, ମହୁଲପାଲି ପଞ୍ଚାୟତର ଲାଙ୍ଗପୋଷ ଓ ରାଜବନ୍ଧ ଏବଂ ତେଲିଡିଲେଇମାଲ ପଞ୍ଚାୟତର ଓରାମନିକ୍ତିମାଲ ଓ ରାମଝାଲି ଆଦି ଗ୍ରାମର ଜନସାଧାରଣ ନିର୍ଭର କରନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡ଼ା. ଆଦର୍ଶ ସ୍ୱାଇଁ କହନ୍ତି ସେ ମାସର ଅଧିକାଂଶ ଦିନ ସେକ୍ଟର ମିଟିଂ, କ୍ଷେତ୍ର ପରିଦର୍ଶନ ସହ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବାରୁ ତାଙ୍କ ଅନୁପସ୍ଥିତରେ ଆୟୁଷ ଡାକ୍ତର ଲଲାଟେନ୍ଦୁ ସେଠୀ ରୋଗୀ ଦେଖିବା କଥା। କିନ୍ତୁ ଏଥିରେ ସେ ଅବହେଳା କରୁଥିବା ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି। ଏ ସମ୍ପର୍କରେ ଡା.ଲଲାଟେନ୍ଦୁ ସେଠୀଙ୍କୁ ପଚାରିବାରେ ଅଭିଯୋଗ ଭିତ୍ତିହୀନ ବୋଲି କହି ବ୍ୟକ୍ତିଗତ ଅସୁବିଧା କାରଣରୁ ଛୁଟିରେ ରହିଥିବା କହିଛନ୍ତି।

## ଚନ୍ଦନ ଯାତ୍ରା ବିବାଦ ଦୂର ହେଉ: ସେବା ସଂଗଠନ



ଭୁବନେଶ୍ୱର(ନିପ୍ର): ମହାପ୍ରଭୁ ଲିଙ୍ଗରାଜ ଅକ୍ଷୟ ତୃତୀୟାରୁ ବିନ୍ଦୁସାଗରରେ ଚାପ ଖେଳନ୍ତି। ଚନ୍ଦନ ଯାତ୍ରାରେ କପିଳେଶ୍ୱର ଗ୍ରାମର କପିଳ ନାଥ, ବାସୁଦେବ, ଦୁର୍ଗାଙ୍କ ସହିତ ମହାପ୍ରଭୁ ଲିଙ୍ଗରାଜଙ୍କ ସହ ବିରାଜମାନ ହୁଅନ୍ତି। ଏହି ଅପୂର୍ବ ଶୋଭା ଦେଖିବା ପାଇଁ ବିଭିନ୍ନ ସ୍ଥାନରୁ ଜନସାଧାରଣ ଛୁଟି ଆସନ୍ତି।ଏହି ଦର୍ଶନ ଦ୍ୱାରା ପାପତାପ ଦୂର ହୋଇ ସଂସାର ବନ୍ଧନରୁ ମୁକ୍ତି ମିଳିଥାଏ ବୋଲି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି।କ୍ଷୋଭର ବିଷୟ ଯେ,୨୦୧୬ ମସିହା ଠାରୁ କପିଳେଶ୍ୱରର ଦୁଇ ସେବାୟତ ଗୋଷ୍ଠୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇ କଥା କଚେରି ପର୍ଯ୍ୟନ୍ତ ଗତି କଲା। ତାହା ଏ ଯାବତ୍ ସମାଧାନ ହୋଇପାରିନାହିଁ। ଲୋକବିଶ୍ୱାସ ଅନୁଯାୟୀ , ଲିଙ୍ଗରାଜ ରାଜା ଓ କପିଳନାଥ ତାଙ୍କ ମନ୍ତ୍ରୀ। ତେଣୁ ରାଜାଙ୍କ ସହ ମନ୍ତ୍ରୀ ରହିବା ସ୍ୱାଭାବିକ। କପିଳେଶ୍ୱରରେ ଥିବା ମଣିକର୍ଣ୍ଣିକା ପୁଷ୍କରିଣୀରେ କପିଳନାଥଙ୍କ ଚାପ ବା ଚନ୍ଦନ ଯାତ୍ରା କରାଯାଉଛି। ବିନା ରାଜାରେ ମନ୍ତ୍ରୀ ମହାଶୟ (କପିଳନାଥ)ଙ୍କ ଚାପ ଖେଳାକୁ ବହୁ ଶ୍ରଦ୍ଧାଳୁ ଅପ୍ରାସଙ୍ଗିକ ଲାଗୁଥିବା କହିଛନ୍ତି ବୋଲି ସେବା ପ୍ରତିନିଧି ସଂଗଠନ ମୁଖ୍ୟ ସମାଜସେବୀ ନୀଳମଣି ମିଶ୍ର ମତ ରଖିଛନ୍ତି। ଶ୍ରୀ ମିଶ୍ର ଦେବୋତ୍ତର କମିଶନରଙ୍କୁ ଲିଙ୍ଗରାଜ ମହାପ୍ରଭୁ ଓ କପିଳନାଥଙ୍କ ବିଷୟରେ ଏକ ସ୍ଥାୟୀ ସମାଧାନ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ପ୍ରକାଶ କରିଛନ୍ତି। ଏ ନେଇ ବିକ୍ଷୋଭ ଲିଙ୍ଗରାଜ ମନ୍ଦିର ନିକଟରେ ପ୍ରଦର୍ଶନ କରାଯାଇଥିଲା ଓ ଏଥିରେ ଅଶୋକ କୁମାର ମହାରଣା, ଗିରିଜା ଶଙ୍କର ମହାପାତ୍ର, ତାରା ଚରଣ ଆଚାର୍ଯ୍ୟ, ଭୁବନେଶ୍ୱରୀ ମିଶ୍ର, ସତ୍ୟନାରାୟଣ ମିଶ୍ର, ଶିଶିର ରଥ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଭାଗ ନେଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ଅଧିବେଶନ

ନିମାପଡ଼ା,(ନି.ପ୍ର.): ନିମାପଡ଼ା ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ଅଧିବେଶନ ସ୍ଥାନୀୟ ରବୀନ୍ଦ୍ର କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ଦିନ ଅନୁଷ୍ଠିତ ହୋଇ ବିଭିନ୍ନ ସମସ୍ୟା ଓ ସମାଧାନ ଦିଗରେ ଆଲୋଚନା ହୋଇଥିଲା । ସଭାପତି ପ୍ରମୋଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂପାଦକ ଦିଗମ୍ବର ନାୟକ ସ୍ୱାଗତ ସୂଚନା ଦେଇ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ଅଜୟ ସ୍ୱାଇଁ ବାର୍ଷିକ ଆୟବ୍ୟୟ ଉପସ୍ଥାପନ କରି ପ୍ରତ୍ୟେକ ସଭ୍ୟ ସଂଗଠନକୁ ମଜବୁତ କରିବା ପାଇଁ ସହଯୋଗ କାମନା କରିଥିଲେ । ଅନୁଷ୍ଠାନର ସଭ୍ୟ ଚିତ ରଂଜନ ସେନାପତି, ଉପ-ସଭାପତି କୃଷ୍ଣ ମୋହନ ବେହେରା, ସହ ସଂପାଦକ ଦୀନବନ୍ଧୁ ମଲ୍ଲିକ, ସଭ୍ୟ ପ୍ରଶାନ୍ତ ସାହୁ, ସୁରେନ୍ଦ୍ର ସାହୁ, ଲକ୍ଷ୍ମୀଧର ପଣ୍ଡା, ସୁଧୀର ନାୟକ, କାର୍ଯ୍ୟକାରୀ କମିଟି ସଭ୍ୟ ଗଦାଧର ପରିଡ଼ା, ସଭ୍ୟ କୃଷ୍ଣଚନ୍ଦ୍ର ପାତ୍ର, ଡ଼ଃ ଅମୂଲ୍ୟ ଦାଶ, ବାବୁଲି ମହାପାତ୍ର, ନିରନ ସ୍ୱାଇଁଙ୍କ ସମେତ ୬୦ରୁ ଉର୍ଦ୍ଧ୍ୱ ସଭ୍ୟ/ସଭ୍ୟା ଯୋଗ ଦେଇ ସରକାରଙ୍କ ଯୋଜନା ସଂପର୍କରେ ଅବଗତ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ

ଭଦ୍ରକ ତା ୨୮ ।୦୪ ।୨୦୨୬ ରିଖ : ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦ□ କାର୍ଯକ୍ରମ ଅନୁସାରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ତଥା ବାସୁଦେବପୁର, ଚାନ୍ଦବାଲି ଏବଂ ଧାମନଗର ତାଲୁକରେ ଥିବା ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ ଜେନା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ପରିଚାଳନା କରିଥିଲେ। ଜିଲ୍ଲା ନ୍ୟାୟାଳୟର ବିଚାରପତି ବୃନ୍ଦ ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଶିକ୍ଷଣ କରାଇଥିଲେ। ସମାଜରେ ଜଣେ ସ୍ୱେଚ୍ଛାସେବୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କାର୍ଯ୍ୟକ୍ରମ ଓ ନାଲସାର ବିଭିନ୍ନ ଲୋକହିତକାରୀ ଯୋଜନାମାନ ସବୁକୁ ଗରିବ ତଥା ଅବହେଳିତ ଏବଂ ନିଷ୍ପେସିତ ମାନଙ୍କ ନିକଟରେ ପହ□ାଇବା ଏବଂ ସମ୍ପ୍ରଦାୟ ମଧ୍ୟରେ ଛୋଟମୋଟ ବିବାଦର ମାମଲା ବିନା ସୌହାର୍ଦ୍ଦପୂର୍ଣ୍ଣ ସମାଧାନରେ ସାହାଯ୍ୟ କରିବା, ହିଂସା, ଅପରାଧ କିମ୍ବା ଉତ୍ପୀଡ଼ନର ଶିକାର ମହିଳାମାନଙ୍କୁ ପ୍ରାରମ୍ଭିକ ସହାୟତା ପ୍ରଦାନ କରିବା, ସେମାନଙ୍କୁ ପୋଲିସ ଷ୍ଟେସନ ଏବଂ କୋର୍ଟକୁ ଯିବାରେ ସହାୟତା କରିବା ହେଉଛି ସ୍ୱେଚ୍ଛାସେବୀ ମାନଙ୍କର ମୁଖ୍ୟ ଭୂମିକା। ତେଣୁ ସ୍ୱେଚ୍ଛାସେବୀ ହେଉଛନ୍ତି ଆଇନଗତ ବ୍ୟବସ୍ଥା ଏବଂ ସମ୍ପ୍ରଦାୟ ମଧ୍ୟରେ ମଧ୍ୟସ୍ଥି କହିଲେ ଅତ୍ୟୁକ୍ତି ହେବ ନାହିଁ।

## କିଡ୍‌ନୀ ପୀଡ଼ିତ ରୋଗୀଙ୍କୁ ସହାୟତାର ହାତ ବଢ଼ାଇଲେ ଖୋର୍ଦ୍ଧା ଜିଲ୍ଲା ବିଜେପି ଉପସଭାପତି ଓ ସାମ୍ବାଦିକ



ବୋଲଗଡ଼,(ନିପ୍ର ):ଦିନଲିପି ଓ ଅକ୍ଷର ଓଡିଶା ନ୍ୟୁଜ ଖବର କାଗଜରେ ଖବର ପ୍ରସାରଣ ହେବା ପରେ କିଡନୀ ରୋଗରେ ପୀଡ଼ିତ ରୋଗୀକୁ ସହାୟତା କରି ମାନବିକତାର ଉଦାହରଣ ସାଜିଲେ ଖୋର୍ଦ୍ଧା ଜିଲ୍ଲା ବିଜେପି ଉପସଭାପତି ବାସୁଦେବ ସାହୁ ଓ ସାମ୍ବାଦିକ ମାନସ କୁମାର ସାହୁ । ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ବୋଲଗଡ଼ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମର୍ଦ୍ଦାବାଡ଼ି ଗ୍ରାମର ପ୍ରସନ୍ନ ବେହେରା (୪୦) ନାମକ ଜଣେ ଯୁବକ କିଡନି ରୋଗରେ ପିଡ଼ିତ ହୋଇଛନ୍ତି। ସେ ଦୀର୍ଘଦିନ ହେବ ଦିନ ମଜୁରିଆ ଭାବେ କାମ କରୁଥିଲେ । ପରିବାରର ଏକ ମାତ୍ର ରୋଜଗାର କ୍ଷମ ହୋଇ ଥିବାରୁ ପରିବାର ପ୍ରତିପୋଷଣ ପାଇଁ ଅର୍ଥ ଅଭାବ ଦେଖା ଦେଇଛି। ମାଡ଼ି ବସିଛି ରୋଗ। ଦୁଇ କିଡ୍‌ନୀ ଅକାମୀ। ରୋଗ ପାଇଁ ଯାଇଛି ରୋଜଗାର । ଔଷଧ କିଣିବାକୁ ସମ୍ବଳ ନାହିଁ । ରାତି ପାହିଲେ ଗୋଟିଏ ଚିନ୍ତା ପରିବାର ଚଳିବ କେମିତି। ଏଭଳିସ୍ଥିତିରେ ଦହଗଞ୍ଜ ହେଉଛନ୍ତି। ବାପାଙ୍କ ଏପରି ଅବସ୍ଥା ଦେଖି ପାଠପଢ଼ା ବୟସର ପୁଅ ବାଧ୍ୟ ହୋଇ କାଠ କାମ କରିବାକୁ ଯାଉଛି। ତାଙ୍କର ଗୋଟିଏ ପୁଅ ଏବଂ ଗୋଟେ ଝିଅ ସେମାନେ ପାଠ ପଢୁଛନ୍ତି ରୋଜଗର କ୍ଷମ ହେଇ ନଥିବା ବେଳେ ପ୍ରସନ୍ନଙ୍କ ଚିକିତ୍ସା ପାଇଁ ଅର୍ଥ ମିଳିବା ବହୁ କଷ୍ଟସାଧ୍ୟ ହୋଇପଡ଼ିଛି। ତେବେ ସପ୍ତାହକେ ତିନି ଥର ଡାଇଲେସିସ ହେଉଥିବା ପ୍ରସନ୍ନଙ୍କ ଅର୍ଥାଭାବରୁ ଚିକିତ୍ସାରେ ସମସ୍ୟା ହେଉଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ବିଜେପି ଉପସଭାପତି ବାସୁଦେବ ସାହୁ ଓ ସାମ୍ବାଦିକ ମାନସ କୁମାର ସାହୁ ସହାୟତାର ହାତ ବଢ଼ାଇ ରୋଗୀଙ୍କ ପାଇଁ ଆଶାର କିରଣ ପାଲଟିଛନ୍ତି । ଖୋର୍ଦ୍ଧାଜିଲ୍ଲା ବିଜେପି ଉପସଭାପତି ବାସୁଦେବ ସାହୁ ଓ ବୋଲଗଡ଼ - ବେଗୁନିଆ ବିଧାୟକ ପାର୍ଥ ପ୍ରକାଶ ଚନ୍ଦ୍ର ରଣବିଜୁଳି ଆଗେଇ ଆସି ସହାୟତାର ହାତ ବଢ଼ାଇ ଥିବାବେଳେ ଚିକିତ୍ସା ଖର୍ଚ୍ଚ, ଡାଇଲିସିଷ ସହ କିଡ଼ନୀ ପ୍ରତିରୋପ ପାଇଁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଆର୍ଥିକ ସହାୟତା ଓ ଆବଶ୍ୟକ ପଡିଲେ ସେ ସମ୍ପୂର୍ଣ୍ଣ ସହଯୋଗ କରିବା ନିମନ୍ତେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ବୋଲଗଡ଼ ବ୍ଲକରେ 'ନେତା ମା କମାଲ ରାଜନୀତି ପ୍ରବଳ, ଲୋକମାନଙ୍କ ସେବା କ୍ଷେତ୍ରରେ ଦୁର୍ବଳ 'ବୋଲି ସାଧାରଣରେ ଚର୍ଚ୍ଚ ହେଉଛି।

## ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ

ପୁରୀ(ନିପ୍ର): ପୁରୀ ଜିଲ୍ଲା ସ୍ତରୀୟ ରବି ଋତୁ ଧାନ ସଂଗ୍ରହ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଗତକାଲି ସଂଧ୍ୟାରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ରବି ଧାନ ସଂଗ୍ରହ ମଇ ମାସ ୧୫ ତାରିଖ ଠାରୁ ଆରମ୍ଭ କରାଯିବ ବୋଲି ସ୍ଥିର ହୋଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଖରିଫ ଧାନ ସଂଗ୍ରହ ପରି ରବି ଧାନ ସଂଗ୍ରହକୁ ସମସ୍ତଙ୍କ ଉଦ୍ୟମ ରେ ସଫଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୃଷକ ମାନେ ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟା ର ସମ୍ମୁଖୀନ ନ ହୁଅନ୍ତି ସେଥି ପ୍ରତି ଯତ୍ନବାନ ହେବା, ଧାନ ମଣ୍ଡି ଗୁଡିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବା, ଧାନ ସଂଗ୍ରହ ଉପକରଣ ସବୁ କୁ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ୨୨୨୩୬ କୃଷକ ନାମ ପଞ୍ଜିକରଣ କରିଛନ୍ତି।

## କୁଚିଣ୍ଡାରେ ମଧୁବାବୁ ଜୟନ୍ତୀ, ଓକିଲ ଦିବସ




କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ମଧୁସୂଦନ ଜୟନ୍ତୀ ଏବଂ ଓକିଲ ଦିବସ ପାଳିତ ହୋଇଯାଇଛି। ଓକିଲ ସଂଘ ସଭାପତି ଅଇଁଠୁ ରାଉତଙ୍କ ସଭାପତିତ୍ୱରେ ହୋଇଥିବା ସମାରୋହରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମେ ମନ୍ତ୍ରୀ ନାଏକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ମଧୁବାବୁ ଜଣେ ସ୍ୱାଭିମାନ ବ୍ୟକ୍ତି ଥିଲେ। ନ୍ୟାୟ ପାଇଁ ତାଙ୍କ ଅତୁଟ ସଂଗ୍ରାମ ଓ କର୍ତ୍ତବ୍ୟନିଷ୍ଠ ଜୀବନୀ ଆମ ସମସ୍ତଙ୍କ ପାଇଁ ସଦା ପ୍ରେରଣାର ଉତ୍ସ ହୋଇରହିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସ ସମ୍ମାନିତ ଅତିଥି ,ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦୀପ କୁମାର ଦାଶ ମୁଖ୍ୟବକ୍ତା ଭାବେ ଦେଇଥିଲେ। ପରେ ମନ୍ତ୍ରୀ ନାଏକ ଓକିଲ ସଂଘର ସଦସ୍ୟଙ୍କ ବିଭିନ୍ନ ସମସ୍ୟା ଓ ସମାଜ ପ୍ରତି ସେମାନଙ୍କ ଦାୟିତ୍ୱବୋଧ ବିଷୟରେ ଆଲୋଚନା କରିଥିଲେ। ଶେଷରେ ଓକିଲ ସଂଘ ସମ୍ପାଦକ ଅସିତ କୁମାର ଗଙ୍ଗଦେବ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନଜୀବୀ ଦିବସ

ନିମାପଡ଼ା(ନି.ପ୍ର.): ଓଡ଼ିଆ ସ୍ୱାଭିମାନର ପ୍ରତୀକ ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ଜୟନ୍ତୀ ଉତ୍ସବ ସ୍ଥାନୀୟ ତହସିଲ ପ୍ରଶାସନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ବାର ଆସୋସିଏସନ୍ ଓ ମୋହରୀର ସଂଘ ସହଯୋଗରେ ଆୟୋଜିତ ଉତ୍ସବରେ ଆସୋସିଏସନ୍ ସଭାପତି ଅଭିମନ୍ୟୁ ସ୍ୱାଇଁ ଅଧ୍ୟକ୍ଷତା କରି ଖଣ୍ଡ ବିଖଣ୍ଡିତ ଉତ୍କଳ ପ୍ରଦେଶକୁ ଏକତ୍ର କରିବା ପାଇଁ ସେ ଉତ୍କଳ ସମ୍ମିଳନୀ ଗଠନ କରିଥିଲେ। ଅତିଥି ଭାବେ ତହସିଲଦାର ମନୋଜ ପ୍ରଧାନ, ଅତିରିକ୍ତ ତହସିଲଦାର ନିରନ ନାୟକ, କେ.ଭି. ରାଓ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ମଧୁବାବୁ ପ୍ରଥମ ଓଡ଼ିଆ ଆଇନଜୀବୀ ଥାଇ ଓଡ଼ିଆ ମାନଙ୍କ ପାଇଁ ଆଇନ ଶିକ୍ଷା ଓ ବୃତି ପାଇଁ ଉଦ୍ୟମ ଜାରି କରି ସଫଳତା ଲାଭ କରିଥିଲେ। ଆଇନଜୀବୀ ରାମକୃଷ୍ଣ ମିଶ୍ର, ହରିବଲ୍ଲଭ ମିଶ୍ର, ବିଜୟ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ, ପ୍ରସନ୍ନ ପଣ୍ଡା, ପ୍ରଭାକର ଜେନା, ପ୍ରଭାତ ନାୟକ, ବିପିନ ମହାଁ, ଦିଲ୍ଲୀପ ପଟ୍ଟନାୟକ, ଉପ-ସଭାପତି ଦୁର୍ଯ୍ୟୋଧନ ବାରିକ, ସଂପାଦକ ପୁଷ୍ପଜିତ ପରିଡ଼ା, ନୀଳମଣି ପରିଡ଼ା, ସରୋଜ ମହାନ୍ତି ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରାଇ ଥିଲେ ।

## ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ



ନିରାକାରପୁର(ନିପ୍ର):ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପରିସରରେ ଆଜି କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ସାହିତ୍ୟ ସଂସଦ ଓ 'ସହଯୋଗ' ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ନିରାକାରପୁର ଶାନ୍ତି ପ୍ରତିଷ୍ଠାନର ପ୍ରତିଷ୍ଠାତା ତଥା ବିଶିଷ୍ଟ ପ୍ରବକ୍ତା ଡ. ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବକ୍ତାମାନେ ମଧୁବାବୁଙ୍କ ଓଡ଼ିଶା ଗଠନରେ ଅବଦାନ ଓ ତାଙ୍କର ସ୍ୱାଭିମାନୀ ଜୀବନୀ ଉପରେ ଆଲୋକପାତ କରିଥିଲେ। ତାଙ୍କ ଭଳି ଜଣେ ଯୁଗପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ବାଇଧର ପ୍ରଧାନ, ଶଙ୍କର୍ଷଣ ପ୍ରଧାନ, ଶ୍ୟାମ ସୁନ୍ଦର ପଟ୍ଟନାୟକ, ପ୍ରସାଦ କୁମାର ଦାସ, ବିଭୂତି ଭୂଷଣ ଦାଶ, ଗୋବିନ୍ଦ ଚନ୍ଦ୍ର ବିଶୋଇ, ପଦିଆ କାଣ୍ଡି, ରବୀନ୍ଦ୍ର କାଣ୍ଡି, ବୈନେତ୍ୟ ନାରାୟଣ ଦାଶ, ଗଣେଶ ମହାପାତ୍ର, ନାଗେଶ୍ୱର ପ୍ରଧାନ , ସାଇଶ୍ରୀ ଅନୁରାଗ, ପ୍ରଭାସିନୀ ପ୍ରଧାନ, ତେଜସ୍ୱିନୀ ଦାଶ, ଇନ୍ଦିରା ପ୍ରିୟଦର୍ଶିନୀ ଦାଶ ଓ ବିକ୍ରମ କେଶରୀ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ସଭା ଶେଷରେ 'ସହଯୋଗ' ଅନୁଷ୍ଠାନର ଆବାହକ ହିମାଂଶୁ ଭୁଷଣ ଚମ୍ପତିରାୟ ସମସ୍ତ ଅତିଥି ଓ ଉପସ୍ଥିତ ସଦସ୍ୟଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଉଦ୍ଧାର ବଜ୍ରକାପ୍ତା ନନ୍ଦନକାନନ ଆସିବ

ଭୁବନେଶ୍ୱର(ନିପ୍ର): କଟକ ଗ୍ରାମରୁ ଉଦ୍ଧାର ପାଙ୍ଗୋଲିନ୍ ବା ବଜ୍ରକାପ୍ତା ନନ୍ଦନକାନନ୍ ଚିଡ଼ିଆଖାନାକୁ ସ୍ଥାନାନ୍ତରିତ ହୋଇଛି । କଟକ ଜିଲ୍ଲାର ଫୁଲନଖରା ବନାଞ୍ଚଳ ଅନ୍ତର୍ଗତ ଗୋବିନ୍ଦପୁର-ଶ୍ରୀସୁନ୍ଦରପୁର ଗ୍ରାମରୁ ଏହି ବିରଳ ପ୍ରଜାତିର ପାଙ୍ଗୋଲିନ୍ ଉଦ୍ଧାର କରାଯାଇଥିଲା। ସ୍ଥାନୀୟ ଲୋକେ ସୋମବାର ରାତି ପ୍ରାୟ ୨ଟା ସମୟରେ ଗ୍ରାମ ମଧ୍ୟରେ ଏହି ଜୀବକୁ ଘୁରୁଥିବା ଦେଖି ତୁରନ୍ତ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପାଙ୍ଗୋଲିନକୁ ସୁରକ୍ଷିତ ଉଦ୍ଧାର କରି ଚିକିତ୍ସା ଓ ପର୍ଯ୍ୟବେକ୍ଷଣ ପାଇଁ ଭୁବନେଶ୍ୱରର ନନ୍ଦନକାନନ ଜୁଓଲଜିକାଲ ପାର୍କକୁ ସ୍ଥାନାନ୍ତର କରିଛନ୍ତି। ପାଙ୍ଗୋଲିନ୍ ଭାରତରେ ଅତ୍ୟନ୍ତ ବିରଳ ଏବଂ ସୁରକ୍ଷିତ ପ୍ରଜାତିର ଜୀବ ହୋଇଥିବାବେଳେ ଏହା ବନ୍ୟଜୀବ ସୁରକ୍ଷା ଆଇନ୍ ଅନୁଯାୟୀ ସମ୍ପୂର୍ଣ୍ଣ ସୁରକ୍ଷିତ ପ୍ରଜାତି ଭାବେ ଗଣାଯାଏ। ଏହି ଜୀବ ସାଧାରଣତଃ ରାତିରେ ସକ୍ରିୟ ହୋଇଥାଏ ଏବଂ ବନ୍ୟ ପରିବେଶରେ ରହିବାକୁ ପସନ୍ଦ କରିଥାଏ। ତେବେ ଖାଦ୍ୟ ଖୋଜିବା କିମ୍ବା ବାସସ୍ଥାନର ଅସୁବିଧା ଯୋଗୁଁ ଏହା ଗ୍ରାମାଞ୍ଚଳକୁ ଆସିଥିବା ଅନୁମାନ କରାଯାଉଛି। ବନ ବିଭାଗ ପକ୍ଷରୁ ଏନେଇ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ବିବୃତ୍ତି ଦିଆଯାଇ ନାହିଁ। ପାଙ୍ଗୋଲିନର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବାରୁ ଉଦ୍ଧାର କାର୍ଯ୍ୟ ସୁରକ୍ଷିତ ଭାବେ ସମ୍ପନ୍ନ ହୋଇଛି। ନନ୍ଦନକାନନ୍ ଚିଡ଼ିଆଖାନାରେ ଏହାର ଯତ୍ନ ନେବା ସହ ଆହୁରି ପର୍ଯ୍ୟବେକ୍ଷଣ କରାଯିବ। ସ୍ଥାନୀୟ ଲୋକଙ୍କ ସଚେତନତା ଓ ତୁରନ୍ତ ପଦକ୍ଷେପ ଯୋଗୁଁ ଏହି ବିରଳ ଜୀବଟି ଉଦ୍ଧାର ହୋଇଥିବାରୁ ପ୍ରଶଂସା କରାଯାଉଛି। ବନ୍ୟଜୀବ ଉଦ୍ଧାର କ୍ଷେତ୍ରରେ ସାଧାରଣ ଲୋକଙ୍କ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ସେବା ଓ ସମର୍ପଣରେ ଚାଲିଛି ରଥକାର୍ଯ୍ୟ



ପୁରୀ(ନିପ୍ର): ସଂପୂର୍ଣ୍ଣ ସେବା ଓ ସମର୍ପଣ ମନୋଭାବ ନେଇ ଶ୍ରୀନହର ସମ୍ମୁଖ ରଥ ଖଳାରେ ଚାଲିଛି ରଥ ନିର୍ମାଣ କାର୍ଯ୍ୟ। ଏହି ନିର୍ମାଣ ପ୍ରକ୍ରିୟାରେ ନନ୍ଦିଘୋଷ ପାଇଁ ୧୬ଟି, ତାଳଧ୍ୱଜ ପାଇଁ ୧୪ଟି ଓ ଦେବୀଦଳନ ପାଇଁ ୧୨ଟି, ସମୁଦାୟ ୪୨ଟି ତୁମ୍ବ ପ୍ରସ୍ତୁତ ହୋଇଛି। ଅକ୍ଷୟ ତୃତୀୟାରେ ଆଜ୍ଞାମାଳ ବିଜେ ପରେ ରଥ ନିର୍ମାଣ କାର୍ଯ୍ୟ ଚାଲିଛି। କରତି ସେବକଙ୍କ ଦ୍ୱାରା ଫାଶୀ କାଠ ଚିରଟ କରାଯାଇ ତୁମ୍ବ ତିଆରି ପରେ ଗତ କାଲି ଠାରୁ ତୁମ୍ବ ରେ ବିନ୍ଧ କରାଯାଉଛି। ବିଶ୍ୱକର୍ମା, ଭୋଇ, କରତି ଓ କମାର ସେବାୟତମାନେ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି ।ଯୋଡା ଜ୍ୟେଷ୍ଠ ମାସ ଯୋଗୁଁ ଚଳିତ ବର୍ଷ ରଥ ନିର୍ମାଣ ପାଇଁ ଅଧିକ ସମୟ ମିଳିଛି। ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଆଗାମୀ ଶ୍ରୀକ୍ଷେତ୍ର ଭଉଁରୀ ତିଥିରେ ତିନି ରଥର ଅଖ ଚକ ଡେରା ବିଧି ହେବ ।ଆସନ୍ତା ନୃସିଂହ ଚତୁର୍ଦ୍ଦଶୀରୁ ଗୁଜ ଅନୁକୂଳ ହେବା ସହ ଭୋଇ ସେବକମାନେ ଯନ୍ତାଗାଡ଼କୁ ପ୍ରସ୍ତୁତ କରିବେ । ଯନ୍ତା ଗାଡରେ ତୁମ୍ବ ବିନ୍ଧ ସହ ଅର ସଂଯୋଗ କାର୍ଯ୍ୟ କରାଯିବ।

ତିଥି :(ତ୍ରୟୋଦଶୀ): (ହସ୍ତା କନ୍ୟା)
ଅମୃତ ବେଳା: ଦିବା ଘ ୭।୦ ମଧ୍ୟେ ଘ ୧୧।୪୮ ଗତେ

## ଆଜିର ଅନୁଚିନ୍ତନ

ଯେ ନିଜ ଉପରେ ବିଜୟ ପ୍ରାପ୍ତ କରିଛି, ସେହି ଶୀତ-ଉଷ୍ମ, ସୁଖ-ଦୁଃଖ ତଥା ମାନ-ଅପମାନରେ ପ୍ରଶାନ୍ତ ବା ନିର୍ବିକାର ରହୁଥିବା ମନୁଷ୍ୟଙ୍କୁ ପରମାତ୍ମା ନିତ୍ୟପ୍ରାପ୍ତ ଅଟନ୍ତି ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ତଉଲି ହେବନାହିଁ କ୍ଷତି

ବନାଗ୍ନି ଖବର ମିଳିଲେ ସହରର କ୍ୱଚିତ୍ ଲୋକ ଏନେଇ ଚିନ୍ତାଗ୍ରସ୍ତ ଅବା ବିବ୍ରତ ହୁଅନ୍ତି, ଯେବେ ଏହା ଘଟେ ସଂପୃକ୍ତ ଅଞ୍ଚଳର ଜୈବବିବିଧତା ଅଜ୍ଞ ବହୁତେ ନଷ୍ଟ ହୁଏ। ମୃତ୍ତିକା କ୍ଷୟ ଘଟେ, ସଂପୃକ୍ତ ଅଞ୍ଚଳର ଅଙ୍ଗାରକାମ୍ଳ ଶୋଷଣ କ୍ଷମତା କମିଯାଏ। ଜଳବାୟୁରେ ବିଭ୍ରାଟ ଉପୁଜେ। ମୋଟ ଉପରେ ଯେଉଁ ଅସୁରକ୍ଷିତ ପରିବେଶ ସୃଷ୍ଟି ହୁଏ, ତାହାକୁ ଯେକୌଣସି ମୂଲ୍ୟରେ ତଉଲିବା ଅସମ୍ଭବ ହୋଇପଡ଼େ।

ଏବେ ଆମ ରାଜ୍ୟର ୧୯ ବନଖଣ୍ଡରେ ନିଆଁ ଲାଗିଛି। ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି କନ୍ଧମାଳର ବାଲିଗୁଡ଼ା ଓ କଳାହାଣ୍ଡି ଜିଲ୍ଲା। ନିଆଁ ଲାଗିବା ଖବର ଆସିବା ମାତ୍ରେ ମାତ୍ର ୧୫ ମିନିଟରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେଉଛି। ବନବିଭାଗ ମୁଖ୍ୟ ଏହି ଦାବି କରିଛନ୍ତି। କେତେ ଦୂର ଏହି କାର୍ଯ୍ୟାନୁଷ୍ଠାନଜନିତ ସଫଳତା ମିଳୁଛି ତାହା ଉପରେ ସମୀକ୍ଷା କରାଯିବା ମଧ୍ୟ ଆବଶ୍ୟକ। ବନବିଭାଗ ମୁଖ୍ୟଙ୍କ କହିବାନୁଯାୟୀ ଗତବର୍ଷ ୩୦ ହଜାର ପଏଣ୍ଟରେ ନିଆଁ ଲାଗିଥିଲା। ଏଥର ୨୦ହଜାର ପଏଣ୍ଟକୁ କମିଛି।

କମିବା କିମ୍ବା ବଢିବା ଏକ ଆପେକ୍ଷିକ ଦିଗ। ନିଆଁ ଲାଗିବା ଅର୍ଥ କ୍ଷତି। ବଣରେ ନିଆଁ ଲାଗିଲେ ଯେପରି କ୍ଷତି ଘଟେ, ତାହା ନେଇ ଆକଳନ ଖୁବ୍ କମ୍ ହୁଏ। ମୁଖ୍ୟ ଉଦ୍‌ବେଗ ଯେ ଜଙ୍ଗଲରେ ନିଆଁ ଲାଗି ଯେତିକି ନଷ୍ଟ ହୁଏ ତାହା ଅପେକ୍ଷା ମନୁଷ୍ୟକୃତ ନିଆଁ ଦ୍ୱାରା କ୍ଷତି କାହିଁ କେତେ ଗୁଣ ଅଧିକ। ଆକଳନ ହେଉ କି ମୁକାବିଲା ପ୍ରକ୍ରିୟା ଆଶ୍ୱସ୍ତିଦାୟକ ବୋଲି ଦାବି କରାଯାଇପାରିବ ନାହିଁ। କାରଣ ପ୍ରାୟ ପ୍ରତିବର୍ଷ ବନାଗ୍ନି ଆମ ରାଜ୍ୟର ଏକ ପ୍ରମୁଖ ସମସ୍ୟାରେ ପରିଣତ ହୋଇସାରିଛି।

ରାଜ୍ୟର ମୋଟ ଭୌଗୋଳିକ ଅଞ୍ଚଳର ୩୩.୫୦ ପ୍ରତିଶତ ଅଞ୍ଚଳରେ ରହିଛି ଜଙ୍ଗଲ। ପରିସଂଖ୍ୟାନଗତ ଏହି ତଥ୍ୟରେ କେତେ ସତ୍ୟତା ତାହା ବିଶେଷଜ୍ଞ ଟିମ୍‌ଙ୍କ ପ୍ରମାଣ ବିନା ଜାଣିହେବନାହିଁ। ନଦୀ କୂଳ ଅବା ସଡ଼କ ପାର୍ଶ୍ୱ ବନୀକରଣ ଆମେ ବହୁ ସମୟରେ ଦେଖିଥାଉ। ମାତ୍ର ନଷ୍ଟ ହୋଇଥିବା ଜଙ୍ଗଲ ଆମ ରାଜ୍ୟରେ କେତେ ମାତ୍ରାରେ ପୁନର୍ଜୀବିତ ହୋଇଛି, ଏ ବାବଦରେ କି କି ପଦକ୍ଷେପ ନିଆଯାଇଛି ଓ ତାହାର ବାସ୍ତବତା ସନ୍ତୋଷଜନକ କି ନୁହେଁ, ସେ ସଂପର୍କିତ ରିପୋର୍ଟ କାହାରି ନିକଟରେ ଥିବା ଭଳି ମନେ ହୁଏନାହିଁ।

ଜଙ୍ଗଲ ସୁରକ୍ଷା ହେଉ କି ବନାଗ୍ନି ମୁକାବିଲା ହେଉ ଆମ ରାଜ୍ୟର ଏକାଧିକ ଅଞ୍ଚଳର ଜନଜାତି ଓ ସ୍ଥାନୀୟ ବାସିନ୍ଦାଙ୍କ ଉଦ୍ୟମ ସଂପର୍କରେ କ୍ୱଚିତ୍ ଆଲୋଚନା ହୁଏ। ପାରମ୍ପରିକ ଜ୍ଞାନକୌଶଳ ଜରିଆରେ ମୟୂରଭଂଜ ଶିମିଳିପାଳ ଜୈବମଣ୍ଡଳରେ ରହୁଥିବା ସାନ୍ତାଳ, ହୋ, ମୁଣ୍ଡା, ଖଡ଼ିଆ ଆଦି ଜନଜାତିର ଲୋକେ କେତେକାଂଶରେ ସଫଳ ହୋଇଥାନ୍ତି। ସେମିତି ରାୟଗଡ଼ା ଜିଲ୍ଲା କୋଲନରା, ମୁକୁନ୍ଦପୁର ଗ୍ରାମ ପଞ୍ଚାୟତ ହାତୀଖମ୍ଭା ଗ୍ରାମ ନିକଟବର୍ତ୍ତୀ ୩୭ହଜାର ହେକ୍ଟର ଜଙ୍ଗଲକୁ ଆଖପାଖ ଅଞ୍ଚଳବାସୀ ସୁରକ୍ଷା ଯୋଗାଇ ଆସୁଛନ୍ତି। ୧୨ଟି ଗ୍ରାମର ବାସିନ୍ଦା ଏହି ଜଙ୍ଗଲରେ ବିକ୍ଷିପ୍ତ ଅବସ୍ଥାରେ ପଡ଼ିଥିବା କିଛି ମୂର୍ତ୍ତିଙ୍କୁ ପୂଜା କରିଆସୁଛନ୍ତି। ବାସିନ୍ଦାମାନେ ବିଶ୍ୱାସ ରଖନ୍ତି ଯେ ଏହିସବୁ ମୂର୍ତ୍ତି ଜଙ୍ଗଲକୁ ସୁରକ୍ଷା ଦେଉଛନ୍ତି। ଅର୍ଥାତ୍, ଅଞ୍ଚଳବାସୀଙ୍କ ଦୈବୀ ବିଶ୍ୱାସ ଏନେଇ ଦୃଢ ଭାବରେ ରହିଛି। ବହୁ ସମୟରେ ଦୈବୀ ବିଶ୍ୱାସ ଅଜ୍ଞରେ ଭୟ ଜାଗ୍ରତ କରିଥାଏ। ମାତ୍ର ଜଙ୍ଗଲରେ ଶିକାର କରୁଥିବା ଅବା ନିଆଁ ଲଗାଉଥିବା ଲୋକେ ଭୟ କରନ୍ତି ନାହିଁ। ଏଭଳି ଅପରାଧରେ ସଂପୃକ୍ତ ସବୁ ଲୋକ ଧରାପଡ଼ନ୍ତିନାହିଁ। ଯେଉଁମାନେ ଧରାପଡୁଛନ୍ତି ସେମାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଯାହାଦ୍ୱାରା ସେମାନେ ପରବର୍ତ୍ତୀ ସମୟରେ ଜଙ୍ଗଲ ସୁରକ୍ଷା ଲାଗି ହିଁ କାର୍ଯ୍ୟ କରିପାରିବେ।

ଜଙ୍ଗଲ ଭିତରେ ମାନବିକ ଚାପ ହ୍ରାସ କରିବା ଲାଗି ଜନଜାତି ଓ ସଂପୃକ୍ତ ଅଞ୍ଚଳର ଜଙ୍ଗଲ-ନିର୍ଭର ବାସିନ୍ଦାଙ୍କ ବିକଳ୍ପ ଜୀବିକା ସନ୍ଧାନ, ପରିବେଶ-ଅନୁକୂଳ କୃଷିପଦ୍ଧତି ସର୍ବୋପରି ପଶୁପକ୍ଷୀ, ଜଙ୍ଗଲ, ବୃକ୍ଷପ୍ରତି ସମ୍ମାନବୋଧ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଯେତେ ମାତ୍ରାରେ ବଢିବ, ବନାଗ୍ନି ସମସ୍ୟା ସେହି ମାତ୍ରାରେ ନିୟନ୍ତ୍ରିତ ହୋଇପାରିବ। ପ୍ରଯୁକ୍ତିର ଉପଯୋଗ ହେଉ। ମାତ୍ର ବନାଗ୍ନି ରୋକିବା ଲାଗି ଆବଶ୍ୟକ ମାନବ ସମ୍ବଳ ଓ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ବନବିଭାଗ ଉପଯୁକ୍ତ ଗୁରୁତ୍ୱ ଦେଉ।

# ସାଇବର ଅପରାଧୀ, ସତତ ସଚେତନତା ଜରୁରୀ

ପ୍ରଦୋଷ କୁମାର ଦାସ

"ସମଗ୍ର ଦେଶର ବିଭିନ୍ନ କ୍ଷେତ୍ରରେ ସାଇବର ଅପରାଧୀଙ୍କ ଦ୍ୱାରା ଗତ ୨୦୨୫ ମସିହାରେ ୨୬୫ ମିଲିଅନ ଥର ଛୋଟବଡ଼ ସାଇବର ଆଟାକ ମଧ୍ୟ ହୋଇଥିବାବେଳେ ଅପରାଧୀଙ୍କୁ ପୋଲିସ ଧରି ଉପଯୁକ୍ତ ପ୍ରମାଣ ଆଧାରରେ ଉପଯୁକ୍ତ ଦଣ୍ଡ ଦେବାରେ ଶତକଡା ୨୬ ପ୍ରତିଶତ ଯାଏଁ ସଫଳ ହୋଇଥିବା ଏକ ଅଣ ଆନୁଷ୍ଠାନିକ ସୂତ୍ରରୁ ପ୍ରକାଶ ଅଟେ। ଡିଜିଟାଲ ଅପରାଧର ଶିକାର ଅସହାୟ ମଣିଷଟି ଘଟଣା ସମ୍ପର୍କରେ ତ୍ୱରିତ୍ ପଦକ୍ଷେପ ସ୍ୱରୂପ ୧୯୦୩ ହେଲ୍ପ ଲାଇନ ସହଯୋଗ ନେବା ସହିତ ସାଇବର ଥାନାର ସହଯୋଗ ନେବା ପାଇଁ ଅନେକ ସମୟରେ ହଡ଼ବଡ଼େଇ ଯାଉଥିବାବେଳେ, କ୍ରମବର୍ଦ୍ଧିଷ୍ଣୁ ସାଇବର ଅପରାଧ ତୁଳନାରେ ସାଇବର ଥାନାର ସଂଖ୍ୟା ତଥା ଏଥିରେ କାର୍ଯ୍ୟରତ ସାଇବର କର୍ମଚାରୀ ତଥା ପଦସ୍ଥ ସାଇବର ବିଶେଷଜ୍ଞ ନଗଣ୍ୟ ଅଟନ୍ତି।"

ସାମ୍ପ୍ରତିକ ବିଶ୍ୱ ଡିଜିଟାଲ ବୈଷୟିକ ଯୁଗର କ୍ଷିପ୍ର ଜଗତିକରଣ ସମୟରେ ଯେତିକି ଯେତିକି ମାନବ ଉନ୍ନତି ଶିଖରରେ ପହଞ୍ଚିଚାଲିଛି, ସାଇବର ଠକେଇ ମଧ୍ୟ ସେତିକି ବିଭିନ୍ନ ସ୍ତରରେ ଚିନ୍ତାଜନକ ହେବାରେ ଲାଗିଛି। ନଗଦି କାରବାର କରିବାକୁ ପ୍ରୋତ୍ସାହିତ ଆଧୁନିକ ମଣିଷର ଜୀବନ ଶୈଳୀରେ ପରିବର୍ତ୍ତନ ଆସିଛି। ତେବେ ଏଥିପାଇଁ ଆବଶ୍ୟକ ସାଇବର ସଚେତନତା ଉପରେ ବେପରୁଆ ଆନ୍ତରିକତା ତଥା ସାଧାରଣରେ ଏ ଦିଗରେ ସତର୍କତାର ଅଭାବ ଓ ଉଦାସୀନତା ମନୋଭାବ ଯୋଗୁଁ ପ୍ରତିଦିନ ଆମ ଦେଶରେ ପ୍ରତି ମୁହୂର୍ତ୍ତରେ କୌଣସି ନା କୌଣସି ସ୍ଥାନରେ ସଂଖ୍ୟାଧିକ ସାଇବର ଅପରାଧ ଘଟି ଚାଲିଛି। ସବୁଠାରୁ ଉଦ୍‌ବେଗଜନକ କଥା ହେଲା, ଯୁଗୋପଯୋଗୀ ସାଇବର ସଂଯୁକ୍ତ ଆମ ଦେଶର ଆର୍ଥିକ, ବୈଷୟିକ, ଶକ୍ତି ସମେତ ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ କ୍ଷେତ୍ରରେ ନିରାପତ୍ତା ରକ୍ଷା କରିବା ବିରୋଧରେ ଏହା ପରୋକ୍ଷରେ ଏକ ଆହ୍ୱାନ ସୃଷ୍ଟି କରିଛି। ଏଥିପାଇଁ ଆମେ ସମଗ୍ର ଦେଶବାସୀଙ୍କ ସାଇବର ସଚେତନତାର ତଡିତ୍ ଆହରଣର ଆବଶ୍ୟକ ରହିଛି।

ଭାରତ ସରକାରଙ୍କ ଇଲେକ୍ଟ୍ରୋନିକସ ତଥା ସୂଚନା ଓ ପ୍ରଯୁକ୍ତି ବିଭାଗ ଆନୁକୂଲ୍ୟରେ ଇଣ୍ଡିଆନ୍ କମ୍ପୁଟର ଇମରଜେନସି ରେସପନସ ଟିମ୍( ସି ଇ ଆର ଟି-ଇନ ) ପକ୍ଷରୁ ସାଇବର ସଚେତନତା ଓ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା ରହିଛି। ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ଆନୁକୂଲ୍ୟରେ ଗତ ୨୦୨୫ ଅକ୍ଟୋବର ମାସରୁ ପ୍ରତି ମାସର ପ୍ରଥମ ବୁଧବାର ଦିନକୁ ସାଇବର ସଚେତନତା ସୃଷ୍ଟି ଦିବସ ଅର୍ଥାତ୍ ସାଇବର ଜାଗରୁକତା ଦିବସ ପାଳନ କରାଯାଇ ସାଧାରଣରେ ସଚେତନତା ସୃଷ୍ଟି କରିବା ପାଇଁ ସ୍ଥାନୀୟ ପୋଲିସ ସମେତ ଉଦ୍ଦିଷ୍ଟ ସାଇବର ପୋଲିସ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ଚାକିରିଆ, ବେକାର, ଅର୍ଦ୍ଧଶିକ୍ଷିତ ଓ ଏପରିକି ଶିକ୍ଷିତ ଜନସାଧାରଣଙ୍କ ଆବେଗିକ ଡିଜିଟାଲ କାରବାର କ୍ଷମତା ଅନେକ ସମୟରେ ଡିଜିଟାଲ ଆରେଷ୍ଟର ସମ୍ମୁଖୀନ ହୋଇ ସର୍ବସ୍ୱାନ୍ତ ହେବାର ନଜିର ରହିଛି।

୫-ଜି ଯୁଗରେ ମୋବାଇଲ ମାଧ୍ୟମରେ ମାତ୍ରାଧିକ ଚାଲାଖି ଦେଖାଇବାର ପ୍ରବଣତାରେ ବାନ୍ଧି ହୋଇ ଆପଣା ଡିଜିଟାଲ କାରବାର କରିବା ଅବସରରେ ଇନଷ୍ଟାଣ୍ଟ ଉପାର୍ଜନ କରିବା ପାଇଁ ସାଇବର ଅପରାଧୀଙ୍କ ମିଥ୍ୟା ପ୍ରଲୋଭନର ଶିକାର ହୋଇ ସେମାନଙ୍କ ଡିଜିଟାଲ ଜାଲରେ ବାନ୍ଧି ହେବା ଏବେ ଏକ ନିତ୍ୟ ନୈମିତ୍ତିକ ଘଟଣା ହୋଇଗଲାଣି।

ପ୍ରକାଶ ଥାଉକି, ସମଗ୍ର ଦେଶରେ ସବୁଠାରୁ ଅଧିକ ମହାରାଷ୍ଟ୍ର, ଗୁଜୁରାଟ, ଦିଲ୍ଲୀ ଅଞ୍ଚଳରେ ସାଇବର ଅପରାଧୀଙ୍କ ଅପରାଧିକ ନଜର ଅଧିକ ରହିଛି। ଏଠାରେ ଗତ ୨୦୨୫ ମସିହାରେ ୨୮ ହଜାରରୁ ୩୦ ହଜାର ମାମଲା ତନାଘନା ପାଇଁ ଥାନାରେ ଏତଲା ହୋଇଥିବାବେଳେ, ସେଥିରେ ଆବଶ୍ୟକ ତ୍ୱରିତ ସତର୍କତାମୂଳକ ତଥ୍ୟ ଉପଲବ୍ଧିର ଅଭାବ ଦେଖାଦେଇଥିବାରୁ ମାମଲା ଦୁର୍ବଳ ହୋଇ ଅପରାଧୀ ଗିରଫ ପରେ ମଧ୍ୟ ତଥ୍ୟ ପ୍ରମାଣ ଅଭାବ ଆଧାରରେ ନିର୍ଦ୍ଦୋଷରେ ଆସି ଯାଉଥିବା ଜଣାଯାଇଛି।

ସୂଚନାଯୋଗ୍ୟ ସମଗ୍ର ଦେଶର ବିଭିନ୍ନ କ୍ଷେତ୍ରରେ ସାଇବର ଅପରାଧୀଙ୍କ ଦ୍ୱାରା ଗତ ୨୦୨୫ ମସିହାରେ ୨୬୫ ମିଲିଅନ ଥର ଛୋଟବଡ ସାଇବର ଆଟାକ ମଧ୍ୟ ହୋଇଥିବାବେଳେ ଅପରାଧୀଙ୍କୁ ପୋଲିସ ଧରି ଉପଯୁକ୍ତ ପ୍ରମାଣ ଆଧାରରେ ଉପଯୁକ୍ତ ଦଣ୍ଡ ଦେବାରେ ଶତକଡା ୨୬ ପ୍ରତିଶତ ଯାଏଁ ସଫଳ ହୋଇଥିବା ଏକ ଅଣ ଆନୁଷ୍ଠାନିକ ସୂତ୍ରରୁ ପ୍ରକାଶ ଅଟେ। ଡିଜିଟାଲ ଅପରାଧର ଶିକାର ଅସହାୟ ମଣିଷଟି ଘଟଣା ସମ୍ପର୍କରେ ତ୍ୱରିତ୍ ପଦକ୍ଷେପ ସ୍ୱରୂପ ୧୯୦୩ ହେଲ୍ପ ଲାଇନ ସହଯୋଗ ନେବା ସହିତ ସାଇବର ଥାନାର ସହଯୋଗ ନେବା ପାଇଁ ଅନେକ ସମୟରେ ହଡବଡେଇ ଯାଉଥିବାବେଳେ, କ୍ରମବର୍ଦ୍ଧିଷ୍ଣୁ ସାଇବର ଅପରାଧ ତୁଳନାରେ ସାଇବର ଥାନାର ସଂଖ୍ୟା ତଥା ଏଥିରେ କାର୍ଯ୍ୟରତ ସାଇବର କର୍ମଚାରୀ ତଥା ପଦସ୍ଥ ସାଇବର ବିଶେଷଜ୍ଞ ନଗଣ୍ୟ ଅଟନ୍ତି।

ସୂଚନାଯୋଗ୍ୟ ଓଡ଼ିଶାରେ ପୂର୍ବରୁ ୧୪ ଟି ସାଇବର ଥାନା ରହିଥିବାବେଳେ ଏବେ ଏହା ସହିତ ଅଧିକ ୨୦ ଟି ସାଇବର ଥାନା ଯୋଡି ହୋଇଥିବା ପ୍ରକାଶ। ତେବେ ରାଜ୍ୟରେ ଗତ ୨୧ ମାସ ମଧ୍ୟରେ ମୋଟ ୫୪୫୧ଟି ସାଇବର କେଶ ଆନୁଷ୍ଠାନିକ ଭାବେ



ପଂଜୀକରଣ ହୋଇଥିବା ରିପୋର୍ଟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନିକଟରେ (୩୦ ମାର୍ଚ୍ଚ, ୨୦୨୫) ରାଜ୍ୟ ବିଧାନସଭାରେ ଉପସ୍ଥାପନ କରିଥିବା ପ୍ରକାଶ। ଏଥିରୁ ଗତ ୨୦୨୫ ମସିହାରେ କେବଳ ୨୮୦୩ ଟି ସାଇବର ମାମଲା ପଞ୍ଜିକରଣ ହୋଇଛି। ତେବେ ନ୍ୟାସନାଲ ସାଇବର କ୍ରାଇମ ପୋର୍ଟାଲରେ ମୋଟ ୪୯ ହଜାର ୪୨୬ ଟି ବିଭିନ୍ନ ସାଇବର ଅଭିଯୋଗ କରାଯାଇଛି। ଏଥିରେ ସମୁଦାୟ ୪୩୨ କୋଟି ଆର୍ଥିକ ଠକେଇ ଅଭିଯୋଗ ଉଲ୍ଲେଖ ରହିଥିବା ସୂଚନାରୁ ପ୍ରକାଶ। ଏତଦବ୍ୟତୀତ ସମଗ୍ର ଦେଶରେ ଗତ ୨୦୨୪ରେ ୨୨୬୮ ଲକ୍ଷ ମାମଲା ରୁଜୁ ହୋଇଥିବା ବେଳେ ଗତ ୨୦୨୫ ମସିହାରେ ୨୮.୧୫ ଲକ୍ଷ ସାଇବର ମାମଲା ରୁଜୁ ହୋଇଥିବା ପ୍ରକାଶ। ଗତ ୨୦୨୫ ମସିହାରେ ଏହି ସାଇବର ମାମଲାରେ କେବଳ ୨୨ ହଜାର ୪୯୫ କୋଟି ଆର୍ଥିକ ଠକେଇ ହୋଇଥିବା ପ୍ରକାଶ। ଏଥିରେ ବିଶେଷ କରି ସାମାଜିକ ଗଣମାଧ୍ୟମର ଦୁରୁପଯୋଗ କରି ସାଇବର ଅପରାଧୀମାନଙ୍କ ଦ୍ୱାରା ୟୁପିଆଇ ଠକେଇ, ଡିଜିଟାଲ ବ୍ଲାକମେଲ, ଇନଭେଷ୍ଟମେଣ୍ଟ ସ୍କାମ ପରି ଗୁରୁତ୍ୱପୂର୍ଣ୍ଣ ସାଇବର ଠକେଇ ଅନ୍ତର୍ଭୁକ୍ତ ଅଟେ।

ତେବେ ଆମ ରାଜ୍ୟ ଓଡ଼ିଶା କଥା ଦେଖିଲେ, ଜଣାଯାଏ, ଗତ ୫ ବର୍ଷ ମଧ୍ୟରେ ସାଇବର ଅପରାଧ ମାମଲାରେ ଦୋଷୀ ସାବ୍ୟସ୍ତଙ୍କ ସଂଖ୍ୟା ୪୯ ଥିବାବେଳେ ନିର୍ଦ୍ଦୋଷଙ୍କ ସଂଖ୍ୟା ୪ଶହ ରହିଛି। ଏକ ପରିସଂଖ୍ୟାନରୁ ଜଣାଯାଇଛି, ଅନଲାଇନରେ ଆର୍ଥିକ ଠକେଇ, ସାମାଜିକ ଗଣମାଧ୍ୟମରେ ମଧୁର ସଂପର୍କ ସ୍ଥାପନ କରି ପରେ ଯୌନ ଶୋଷଣର ଶିକାର ପୀଡ଼ିତ/ ପୀଡ଼ିତା ( ସଂଖ୍ୟାଧିକ)କୁ ସାଇବର ଜାଲରେ ଛନ୍ଦି ଦେଇ ଆର୍ଥିକ ଶୋଷଣ କରୁଥିବା ସାଇବର ଅପରାଧୀଙ୍କ ସଂଖ୍ୟା ଏବେ ଦିନକୁଦିନ ବଢ଼ିଚାଲିଥିବାବେଳେ ଏହି କାରଣରୁ ବହୁ ଭଲ ପରିବାର ଅକାଳରେ ଉଜୁଡି ଯାଉଛି। ତଥ୍ୟ ମୁତାବକ, ଗତ କରୋନା ସମୟରେ ସାମାଜିକ କଟକଣା ଚାପରେ ଜନସାଧାରଣ ଘରୁ ବାହାରକୁ ବାହାରି ନ ପାରି ଖାଦ୍ୟ ସାମଗ୍ରୀ କିଣିବା, ଅନଲାଇନ ଗେମ୍ ଖେଳିବାରେ ତଥା ସାମାଜିକ ଗଣମାଧ୍ୟମରେ ଅଧିକ ସମୟ ବିତାଇବାରେ ଜଡ଼ିତ ରହିବା ଏକ ସାଧାରଣ ଘଟଣା ହୋଇଥିଲା। ଏହାର ସୁଯୋଗରେ ସାଇବର ଅପରାଧୀଙ୍କ ଅଭିନବ ଠକେଇ କ୍ରମାଗତ ବୃଦ୍ଧି ହୋଇଥିଲା।

ଆମ ରାଜ୍ୟରେ ଗତ ୫ ବର୍ଷ ପୂର୍ବେ ଝାଡ଼ଖଣ୍ଡ ଜିଲ୍ଲା ଜାମତରାରୁ ସାଇବର ଅପରାଧୀଙ୍କର ଅପରାଧିକ ଜାଲ ବିଛାଇଥିଲେ। ହେଲେ ଏଥିରେ ଏହା ଆମ ପଡ଼ୋଶୀ ପଶ୍ଚିମବଙ୍ଗ, ସମେତ ଦିଲ୍ଲୀ, ଉତ୍ତରପ୍ରଦେଶ ରାଜ୍ୟ ଯୋଡ଼ି ହୋଇଯାଇଥିବା ସୂଚନା ମିଳେ।

ସାଇବର ଅପରାଧୀଙ୍କ ଅପରାଧିକ ପୃଷ୍ଠଭୂମି ସମେତ ଦୋଷୀ ସାବ୍ୟସ୍ତ ହେବା ପାଇଁ ଆବଶ୍ୟକ ତ୍ୱରିତ ପଦକ୍ଷେପ ପାଇଁ ପ୍ରାମାଣିକ ତଥ୍ୟ ଆଧାରରେ ପୀଡ଼ିତଙ୍କ ସାଇବର ସଚେତନତା ତଥା ତ୍ୱରିତ ସହଯୋଗିତା ନିତାନ୍ତ ଜରୁରୀ। ଚତୁର ଅପରାଧୀ ଭଡ଼ାରେ ବ୍ୟାଙ୍କ ଆକାଉଣ୍ଟ୍ ଆଣି ସେଥିରେ ଅର୍ଥ କାରବାର କରୁଥିବାରୁ ପ୍ରକୃତ ଅପରାଧୀ ପାଖରେ ପୋଲିସ ପହଞ୍ଚିବା କେବଳ କଷ୍ଟକର ହେଉନାହିଁ, ବରଂ ଆହ୍ୱାନ ସୃଷ୍ଟି କରୁଛି। ଭିପିଏନ୍( ଭର୍ଚୁଆଲ ପ୍ରାଇଭେଟ୍ ନେଟ ୱାର୍କ) ବ୍ୟବହାର କରାଯାଉଥିବାରୁ କମ୍ପୁଟର ଓ ମୋବାଇଲର ପ୍ରକୃତ 'ଆଇ ପି'( ଇଣ୍ଟରନେଟ ପ୍ରୋଟୋକଲ) ଠିକଣା ଠାବ କରିବା ଦୁଃସାଧ୍ୟ ହୋଇପଡୁଛି।

ଏତଦବ୍ୟତୀତ ଜାଲ୍ ବ୍ୟାଙ୍କ ଆକାଉଣ୍ଟ ଓ ଅନଲାଇନରେ ମିଳୁଥିବା ମୋବାଇଲ ନମ୍ବର ମାଧ୍ୟମରେ ସାଇବର ଅପରାଧ ଘଟୁଥିବାରୁ ଅପରାଧୀଙ୍କୁ ଠାବ କରିବା ସହିତ ବୈଷୟିକ ପ୍ରମାଣ କୋର୍ଟରେ ଦାଖଲ କରିବା ଭାରି ମୁସ୍କିଲ ହେଉଥିବାରୁ ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ଆଶା କ୍ଷୀଣ ହୋଇଯାଉଛି।

ତେବେ ଶେଷରେ ଏତିକି କୁହାଯାଇପାରେ, ସାଇବର ସଚେତନତା ସହିତ ବୈଷୟିକ ଜ୍ଞାନ ଆହରଣ ନିହାତି ଆବଶ୍ୟକ। ୫-ଜି ଡିଜିଟାଲ ଯୁଗରେ ସମସ୍ତେ ଶିକ୍ଷିତ, ସାଇବର ଜାଗରୁକ ହେବା ବିଧେୟ। ଅଯଥା ଭାବ ପ୍ରବଣତାର ବଶବର୍ତ୍ତୀ ହୋଇ ଡିଜିଟାଲ ଆରେଷ୍ଟ ହେଲେ ତୁରନ୍ତ ପାଖ ପୋଲିସ ଥାନା ଅଧିକାରୀ, ସାଇବର ବିଶେଷଜ୍ଞଙ୍କ ସହଯୋଗ ଲୋଡ଼ିବା ସହିତ ଘଟଣା ପଛ ସଠିକ କାରଣ ଓ ସତକଥାର ଉପସ୍ଥାପନା ସହିତ ପରିଣାମର ସାମନା କରିବା ମଧ୍ୟ ଜରୁରୀ। ଇଣ୍ଟରନେଟ ପ୍ରୋଟୋକଲ ଅନୁଯାୟୀ ସାମାଜିକ ଗଣମାଧ୍ୟମ ବ୍ୟବହାର, କମ୍ପ୍ୟୁଟର, ମୋବାଇଲ ବ୍ୟବହାର କାଳରେ ସାବଧାନତା ଓ ସତତ ଜାଗ୍ରତ ରହିଲେ ଆମେ ସାଇବର ଅପରାଧୀଙ୍କ ଅତୁଆ ଜାଲରେ ଅଯଥା ଫସିବା ନାହିଁ।

ନାଚୁଣୀ,ଖୋର୍ଦ୍ଧା
ମୋ-୬୩୭୦୪୯୫୯୪୪

# ଘାଇଯାକ ମୁକୁଳା, କେତେ ବନ୍ଧ ବାନ୍ଧିବା...

ଡ. ମନୋଜ କୁମାର ମହାନ୍ତି

ଶାସକଗୋଷ୍ଠୀଙ୍କୁ ବିରୋଧୀ ନେତା ଦୁର୍ନୀତିଖୋର କହି ଗାଳିଗୁଲଜ କରୁଥିବାବେଳେ ନିଜ କାରନାମାକୁ ପସୋରି ପକାନ୍ତି। ଅଭିଯୋଗ ବି ହୁଏ କୌଣସି କାମ ପାଇଁ ଯେଉଁ ସରକାରୀ ଅନୁଷ୍ଠାନ ଓ କାର୍ଯ୍ୟାଳୟ ଭିତରକୁ ପ୍ରବେଶ ପୂର୍ବରୁ ଗାନ୍ଧୀମୁଣ୍ଡକୁ ଅନେଇ ବସିଥାନ୍ତି କିଛି ନ୍ୟସ୍ତସ୍ୱାର୍ଥ କର୍ମଚାରୀ। କିଛି ହାତଗୁଂଜା ବଦଳରେ ସରକାର ପାଖରୁ ଯଦି ଲାଭ ମିଳିପାରୁଛି ତେବେ ପଚାଶ ଶହେ ଦେବାରେ ଅସୁବିଧା ନାହିଁ କି କୁଣ୍ଠାବୋଧ ନାହିଁ। ଏପରି କିଛି ଲୋକ ଚର୍ଚ୍ଚା କରୁଛନ୍ତି।

ଏଠି ଠିକାଦାର କାମ ନେବା ପାଇଁ ଆରମ୍ଭରୁ ଅଗ୍ରିମ କିଛି ପ୍ରତିଶତ ନ୍ୟସ୍ତସ୍ୱାର୍ଥ ବିଭାଗୀୟ ନେତାଙ୍କୁ ଚାନ୍ଦା ଦେବାପରେ ହିଁ ସରକାରୀ କାମ କରିବାର ସୁଯୋଗ ମିଳେ। ଠିକାଦାର ଶହେ ଟଙ୍କା କାମକୁ ତିରିଶ ଚାଳିଶ ଟଙ୍କାରେ ସାରି ବାକି ନେତା ଇଞ୍ଜିନିୟର ଓ ଅଫିସର ମଧ୍ୟରେ ଭାଗବଣ୍ଟା ସରିବା ପରେ ଆଉ ଯେତକ ମୋଟାଅଙ୍କର ବଳେ ସେଇଟା ତାର। ଏଠି ସରକାର ଅର୍ଥ ବଣ୍ଟାବଣ୍ଟିରେ ଓ ଆତ୍ମସାତରେ ବେଶି ଖର୍ଚ୍ଚ ହୁଏ। ସେଥିପାଇଁ ସରକାର ଯେକୌଣସି ବିଭାଗରେ ଅତିରିକ୍ତ ବଜେଟ୍ କରିବା ସ୍ୱାଭାବିକ କଥା। ସରକାର ଟଙ୍କାରେ ନାଣ୍ଡି ବାହାଘର ହେବନି ତ ଆଉ କ'ଣ ହେବ !

ଘରେ ଗାଈଗୋରୁ ନ ଥିବା ଲୋକଟି ସରକାର ଯୋଜନାରେ ଅନ୍ତର୍ଭୁକ୍ତ ଗାଈଗୁହାଳ ନିର୍ମାଣ ପାଇଁ ସରକାର ଅର୍ଥ ପାଇବା ଦୁର୍ନୀତିର ଏକ ଉଦାହରଣ ବୋଲି ଚର୍ଚ୍ଚା ହୁଏ। ସରକାର ଅର୍ଥକୁ ଶିଳ୍ପପତି, ନେତାମନ୍ତ୍ରୀ, ଅଫିସର, ତଳିଆ କର୍ମଚାରୀ ଏବଂ ଶ୍ରମିକଗୋଷ୍ଠୀ ଦୁରୁପଯୋଗ କରିଚାଲିଛନ୍ତି। କେବେକେବେ ନିଜର ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟରେ ବିଭିନ୍ନ ସରକାର ଅନୁଷ୍ଠାନର କର୍ମଚାରୀମାନଙ୍କୁ ହାତଖର୍ଚ୍ଚ ଦେବାକୁ ପଡ଼େ। ଏହା ଏତେ ବ୍ୟାପକ ହୋଇଗଲାଣି ଯେ ଏହି ମହାମାରୀ ରୋଗରୁ ଆରୋଗ୍ୟ ଲାଭ କରିବା ବଡ କଷ୍ଟସାଧ୍ୟ।

ସରକାର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦୁର୍ନୀତିରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଠାରୁ ପାଚିକା ପର୍ଯ୍ୟନ୍ତ ସଭିଁଏ ଜଡ଼ିତ। ଡାଲି, ସୋୟାବିନ, ଅଣ୍ଡା, ପରିବାକୁ କମ୍ ପରିମାଣରେ ରୋଷେଇ କରିବା, ସେଥିରୁ ହଳଦୀ, ଲୁଣ, ଲଙ୍କା ଗୁଣ୍ଡକୁ ଅଣ୍ଟାରେ ଲୁଚେଇବା ସହ ଭାତ ତରକାରିକୁ ନିଜ ପରିବାର ପାଇଁ ଭରିବା କିଛି ପାଚିକାଙ୍କ ପ୍ରଥମ କାମ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ଆଗ ଖାଦ୍ୟ ବାଢ଼ି ରଖିବାପରେ ଆଉ ଅବଶିଷ୍ଟ ତରକାରି କିମ୍ବା ଡାଲମାରେ ଆବଶ୍ୟକତା ଠାରୁ ଅଧିକ ଗରମ ପାଣି ମିଶାଇ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପରଷିବା ଦୁର୍ନୀତିର ଗୋଟେ ସୋପାନ। ଯେଉଁ ଅଙ୍ଗନବାଡ଼ି ଶିକ୍ଷୟିତ୍ରୀଙ୍କ ଦାୟିତ୍ୱରେ ଅଧ୍ୟୟନରତ କୁନିକୁନି ପିଲାଙ୍କ ଅଣ୍ଡା,ଛତୁଆ, ମୁଢ଼ିମୁଆଁ, ଖେଚୁଡ଼ି ସରକାର ସ୍ତରରେ ଯୋଗାଇ ଦିଆଯାଉଛି । ଉପରିସ୍ଥ କର୍ମଚାରୀଙ୍କ ଠାରୁ ଦିଦି ପର୍ଯ୍ୟନ୍ତ ସେଥିରେ ପୁଣି ଭାଗବଖରା ନେବାରେ ଲାଗିପଡ଼ନ୍ତି। ପଞ୍ଚାୟତରେ ମିଳୁଥିବା ରାସନ ଚାଉଳ ଓଜନରେ ଠକେଇ। ଶେଷରେ ଡିଲର ଆଉ ସରପଞ୍ଚ ମଧ୍ୟରେ ବିକ୍ରୀବଟା କରି ଅର୍ଥ ଯୋଗାଡ କରିବା କ'ଣ ଦୁର୍ନୀତି ନୁହେଁ କି ? ନିର୍ବାଚନ ପୂର୍ବ ରାତିରେ ପରିବାରର ମୁଖିଆ ମୁଣ୍ଡପିଛା ନ୍ୟସ୍ତସ୍ୱାର୍ଥ ଦଳରୁ ପାଞ୍ଚଶହ ଗୋଟେଇ ଭୋଟଦେବା ସାଧାରଣ ଜନତା ପରବର୍ତ୍ତୀ ପର୍ଯ୍ୟାୟରେ ଦୁର୍ନୀତିର ସମ୍ମୁଖୀନ ହେବାକୁ ହିଁ ପଡ଼ିବ। ଏଭଳି ଚର୍ଚ୍ଚା ନେଇ ତଦନ୍ତ ହେବ କି ? ଲୋକେ ଏବେ ଏପରି ଆଲୋଚନା କରୁଛନ୍ତି। ଯେଉଁଠି ଘାଇଯାକ ମୁକୁଳା ସେଠି କେତେ ବନ୍ଧ ଆଉ ବାନ୍ଧିବା ?

ଭଦ୍ରକ

# ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ

ସୌଭାଗ୍ୟ ରଂଜନ ମହାନ୍ତି

"ଦଶନ୍ଧି ଦଶନ୍ଧି ଧରି ଇରାନ ସହ ଆମେରିକାର ସମ୍ପର୍କ ଭଲ ନାହିଁ। ଏହା ସତ୍ତ୍ୱେ ଜର୍ଜ ବୁଶଙ୍କ ଠାରୁ ଆରମ୍ଭ କରି ବାଇଡେନଙ୍କ ପର୍ଯ୍ୟନ୍ତ କୌଣସି ଆମେରିକୀୟ ରାଷ୍ଟ୍ରପତି ଇରାନ ଉପରେ ଆକ୍ରମଣ କରିବାକୁ କେବେ ବି ଚିନ୍ତା କରିନଥିଲେ। କିନ୍ତୁ ଭେନେଜୁଏଲାର ତୈଳ ଭଣ୍ଡାର ଅକ୍ତିଆର କରିବା ପରେ ଇରାନର ତୈଳ ଭଣ୍ଡାର ଅକ୍ତିଆର କରିବା ପାଇଁ ତାଙ୍କର ଉଦ୍ୟମ ଥିଲା। ଏଥିପାଇଁ ଇସ୍ରାଏଲ ତାଙ୍କୁ ଉତ୍ସାହିତ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ଭେନେଜୁଏଲାଙ୍କୁ ରାତିଅଧିଆ ଦଖଲ କରିବା ଭଳି ଇରାନକୁ ମାତ୍ର ଦୁଇ ତିନି ଦିନରେ ଅକ୍ତିଆର କରିନେବା ଭାବିଥିଲେ। ଯୁଦ୍ଧ ଯେ, ଦୀର୍ଘକାଳୀନ ହେବ, ଏହା ସେ କେବେ ବି ଚିନ୍ତା କରିନଥିଲେ। ଇରାନ ଉପରେ ଆକ୍ରମଣ ତାଙ୍କ ପାଇଁ କେବଳ ମହଙ୍ଗା ହୋଇନାହିଁ, ବୁମେରାଂ ହୋଇଛି। ଆମେରିକାରେ ତାଙ୍କ ବିରୋଧରେ ଅସନ୍ତୋଷର ବହ୍ନି ତୀବ୍ର ହେଉଥିବାବେଳେ ନାଟୋରେ ଏକ ଘରିକିଆ ହୋଇଯାଇଛନ୍ତି। ଇରାନ ଯୁଦ୍ଧରେ ନାଟୋ ସଦସ୍ୟଙ୍କ ଅସହଯୋଗ ଏହାର ଜ୍ୱଳନ୍ତ ଉଦାହରଣ।"

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କୁ ଅସଫଳ ହତ୍ୟା ଉଦ୍ୟମ ପ୍ରଥମ ଥର ନୁହେଁ, ଏହା ତାଙ୍କୁ ତୃତୀୟ ଥର ହତ୍ୟା ତେବେ ଏଥର ହତ୍ୟା ଉଦ୍ୟମ ହୋଇଛି। ଏପରି ଏକ ସମୟରେ ଯେଉଁ ସମୟରେ କେବଳ ଆମେରିକା ନୁହେଁ, ସମଗ୍ର ବିଶ୍ୱ ଉଭୟ ଶକ୍ତି (ଇନ୍ଧନ) ଏବଂ ଆର୍ଥିକ ଅସ୍ଥିରତା ମୁହାଁ ହୋଇଛି।

କହିବା ବାହୁଲ୍ୟ ଯେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଭାବେ ଆକ୍ରମଣ ପରେ ଏହାର ପ୍ରଭାବ ଏବେ ସମଗ୍ର ବିଶ୍ୱରେ ଅନୁଭୂତ ହୋଇଛି। ଆମେରିକା ସମେତ ସାରା ବିଶ୍ୱରେ ଶକ୍ତି ସଂକଟ ନେଇ ଆତଙ୍କିତ ଅବସ୍ଥା ସୃଷ୍ଟି



ହୋଇଥିବାବେଳେ ବିଶ୍ୱ ଅର୍ଥନୀତି ଅସ୍ଥିରତା ଆଡକୁ ଗତି କରୁଛି । ଯୁଦ୍ଧ ଯଦି ଆଉ କିଛି ଦିନ ଚାଲୁ ରହେ, ତେବେ ସମଗ୍ର ବିଶ୍ୱରେ ଉତ୍କଟ ଶକ୍ତି ସଂକଟ ଯୋଗୁଁ ତାଲାବନ୍ଦ ସ୍ଥିତିକୁ ଆସିଯିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ।

କେବଳ ଏତିକି ନୁହେଁ, ଯୁଦ୍ଧ ଯୋଗୁଁ ଆମେରିକା ଗୁରୁତର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିବାବେଳେ ଦରଦାମ୍ ବୃଦ୍ଧି ଯୋଗୁଁ ତାଙ୍କ ବିରୋଧରେ ଏବେ ଅସନ୍ତୋଷ ତୀବ୍ର ଆକାର ଧାରଣ କରିଛି। ଏହି ହତ୍ୟା ଉଦ୍ୟମର କାରଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ ତାଙ୍କର ତ୍ରୁଟିପୂର୍ଣ୍ଣ ନୀତି ଓ ଜନଅସନ୍ତୋଷର କାରଣ ବୋଲି କହିଲେ ହୁଏତ ଭୁଲ ହୋଇନପାରେ।

କହିବା ବାହୁଲ୍ୟ ଯେ, ଦୁଇବର୍ଷ ତଳେ ଯେତେବେଳେ ଦ୍ୱିତୀୟ ଥର ଲାଗି ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ, ସେତେବେଳେ ସର୍ବାଧିକ ଲୋକପ୍ରିୟ ଭୋଟ ପାଇବାର ଗୌରବ ଅର୍ଜନ କରିଥିଲେ। କିନ୍ତୁ ବିଭିନ୍ନ କ୍ଷେତ୍ରରେ ତାଙ୍କର ତ୍ରୁଟିପୂର୍ଣ୍ଣ ନୀତି ଏବେ ତାଙ୍କ ଅତ୍ୟନ୍ତ ଅପ୍ରିୟ କରିଦେଇଥିବା ଏକ ଜନମତ ସର୍ଭେ ରିପୋର୍ଟରେ କୁହାଯାଇଛି। ତାଙ୍କ ବିରୋଧରେ ୫୮ ପ୍ରତିଶତ ମତ ପ୍ରକାଶ ପାଇଥିବାବେଳେ ମାତ୍ର ୩୯ ପ୍ରତିଶତ ତାଙ୍କ ନୀତିକୁ ସମର୍ଥନ କରିଥିବା ସର୍ଭେ ରିପୋର୍ଟରୁ ଜଣାଯାଏ। ଏଥିରୁ ସେ ଏବେ ଆମେରିକାରେ କେତେ ଅପ୍ରିୟ ତାହା ସ୍ପଷ୍ଟ ବୁଝାପଡେ। ତାଙ୍କର ଭିସାନୀତି, ବିଦେଶୀ ରାଷ୍ଟ୍ରଙ୍କ ଉପରେ ବାଣିଜ୍ୟ ଶୁଳ୍କ ଲାଗୁ ନୀତି, ଇରାନ ଉପରେ ଆକ୍ରମଣ, ଅହଂକାରପୂର୍ଣ୍ଣ ବିଭ୍ରାନ୍ତିକର ବୟାନବାଜି ତାଙ୍କୁ ଲୋକପ୍ରିୟତା ହରାଇବାର ମୂଳ କାରଣ ବୋଲି କୁହାଯାଇପାରେ। ଯେଉଁଥିପାଇଁ ବି ତାଙ୍କ ବିରୋଧରେ ଦ୍ୱିତୀୟ ପାଳି ଶାସନର ମାତ୍ର ଦୁଇବର୍ଷ ମଧ୍ୟରେ ତିନି ତିନ ଥର ରାଷ୍ଟ୍ରବ୍ୟାପୀ ଅଦ୍‌ଭୂତପୂର୍ବ ବିକ୍ଷୋଭ, ଶୋଭଯାତ୍ରା ହୋଇସାରିଲାଣି।

ଏଥିରୁ ସେ କିଛି ଶିକ୍ଷା କରିପାରିନଥିବା ମନେ ହୁଏ। ତେବେ ଇରାନ ଉପରେ ଅଚାନକ ଆକ୍ରମଣର କାରଣ କ'ଣ ତାହା ଅସ୍ପଷ୍ଟ ରହିଛି। ଯାହାକି ତାଙ୍କର ଲୋକପ୍ରିୟତାକୁ ଅପ୍ରିୟତାରେ ପରିଣତ କରିଦେଇଛି।

ଏହା ନିଶ୍ଚିତ ଯେ, ଦୀର୍ଘ ଦଶନ୍ଧି ଦଶନ୍ଧି ଧରି ଇରାନ ସହ ଆମେରିକାର ସମ୍ପର୍କ ଭଲ ନାହିଁ। ଏହା ସତ୍ତ୍ୱେ ଜର୍ଜ ବୁଶଙ୍କ ଠାରୁ ଆରମ୍ଭ କରି ବାଇଡେନଙ୍କ ପର୍ଯ୍ୟନ୍ତ କୌଣସି ଆମେରିକୀୟ ରାଷ୍ଟ୍ରପତି ଇରାନ ଉପରେ ଆକ୍ରମଣ କରିବାକୁ କେବେ ବି ଚିନ୍ତା କରିନଥିଲେ। କିନ୍ତୁ ଭେନେଜୁଏଲାର ତୈଳ ଭଣ୍ଡାର ଅକ୍ତିଆର କରିବା ପରେ ଇରାନର ତୈଳ ଭଣ୍ଡାର ଅକ୍ତିଆର କରିବା ପାଇଁ ତାଙ୍କର ଥିଲା। ଏଥିପାଇଁ ଇସ୍ରାଏଲ ତାଙ୍କୁ ଉତ୍ସାହିତ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ଭେନେଜୁଏଲାଙ୍କୁ ରାତିଅଧିଆ ଦଖଲ କରିବା ଭଳି ଇରାନକୁ ମାତ୍ର ଦୁଇ /ତିନି ଦିନରେ ଅକ୍ତିଆର କରିନେବା ଭାବିଥିଲେ। ଯୁଦ୍ଧ ଯେ, ଦୀର୍ଘକାଳୀନ ହେବ, ଏହା ସେ କେବେ ବି ଚିନ୍ତା କରିନଥିଲେ। ଇରାନ ଉପରେ ଆକ୍ରମଣ ତାଙ୍କ ପାଇଁ କେବଳ ମହଙ୍ଗା ହୋଇନାହିଁ, ବୁମେରାଂ ହୋଇଛି। ଆମେରିକାରେ ତାଙ୍କ ବିରୁଦ୍ଧରେ ଅସନ୍ତୋଷର ବହ୍ନି ତୀବ୍ର ହେଉଥିବାବେଳେ ନାଟୋରେ ଏକଘରିକିଆ ହୋଇଯାଇଛନ୍ତି। ଇରାନ ଯୁଦ୍ଧରେ ନାଟୋ ସଦସ୍ୟଙ୍କ ଅସହଯୋଗ ଏହାର ଜ୍ୱଳନ୍ତ ଉଦାହରଣ। ସେହିପରି ଜାତିସଂଘ ନିରାପତ୍ତା ପରିଷଦରେ ଇରାନ ବିରୋଧୀ ପ୍ରସ୍ତାବ ଗୃହୀତ ହୋଇନପାରିବା ଆମେରିକାର ବଡ ଭାଇପଣିଆ ତଥା ବୃହତ୍ ମହାଶକ୍ତି ରାଷ୍ଟ୍ରର ମର୍ଯ୍ୟାଦା ପ୍ରତି ଆଞ୍ଚ ଆଣିଛି। ଏଥିରେ ସନ୍ଦେହ ନାହିଁ। ଯାହାକି ତାଙ୍କୁ ତୃତୀୟ ଥର ହତ୍ୟା ଉଦ୍ୟମର କାରଣ ବୋଲି ଅନୁମାନ କରାଯାଇପାରେ। ଅବଶ୍ୟ ରାଷ୍ଟ୍ରପତିଙ୍କୁ ହତ୍ୟା କିମ୍ବା ଉଦ୍ୟମ ନୂଆ ନୁହେଁ। ଅତୀତରେ ୪ଜଣ ଆମେରିକୀୟ ରାଷ୍ଟ୍ରପତି ଆତତାୟୀ ଗୁଳିରେ ହତ୍ୟାର ଶିକାର ହୋଇଥିଲେ ରିପବ୍ଲିକାନ ରାଷ୍ଟ୍ରପତି ଆବ୍ରାହାମ ଲିଙ୍କନ (୧୮୬୫), ଡେମୋକ୍ରାଟ ରାଷ୍ଟ୍ରପତି ଜନ ଏଫ କେନେଡି (୧୯୬୩)ଙ୍କ ସହ ୪ଜଣ ରାଷ୍ଟ୍ରପତି କ୍ଷମତାରେ ଥିବାବେଳେ ହତ୍ୟାର ଶିକାର ହୋଇଥିଲେ।

ସେହିପରି ୨୦୦୭ରେ ପ୍ରକାଶିତ ଏକ ଗବେଷଣାମୂଳକ ସେବା ରିପୋର୍ଟରେ ଆମେରିକାର ୪୨ଜଣ ରାଷ୍ଟ୍ରପତିଙ୍କ ମଧ୍ୟରୁ ୧୦ଜଣଙ୍କ ଉପରେ ହତ୍ୟା ଉଦ୍ୟମ ହୋଇଥିବା କୁହାଯାଇଛି। ଭରପୂର ଉତ୍ସବରେ କଡା ସୁରକ୍ଷା ବଳୟ ଭେଦ କରି ଜଣେ ଉଚ୍ଚଶିକ୍ଷିତ ଯୁବକ ତାଙ୍କୁ ହତ୍ୟା କରିବା ଉଦ୍ୟମରୁ ଟ୍ରମ୍ପ କିଛି ଶିକ୍ଷା କରିବା ଉଚିତ। ଜନ ଅସନ୍ତୋଷକୁ ପ୍ରଶମିତ କରିବା ଲାଗି ଇରାନ ସହ ଯୁଦ୍ଧ ବନ୍ଦ ଘୋଷଣା କରିବା ଉଚିତ। ଯାହାକି କେବଳ ତାଙ୍କ ପାଇଁ ନୁହେଁ, ସାରା ବିଶ୍ୱ ପାଇଁ ମଙ୍ଗଳକର ହେବ।

ମୋ-୯୪୩୭୯୯୪୩୭୯

## ଗୋସମ୍ମାନ ଦିବସ ଘୋଷଣା ନେଇ ଦାବିପତ୍ର

ଆସିକା,(ନିପ୍ର): ଗଞ୍ଜାମ ଜିଲ୍ଲା ଆସିକା ତହସିଲ ଅଂଚଳର ଗୋ ସେବକ ଭକ୍ତମାନେ ଆସିକା ତାଲୁକା ଛକ ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିରରୁ ଏକ ନାମ ସଂକୀର୍ତ୍ତନରେ ବାହାରି ଗୋ ମାତାର ସୁରକ୍ଷା ଦେବା, ଗୋ ମାତାକୁ ସମ୍ମାନ ଦେବା ଓ ଗୋ ମାତାର ସେବା କରିବାକୁ ହେବ ବୋଲି ଉପସ୍ଥିତ ଗୋ ଭକ୍ତମାନେ ମତ ରଖିଥିଲେ। ଏଥିସହିତ ରାଷ୍ଟ୍ରରେ ଗୋ ସମ୍ମାନ ଦିବସ ଘୋଷଣା ଦାବି ନେଇ ରାଷ୍ଟ୍ରପତି, ଦେଶର ପ୍ରଧାନମନ୍ତ୍ରୀ,



ରାଜ୍ୟର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୦୪ ଗୋଟି ଦାବିପତ୍ର ସହିତ ହଜାର ହଜାର ସଂଖ୍ୟକ ଦସ୍ତଖତ ପତ୍ରର ନକଲ ଆସିକା ତହସିଲଦାର ସଂଗୀତା ସେନଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସାଧୁ ସନ୍ଥ, ଗୋ ସେବକ ଭକ୍ତ, ଆଇନଜୀବୀ, ସାମ୍ବାଦିକ ଯୋଗ ଦେଇଥିଲେ ।

ଆଜିର କାର୍ଯ୍ୟକ୍ରମରେ ହରିହର ପାଢ଼ୀଙ୍କ ସଂଯୋଜନାରେ ସାମ୍ବାଦିକ ଯୋଗେନ୍ଦ୍ର ନାଥ ପ୍ରଧାନ, ବିମ୍ବାଧର ପାତ୍ରଙ୍କ ନେତୃତ୍ୱରେ ପ୍ରଶାନ୍ତ କୁମାର ଦାସ, ବ୍ରଜବନ୍ଧୁ ଆଚାରୀ, ବୃନ୍ଦାବନ ବେହେରା, ଭେଙ୍କଟରମଣ ପାତ୍ର, କାଉନସିଲର ରାଘବ ସିଅ,ଶିବ ରାମ ମହାରଣା,ରାଧାକୃଷ୍ଣ ପାଣିଗ୍ରାହୀ,ପ୍ରମୋଦ କୁମାର ମହାନ୍ତି,ସୁରେଶ ବିଷୋୟୀ, ଅନିଲ ସ୍ୱାଇଁ, ମଳୟ ସ୍ୱାଇଁ, ରବୀନ୍ଦ୍ର ଆଚାରୀ, ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଯଥାଶୀଘ୍ର ଏହି ଦାବି ନ ଶୁଣିଲେ ଆଗାମୀ ଜୁଲାଇ ୨୭ରେ ପୁଣି ଗୋ ଭକ୍ତମାନେ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି କୁହାଯାଇଛି ।

# ପାରଳାରେ ପାନୀୟ ଜଳାଭାବ ଆଶଙ୍କା

## ମହେନ୍ଦ୍ରତନୟାରେ କମୁଛି ଜଳସ୍ତର

ପାରଳାଖେମୁଣ୍ଡି,(ନିପ୍ର): ଅସହ୍ୟ ତାତି ଜଳାଶୟ ସବୁ ଶୁଖିଗଲାଣି ନଦୀରେ ଜଳସ୍ତର ବି କମି ଆସିଲାଣି। ଆଗକୁ ଆହୁରି ଖରା ବଢ଼ିବ ବୋଲି ଅନୁମାନ କରାଯାଉଛି। ଏଣୁ, ପାରଳା ସହରରେ ଜଳସଙ୍କଟର ଆଶଙ୍କା ଦେଖାଗଲାଣି ସମ୍ପୂର୍ଣ୍ଣ ପାରଳା ସହର ପାନୀୟଜଳ ସକାଶେ ମହେନ୍ଦ୍ରତନୟା ଉପରେ ନିର୍ଭରଶୀଳ ନଦୀରେ ଆନିକଟ କରି ପାଣିକୁ ଅଟକାଇ ରଖି ବ୍ୟବହାର କରାଯାଉଛି। ଚଳିତବର୍ଷ ମଧ ବୃନ୍ଦାବନ ପ୍ୟାଲେସ ନିକଟରେ ଅସ୍ଥାୟୀ ଆନିକଟ ନିର୍ମାଣ କରାଯାଇଛି। କିନ୍ତୁ, ଦିନକୁ ଦିନ ଜଳସ୍ତର କମୁଥିବା ବେଳେ ସ୍ଥାୟୀ ସମାଧାନ ପ୍ରତି ପ୍ରଶାସନ ଧ୍ୟାନ ଦେଉନି ବୋଲି ଅଭିଯୋଗ ହୋଇଆସୁଛି ।



ନଦୀର ଉପର ମୁଣ୍ଡରେ ଗୋଷାଣୀ ବ୍ଲକ୍ ଓ ଆନ୍ଧ୍ରର ଚାଷୀମାନେ ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜଳ ବ୍ୟବହାର କରୁଥିବା ବେଳେ ତଳମୁଣ୍ଡରେ ବାଲିବସ୍ତା ପକାଇ ଆନିକଟ ରଖିବାର ପ୍ରୟାସ କରାଯାଉଛି। ଦୀର୍ଘ ବର୍ଷ ହେଲା ପୌରପାଳିକାରେ ଗ୍ରୀଷ୍ମଋତୁରେ ଜଳାଭାବ ଦେଖିଆସୁଛି । ହେଲେ, ଜଳ ସଂରକ୍ଷଣ ପାଇଁ ବ୍ୟବସ୍ଥା କରୁନି। ଏଣୁ, ବର୍ଷାଋତୁରେ ଆସୁଥିବା ପ୍ରଚୁର ଜଳ ପ୍ରବାହିତ ହୋଇ ଆନ୍ଧ୍ରକୁ ଚାଲିଯାଉଛି, ଯାହାକୁ ସଂରକ୍ଷିତ କରି ବ୍ୟବହାର କରୁଛି ଆନ୍ଧ୍ର। ମହାରାଜାଙ୍କ ଅମଳରୁ ପାରଳା ସହରରେ ପାନୀୟଜଳ ସମସ୍ୟାର ସମାଧାନ ନିମନ୍ତେ ପ୍ରତ୍ୟେକ ସାହିରେ ଦୁଇରୁ ତିନୋଟି ଲେଖାଏଁ ଛୋଟବଡ଼ ପ୍ରାୟ ୧୩୨ଟି କୂପ ଖୋଳାଯାଇଛି। ଏହାଦ୍ୱାରା ସହର ବାସିନ୍ଦା ପାନୀୟଜଳ ପାଇ ପାରୁଥିଲେ। ହେଲେ, କାଳକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଅନେକ କୂଅ ନଷ୍ଟ ହୋଇ ଯାଇଥିବାବେଳେ କିଛି ପୋତି ହୋଇଯାଇଛି । ବହୁ କୂଅ ଥାଇ ମଧ ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ । ବର୍ତ୍ତମାନ, ମାତ୍ର ୧୦ରୁ ୧୨ଟି କୂଅର ଜଳ ହିଁ ଜନସାଧାରଣଙ୍କ ବ୍ୟବହାରରେ ଲାଗୁଛି। ବହୁବାର ବିଭିନ୍ନ ସାହିର ବାସିନ୍ଦା ପୋତି ହୋଇ ଯାଇଥିବା କୂପଗୁଡ଼ିକର ପୁନରୁଦ୍ଧାର ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇନାହିଁ। ବର୍ତ୍ତମାନ ସହରର ୪ଟି ପୋଖରୀ ମଧ୍ୟରୁ ଦୁଇଟି ପୋଖରୀରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ତଥାପି ଶୁଖିଲା ପଡ଼ିଛି।

ଏଣୁ, ତୁରନ୍ତ କିଛି ବ୍ୟବସ୍ଥା କରା ନଗଲେ ଆଗାମୀ ଦିନରେ ପାରଳାର ଯେ ଜଳସଙ୍କଟ ବିପର୍ଯ୍ୟସ୍ତ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ସେହି ୧୦ ରୁ ୧୨ କୂଅକୁ ପୁନର୍ବାର କଲେ ପାରଳାରେ କିଛି ମାତ୍ରାରେ ଜଳ ସଙ୍କଟରୁ ରକ୍ଷା ପାଇବା ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ସରକାରୀ ଶ୍ରମ ନିୟମକୁ ଫୁ, ୪୦ ଡିଗ୍ରୀ ତାପରେ ଖଟୁଛନ୍ତି ଶ୍ରମିକ !



ବଣାଇ,(ନିପ୍ର): ଏବେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ ଖରାର ପ୍ରକୋପ ମଧ ବଢି ବାରେ ଲାଗିଛି। ଗ୍ରୀଷ୍ମକୁ ଆଖି ଆଗରେ ରଖି ସରକାର ଶ୍ରମିକମାନଙ୍କ ପାଇଁ ନୀତି ନିର୍ଘଣ୍ଟ ସ୍ଥିର କରିଛନ୍ତି । ସରକାରୀ ଭାବେ ହେଉ କିମ୍ବା ବେସରକାରୀ ଭାବେ ଶ୍ରମିକମାନେ ଦୈନିକ ଅପରାହ୍ନ ୧୧ଟା ସୁଦ୍ଧା କାର୍ଯ୍ୟକ୍ଷେତ୍ର ଛାଡିବାକୁ ନିର୍ଦ୍ଦେଶ ନାମା ଜାରି ହୋଇଛି। କିନ୍ତୁ ପରିତାପର ବିଷୟ ଗୁରୁଣ୍ଡିଆ ବ୍ଲକ୍ ଅନ୍ତର୍ଗତ ଭାଲୁଡୁଙ୍ଗୁରି ନିକଟରେ ଥିବା ଏକଲବ୍ୟ ବିଦ୍ୟାଳୟରେ ନିର୍ମାଣ ହେଉଥିବା ଦୁଇ ମହଲା ବିଶିଷ୍ଟ କୋଠାରେ ବିପଦ ସଙ୍କୁଳ ଅବସ୍ଥାରେ ଶ୍ରମିକମାନେ ଉଦଉଦିଆ ଖରାରେ କାମ କରୁଛନ୍ତି । ସରକାରୀ ଆଇନକୁ ବେଖାତିର କରି ଏଠାରେ ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ତାପମାତ୍ରାରେ ଦିନ ୧୨ ଟାବେଳେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ସବୁ ଦେଖି ଠିକାଦାର ଓ ଇଞ୍ଜିନିୟର ନିରବଦ୍ରଷ୍ଟା ସାଜିଥିବାରୁ ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଭାବେ ବିଜାଡିହି ନିକଟରେ ମଧ ପୂର୍ତ୍ତ ବିଭାଗ ରାସ୍ତା କାମ ଚାଲିଥିବାବେଳେ ସେଠାରେ ମଧ ମେସିନ ସହ ଶ୍ରମିକମାନେ ଉଦୁଉଦିଆ ଖରାରେ ଦିନ ୧୨ ଟା ସମୟରେ ରାସ୍ତା ଉପରେ କାମ କରୁଛନ୍ତି । ଶ୍ରମିକ ଠିକାଦାର ଓ ଠିକା ସଂସ୍ଥା ଶହଶହ ଶ୍ରମଜୀବୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେଉନାହାନ୍ତି । ସେହିପରି ବଣାଇଁ ବ୍ଲକ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ବିଭାଗର ରାସ୍ତା ତଥା ଅନ୍ୟାନ୍ୟ କୋଠାବାଡି ନିର୍ମାଣ କାର୍ଯ୍ୟରେ ଶ୍ରମିକଙ୍କୁ ବେଆଇନ ଭାବେ ନିଯୁକ୍ତ କରାଯାଉଛି। ଶ୍ରମିକଙ୍କ ସୁରକ୍ଷା ପାଇଁ ଏହା ଉପରେ ଉପଖଣ୍ଡ ଶ୍ରମ ବିଭାଗ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି।

# ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ସବୁଜିମା ଅଭିଯାନ

ଯାଜପୁର,(ନିପ୍ର): ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍) ନିଜର ଭବିଷ୍ୟତ ଅଭିବୃଦ୍ଧି ପାଇଁ ପରିବେଶ ସନ୍ତୁଳନ ଓ ଦୀର୍ଘସ୍ଥାୟୀ ବିକାଶକୁ ପ୍ରାଥମିକତା ଦେଇଛି। ଏହି କ୍ରମରେ ରାଜ୍ୟର ଅନ୍ୟତମ ପ୍ରମୁଖ ଶିଳ୍ପାଞ୍ଚଳ କଳିଙ୍ଗନଗରରେ ବୃହତ୍ତମ ସବୁଜିମା ଅଭିଯାନ ଆରମ୍ଭ ହେଉଛି। ଏହି ଅଭିଯାନରେ ଆଗାମୀ ୪ ବର୍ଷ ମଧ୍ୟରେ ୬ ଲକ୍ଷ ଚାରା ରୋପଣ କରିବାକୁ କମ୍ପାନୀ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଧୂଳି ଓ ଶବ୍ଦ ପ୍ରଦୂଷଣରୁ ବାରଗାଡ଼ିଆ, ଡୁବୁରୀ ଏବଂ ନିକଟସ୍ଥ ଗ୍ରାମଗୁଡ଼ିକୁ ରକ୍ଷା କରିବା ପାଇଁ ଏହି ବନୀକରଣ ଏକ ବୈଜ୍ଞାନିକ ପ୍ରତିବନ୍ଧକ (ବଫ୍) ଭାବେ କାର୍ଯ୍ୟ କରିବ। ଏହି ପଦକ୍ଷେପ ଜୈବ ବିବିଧତାକୁ ସୁଦୃଢ଼ କରିବା ସହ ବାୟୁର ଗୁଣବତ୍ତା ବୃଦ୍ଧି ଏବଂ ଅଙ୍ଗାରକାମ୍ଳ ହ୍ରାସ କରିବାରେ ସହାୟକ ହେବ। ଏହି ପରିବେଶ ପ୍ରତିବଦ୍ଧତାକୁ ଆଧାର କରି ଏନଆଇଏନଏଲ୍ ନିଜର ବାର୍ଷିକ କ୍ରୁଡ୍ ଷ୍ଟିଲ୍ ଉତ୍ପାଦନ କ୍ଷମତାକୁ ୧ ରୁ ୪.୮ ନିୟୁତ ଟନକୁ ବୃଦ୍ଧି କରିବାକୁ ଯୋଜନା କରିଛି।

ପରିବେଶ ସୁରକ୍ଷା ରୋଡମ୍ୟାପ୍ ଅନୁଯାୟୀ, କମ୍ପାନୀ ୪୫୫ ହେକ୍ଟର ପରିମିତ ଅଞ୍ଚଳରେ ସବୁଜ ବଳୟର ରକ୍ଷଣାବେକ୍ଷଣ କରିବ,




ଯେଉଁଥିରୁ ୧୦୫ ହେକ୍ଟର କେବଳ ଗୋଡିଗୋଠ ଅଞ୍ଚଳରେ ରହିଛି। ସରକାରୀ ନିୟମ ଅନୁଯାୟୀ ୨୫% ସବୁଜ ବଳୟ ରଖିବା ବାଧ୍ୟତାମୂଳକ ଥିବାବେଳେ, ଏନଆଇଏନଏଲ୍ ପ୍ଲାଣ୍ଟରେ ବର୍ତ୍ତମାନ ସୁଦ୍ଧା ୪୨.୬% ଅଞ୍ଚଳରେ ସବୁଜିମା ରହିଛି। ଏହା ବ୍ୟତୀତ ପ୍ରଦୂଷଣ ରୋକିବା ପାଇଁ ପ୍ଲାଣ୍ଟ ସୀମାରେ ଏକ ଧାତବ 'ୱିଣ୍ଡ-ସ୍କ୍ରିନ୍ ବ୍ୟାରିୟର' ସ୍ଥାପନ କରାଯିବ। ସିଣ୍ଟର ପ୍ଲାଣ୍ଟ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍ ଭଳି ପ୍ରମୁଖ ଉତ୍ପାଦନ ୟୁନିଟଗୁଡ଼ିକରେ ଉନ୍ନତମାନର ବ୍ୟାଗ୍ ଫିଲ୍ଟର ଏବଂ ଇଲେକ୍ଟ୍ରୋଷ୍ଟାଟିକ୍ ପ୍ରେସିପିଟେଟର (ଇଏସପି) ଭଳି ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ଲଗାଯିବ।

ଜଳ ପ୍ରଦୂଷଣ ରୋକିବା ପାଇଁ ଏନଆଇଏନଏଲ୍ 'ଜିରୋ ଏଫ୍ଲୁଏଣ୍ଟ ଡିସଚାର୍ଜ' (ଜେଡଇଡି) ନୀତି ଆପଣାଇଛି। ଏଥିପାଇଁ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଇଟିପି) ଏବଂ ସ୍ୱେରେଜ୍ ଟ୍ରିଟମେଣ୍ଟ ସିଷ୍ଟମ୍ କାର୍ଯ୍ୟକାରୀ ହେବ। ଏହି 'କ୍ଲୋଜଡ୍-ଲୁପ୍' ବ୍ୟବସ୍ଥା ଦ୍ୱାରା ପ୍ଲାଣ୍ଟର ସମସ୍ତ ବ୍ୟବହୃତ ଜଳକୁ ବିଶୋଧନ କରାଯାଇ ପୁନଃ ବ୍ୟବହାର କରାଯିବ ଏବଂ ବାହ୍ୟ ଜଳଉତ୍ସକୁ କୌଣସି ଦୂଷିତ ଜଳ ନିଷ୍କାସିତ ହେବ ନାହିଁ।ଡିକାର୍ବୋନାଇଜେସନ (କାର୍ବନ ନିର୍ଗମନ ହ୍ରାସ) ଉପରେ ଗୁରୁତ୍ୱ ଦେଇ କମ୍ପାନୀ ସୌର ଓ ପବନ ଶକ୍ତି ଭଳି ଅକ୍ଷୟ ଶକ୍ତି ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି। ଏଥି ସହିତ ବ୍ଲାଷ୍ଟ ଫର୍ଣ୍ଣେସରେ ଅତ୍ୟାଧୁନିକ 'ପଲଭରାଇଜଡ୍ କୋଲ ଇଞ୍ଜେକସନ' ଏବଂ ଶକ୍ତି ସଞ୍ଚୟକାରୀ 'ହଟ୍ ଷ୍ଟୋଭ୍' ବ୍ୟବହାର କରାଯିବ। ପରିବହନ କ୍ଷେତ୍ରରେ ମଧ ଡିଜେଲ ଗାଡ଼ି ପରିବର୍ତ୍ତେ ଇଲେକ୍ଟ୍ରିକ୍ କିମ୍ବା ହାଇଡ୍ରୋଜେନ-ଚାଳିତ ଟ୍ରକ୍ ବ୍ୟବହାର କରିବାକୁ ଯୋଜନା ରହିଛି। ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ୧୦୦% ରିସାଇକ୍ଲିଂ କିମ୍ବା ପୁନଃ ବ୍ୟବହାର ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସମସ୍ତ ନିୟମକୁ କଡ଼ାକଡ଼ି ଭାବେ ପାଳନ କରି ଏନଆଇଏନଏଲ୍ ଶିଳ୍ପ ବିକାଶ ଓ ପରିବେଶ ସୁରକ୍ଷା ମଧ୍ୟରେ ଏକ ନୂଆ ସମନ୍ୱୟ ସ୍ଥାପନ କରୁଛି। ସୂଚନାଯୋଗ୍ୟ ଯେ, ଟାଟା ଷ୍ଟିଲ୍ କଳିଙ୍ଗନଗର ମଧ ଏହାର କାର୍ଯ୍ୟାରମ୍ଭ ଦିନଠାରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୭ ଲକ୍ଷ ବୃକ୍ଷରୋପଣ କରିସାରିଛି।

## ପିଣ୍ଡାପଥରକୁ ହରାଇ ଲମଟିବାହାଲ ଚାମ୍ପିୟନ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ଠାରେ ଚାଲିଥିବା ଫାୟାର କ୍ଲବ୍ ରାତ୍ରୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ରାତିରେ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବ୍ରଜରାଜନଗରର ଲମଟିବାହାଲ ଟିମ ପିଣ୍ଡାପଥରକୁ ୭ ରନରେ ହରାଇ ଚାମ୍ପିୟନ ହୋଇଥିଲା। ପାଞ୍ଚଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରେ ସମ୍ବଲପୁର,ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରୁ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଲମଟିବାହାଲ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮୫ ରନ କରିଥିଲା। ଜ୍ୱାବରେ ପିଣ୍ଡାପଥର ଦଳ ୮୬ ରନର ପିଛା କରି ୧୦ ଓଭରରେ ୭୯ ରନ କରିଥିଲା। ୭ ରନ୍ ବ୍ୟବଧାନରେ ଲମଟିବାହାଲ



ବିଜେତା ହୋଇଥିଲା। ପୁରସ୍କାର ବିବରଣୀ କାର୍ଯ୍ୟକ୍ରମରେ ଆଗ୍ନିକ ବିଜୟ ରାଉତ ମୁଖ୍ୟଅତିଥି,ବରିଷ୍ଠ ଖେଳାଳି ବସନ୍ତ ଦାସ, ବିଜୟ ନାୟକ, ଦିନେଶ ଚୌଧରୀ,ରାଜେନ୍ଦ୍ର ଆଚାର୍ଯ୍ୟ, ସେକ ଇସାକ ଓ ରାଜା ଖାନ୍ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଲମଟିବାହାଲକୁ ଚାମ୍ପିୟନ ଟ୍ରଫି ଓ ପିଣ୍ଡାପଥରକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ।

## ଦୁଇ ବାଲି ବୋଝେଇ ହାଇୱା ଜବତ

ପାରଳାଖେମୁଣ୍ଡି,(ନିପ୍ର): ବିଳମ୍ବିତ ରାତିରେ ରାଣୀପେଣ୍ଟ ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ପାରଳା ପୁଲିସ ବେଆଇନ ବାଲି ଚାଲାଣ ଅଭିଯୋଗରେ ଦୁଇ ହାଇୱାକୁ ଅଟକ ରଖିଛି। ତନଖି ସମୟରେ ଆବଶ୍ୟକ ଦସ୍ତାବିଜ ଦେଇ ପାରିନଥିବାରୁ ତଦନ୍ତ ପାଇଁ ଖଣି ବିଭାଗ ଓ ପରିବହନ ବିଭାଗକୁ ଅବଗତ କରାଯାଇଛି । ତେବେ,



କାଶୀନଗର ଅଞ୍ଚଳରୁ ବିପୁଳ ପରିମାଣର ବାଲି ଚୋରା ଚାଲାଣ ହେଉଥିବା ଏବଂ ଧରାପଡ଼ି ଲକ୍ଷ ଲକ୍ଷ ଟଙ୍କା ଜରିମାନା ଆଦାୟ ହେବା ସତ୍ତ୍ୱେ ଏହି ବେଆଇନ ଚାଲାଣ ଥମୁନାହିଁ। ସମାନ ବ୍ୟବସାୟୀଙ୍କ ଗାଡ଼ି ହିଁ ବାରମ୍ବାର ଚୋରା ଚାଲାଣରେ ନିୟୋଜିତ ହେଉଥିବା ଜଣାପଡୁଛି। ଏଣୁ, ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି ହୋଇଛି।

## ବାଲ୍ୟବିବାହ ବନ୍ଦ କଲା ଜିଲ୍ଲା ପ୍ରଶାସନ

ପାରଳାଖେମୁଣ୍ଡି,(ନିପ୍ର): ସଂଯୋଜିକା ବୈଶାଳୀ ପଟ୍ଟନାୟକ କୌଣସି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଲେ ଯେ, ଗଜପତି ଜିଲ୍ଲା ଗୋଶାଣି ବ୍ଲକର ଗାରବନ୍ଧ ଗ୍ରାମରେ ଏକ ବାଲ୍ୟବିବାହ ହେବାକୁ ଯାଉଛି, ଏହା ଖବର ପାଇବା ପରେ ତତ୍କ୍ଷଣାତ ଚାଇଲ୍ଡ ହେଲ୍ପ ଲାଇନର ପ୍ରକଳ୍ପ ସଂଯୋଜିକା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଏହାପରେ ସଙ୍ଗେ ସଙ୍ଗେ ଏକ ଦଳ ଗଠନ କରାଯାଇଥିଲା, ଯେଉଁଥିରେ ଗୋଶାଣି ବ୍ଲକର ଆସିଡିଏସର ସୁପରଭାଜର, ଡିସିପିୟୁର ପରାମର୍ଶଦାତା ,ଚାଇଲ୍ଡ ହେଲ୍ପ ଲାଇନର ସୁପରଭାଇଜର, ସଖୀ କେନ୍ଦ୍ରର ସଦସ୍ୟା, ଆଭା ଏନ୍‌ଜିଓର ସଦସ୍ୟା , ଗାରାବନ୍ଧ ଥାନାର ଆଇଆଇସି ମିଳିତ ଭାବରେ ଉକ୍ତ ଗ୍ରାମକୁ ଯାଇ ବାଲ୍ୟ ବିବାହ କରିବାକୁ ଥିବା ପରିବାରକୁ ବାଲ୍ୟ ବିବାହ ନିରୋଧ ଆଇନ ଓ ତାର ଦଣ୍ଡ ବିଧାନ ବିଷୟରେ ବୁଝାଇଥିଲେ । ଝିଅଟିର ବୟସ ୧୫ ବର୍ଷ ୫ ମାସ ହୋଇଥିବାରୁ ଝିଅକୁ ଉଦ୍ଧାର କରି ଶିଶୁ କଲ୍ୟାଣ ସମିତି ଗଜପତିଙ୍କ ଠାରେ ଉପସ୍ଥାପନା କରିଥିଲେ । ଶିଶୁ କଲ୍ୟାଣ ସମିତିର ଆଦେଶକ୍ରମେ ଶିଶୁଟିକୁ ଅଧିକ ପରାମର୍ଶସେବା ଯୋଗାଇ ଦେବା ନିମନ୍ତେ ସକ୍ଷୀ ୱାନ୍ ଷ୍ଟପ୍ ସେଣ୍ଟରକୁ ପଠାଯାଇଥିଲା । ଶିଶୁଟିର ଉଜ୍ଜଳ ଭବିଷ୍ୟତ ନିମନ୍ତେ ପରିବାରର ସଦସ୍ୟ ଆଗାମୀ ଦିନରେ ଶିଶୁକୁ ପାଠ ପଢାଇବେ ଏବଂ ବୟସ ନହେବା ପର୍ଯ୍ୟନ୍ତ ଶିଶୁର ବିବାହ କରିବେ ନାହିଁ ବୋଲି ଲିଖିତ ଭାବେ ଦରଖାସ୍ତ ଦେଇଥିଲେ । ପୁଣି ଆଗାମୀ ଦିନରେ ଶିଶୁଟିର ଭବିଷ୍ୟତ ପାଇଁ ବାଲ୍ୟ ବିବାହ ନିଷେଧକାରିଣୀ ଅଧିକାରିଣୀ ଝିଅଟିକୁ ପରାମର୍ଶ ଦେବା ସହ ଶିକ୍ଷାକୁ ସୁନିଶ୍ଚିତ କରିବେ ବୋଲି ଜଣାପଡ଼ିଛି।

## ଗୁଣି କରି ହତ୍ୟା ନେଇ ପରିବାରର ଅଭିଯୋଗ

ରେଢ଼ାଖୋଲ,(ନିପ୍ର) : ଗୁଣିକରି ମାରିଥିବା ଅଭିଯୋଗ ଆଣିଲେ ପରିବାର । ଆଜ୍ଞା ଏଭଳି ଏକ ଘଟଣା ଯାହାକୁ ଆପଣମାନେ ଶୁଣିଲେ ନିହାତି ଥରେ ଚିନ୍ତା କରି ନିଶ୍ଚୟ ଭାବିବେ ଯେ ଆଜିଭଳିଆ ଯୁଗରେ ବି ଲୋକେ ଅନ୍ଧ ବିଶ୍ୱାସର ଆଳାପରେ ପଡି ଆଗ ଗୁଣିଗାରେଡିକୁ ମାନି ବିଶ୍ୱାସ କରୁଛନ୍ତି ଲୋକେ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ତ୍ରୀବଣପୁର୍ ପଞ୍ଚାୟତ ଅନ୍ତର୍ଗତ ହରିହର ପୁର ଗାଁରେ । ଗାଁରେ ରହୁଥିବା ଜନକ ନାଏକ (୩୪) ଜଣେ ସୁସ୍ଥବାନ୍



ଲୋକ ଥିଲେ । ହେଲେ ବିଗତ ୬ଦିନ ଧରି ସେ ଘରେ ଶୋଇଥିବା ସମୟରେ ଅଚାନକ ତାଙ୍କ ଉପରେ କେହିଜଣେ ଗୁଣିଗାରେଡ଼ି କରି ତାଙ୍କୁ ଅଚଳ ଅବସ୍ଥା କରିଦେବା ଫଳରେ ପରିବାର ଲୋକେ ମେଡିକାଲ ନନେଇ ଗୁଣିଗାରେଡ଼ିକୁ ବିଶ୍ୱାସ କରି ତାକୁ ଗୁଣିଆ ପାଖକୁ ନେଇ ଝଡାଫୁଙ୍କା କରିଥିଲେ । ତଥାପି ସେ ଭଲ ହୋଇନଥିଲେ ।

ସୂଚନାଯୋଗ୍ୟ ଆଗରୁ ଜନକ ସୁସ୍ଥ ଥିବାବେଳେ ଏହି କିଛିଦିନ ପୂର୍ବରୁ ଘରେ ଅସୁସ୍ଥ ହୋଇପଡିବାରୁ ସେମାନଙ୍କୁ ପରିବାର ଲୋକେ ଗୁଣି କରିଥିବା ସନ୍ଦେହ କରି ପ୍ରଥମେ ଗୁଣିଆ ଓ ପରେ ସିଧା ରେଢ଼ାଖୋଲ ଡାକ୍ତରଖାନାକୁ ଆଣିଥିଲେ । ହେଲେ ଏଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଖବର ପାଇ ରେଢ଼ାଖୋଲ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିବା ସହ ମୃତ ଶରୀରକୁ ବ୍ୟବଚ୍ଛେଦ ପରେ ପରିବାର୍ ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏହାକୁ ନେଇ ଗୁଣିଗାରେଡ଼ି କରି ଶେଷରେ ମାରିଦେଇଥିବା ଜନକ ନାଏକଙ୍କ ଭାଇ ବରୁଣ ନାଏକ ଅଭିଯୋଗ କରିଛନ୍ତି ।

# ଚନ୍ଦନ ଯାତ୍ରା : ପୋଖରୀ ଶୁଖିଲା ପଡ଼ିଛି , ଜଳ ସଂକଟକୁ ନେଇ ଚିନ୍ତାରେ ରମ୍ଭାବାସୀ

ରମ୍ଭା,(ନିପ୍ର): ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଛି ।ସବୁଆଡ଼େ ଜଳ ପାଇଁ ହାହାକାର । ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଜଳର ଉତ୍କଟ ସଂକଟ ଦେଖାଦେଇଛି ।ପୋଖରୀ ଗାଡ଼ିଆ ଜଳ ମଧ ଶୁଖିଲା ପଡ଼ିଛି । ଏଭଳି ପରିସ୍ଥିତିରେ ରମ୍ଭାବାସୀଙ୍କୁ ଜଳ ସମସ୍ୟା ଘାରିଛି । ପୋଖରୀ ଜଳ ଶୁଖିଲା ପଡ଼ିବାରୁ ଏବେ ଯାବତୀୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଆସନ୍ତା ମାସ ୪ ତାରିଖରେ ରମ୍ଭା ସହରରେ ଆୟୋଜିତ ହେବ ଦକ୍ଷିଣ ଓଡ଼ିଶା ପ୍ରସିଦ୍ଧ ଚନ୍ଦନ ଯାତ୍ରା । ରମ୍ଭାବାସୀଙ୍କ ସମ୍ପର୍କୀୟ, ଅତିଥି, ମୈତ୍ର, ଆତ୍ମୀୟ ସୌଜନ୍ୟ ଓ ଅଞ୍ଚଳବାସୀନ୍ଦା ଆସି ଭିଡ଼ ଜମାଇବେ । ହେଲେ ପୋଖରୀ ଜଳ ଶୁଖିଲା ପଡ଼ିବା ସେମାନଙ୍କୁ ଚିନ୍ତାରେ ଘାରିଛି । ଫଟୋ ଚିତ୍ର ଦୃଶ୍ୟରୁ ଅନୁମେୟ ହେଉଛି ରମ୍ଭା ସହରର ମିଞ୍ଜିନି ପାଟଣା ୧-ନଂ ୱାର୍ଡ ରାଜପଥ ପାର୍ଶ୍ୱରେ ।



ଏହି ପୋଖରୀ ସମ୍ପୂର୍ଣ୍ଣ ରୂପେ ଶୁଖିଲା ପଡ଼ି ମାଟି ଆଁ କରିବା ଲକ୍ଷ୍ୟ କରାଯାଇଛି । କିନ୍ତୁ ରମ୍ଭା ଏନଏସି ପ୍ରଶାସନ ପୋଖରୀର ପୁନଃରୁଦ୍ଧାର କରି ଜଳ ଭର୍ତ୍ତି କରିବା ଏପର୍ଯ୍ୟନ୍ତ କୌଣସି ବିହିତ ପଦକ୍ଷେପ ନେଇନଥିବା ଅଭିଯୋଗ ବାଢିଛନ୍ତି । ଉପରୋକ୍ତ ପୋଖରୀ ଚନ୍ଦନ ଯାତ୍ରା ସମୟରେ ପ୍ରତିବର୍ଷ କୁଆଡେ ପୁନଃରୁଦ୍ଧାର କରିବା ପାଇଁ ମନେ ପଡ଼େ। ହେଲେ ରମ୍ଭା ଏନଏସିର ୱାର୍ଡ ୧-ନଂ ନିକଟରେ ଥିବା ଏହି ପୋଖରୀକୁ ରମ୍ଭା ମିଞ୍ଜିଣିପାଟଣାର ୪ ଖଣ୍ଡ ସାହି ,କଲେଜ ରୋଡ଼ ସାହି, ପାଣି ଟାଙ୍କି ସାହି, ଆର.ନୂଆଗାଁ ଗ୍ରାମବାସୀ ନିର୍ଭରଶୀଳ । କିନ୍ତୁ ଗତ କିଛିଦିନ ହେବ ପୋଖରୀ ଜଳ ଶୁଖିଲା ପଡିଥିବା ଯୋଗୁଁ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କାଁଭାଁ ପୋଖରୀରେ କିଞ୍ଚିତ ପାଣି ରହିଛି । ଲୋକେ ତଥା ଗୃହପାଳିତ ପଶୁମାନେ ଉତ୍କଟ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି, ଯାହା ସେମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ପାଣି ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି । ଏନଏସି ପ୍ରଶାସନ ଆଗାମୀ ଚନ୍ଦନ ଯାତ୍ରାକୁ ଦୃଷ୍ଟିରେ ରଖି ଜଳ ମୁକ୍ତ ପୋଖରୀକୁ ତୁରନ୍ତ ଜଳ ପୂର୍ଣ୍ଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ୧୧ ଗାଁ'କୁ ଟ୍ୟାଙ୍କରରେ ଜଳଯୋଗାଣ ଆରମ୍ଭ

## ||||||||||||| ଗଜପତିର ୫ ବ୍ଲକ୍‌ରେ ପାଣି ସମସ୍ୟା ଗମ୍ଭୀର |||||||||||

ପାରଳାଖେମୁଣ୍ଡି,(ନିପ୍ର): ଗ୍ରୀଷ୍ମଋତୁ ଚାଲିଥିବା ବେଳେ ଗଜପତି ଜିଲ୍ଲାରେ ପାନୀୟଜଳ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ବିଶେଷକରି ପାହାଡ଼ିଆ ଓ ଗ୍ରାମାଞ୍ଚଳରେ ଲୋକଙ୍କ ସ୍ଥିତି ଶୋଚନୀୟ ହେଲାଣି କେତେକ ଗ୍ରାମରେ ଝରଣା ଶୁଖିଯିବା ଫଳରେ ପାନୀୟଜଳ ସମସ୍ୟା ଉପୁଜିଥିବା ବେଳେ ଆଉ କେତେକ ଗ୍ରାମରେ ନଳକୂପରୁ ଆଉ ପାଣି ବାହାରୁନି ନାଳ ଓ ଝରଣା ଶୁଖିଯିବା ଫଳରେ ଅଧିକାଂଶ ପାହାଡ଼ିଆ ଇଲାକାର ଲୋକେ ଚୁଆ ଉପରେ ନିର୍ଭର କରୁଛନ୍ତି ବହୁ ଦୂରରୁ ସେମାନଙ୍କୁ ପାଣି ବୋହି ଆଣିବାକୁ ପଡୁଛି। ତେବେ ଏହି ସବୁ ସମସ୍ୟା ଆଜିର ନୁହେଁ ଦୀର୍ଘବର୍ଷ ହେଲା ଲାଗି ରହିଛି । ବାରମ୍ବାର ଅଭିଯୋଗ ପରେ ମଧ ପ୍ରଶାସନ ଓ ବିଭାଗ ସମାଧାନ କରିବାରେ ବିଫଳ ହୋଇଛି। ଗଜପତି ଜିଲ୍ଲାର ୭ଟି ବ୍ଲକ୍ ମଧ୍ୟରୁ ୫ଟି ବ୍ଲକ୍‌ର ପ୍ରାୟ ୫୦ ପ୍ରତିଶତରୁ ଅଧିକ ଲୋକ ପାହାଡ଼ିଆ



ଅଞ୍ଚଳରେ ବସବାସ କରୁଥିବା ବେଳେ ଗ୍ରୀଷ୍ମଋତୁ ଆସିଲେ ଜଳସଂକଟ ଦେଖା ଦେଉଛି। ସମାଧାନ ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଏଯାବତ ଶତ ପ୍ରତିଶତ ଗ୍ରାମାଞ୍ଚଳରେ ପାନୀୟଜଳ ଯୋଗାଣ ସମ୍ଭବପର ହୋଇପାରିନାହିଁ। ବର୍ତ୍ତମାନ ଜିଲ୍ଲାର ମୋଟ ୧୪୭୯ ଗ୍ରାମ ମଧ୍ୟରୁ ୧୫୬ ଗାଁକୁ 'ହରଘର ଜଳ' ଯୋଜନାରେ ପାନୀୟଜଳ ଯୋଗାଣ ନେଉଛି। ୩୦୦ ଗ୍ରାମକୁ ବିଭିନ୍ନ ଉପାୟରେ ପମ୍ପ ଯୋଗେ ଓ ୩୯୨ ଗାଁକୁ ଝରଣା ପାଣି ପାଇପ୍ ଯୋଗେ ଯୋଗାଣ ହେଉଛି । କିନ୍ତୁ ଏବେ ବି ଶତାଧିକ ଗ୍ରାମକୁ ପାନୀୟଜଳ ଯୋଗାଣ ବ୍ୟବସ୍ଥିତ ହୋଇପାରିନାହିଁ।

ଫଳରେ ବିକଳ୍ପ ବ୍ୟବସ୍ଥା ପାଇଁ ପ୍ରଶାସନ ଓ ବିଭାଗ ଅଣ୍ଟା ଭିଡ଼ିଛି। ପାନୀୟଜଳ ଅଭାବ ଯୋଗୁଁ ବର୍ତ୍ତମାନ ସୁଦ୍ଧା ରାୟଗଡ଼ ବ୍ଲକ୍‌ର ୩ଟି, କାଶୀନଗର ବ୍ଲକ୍‌ର ୪ଟି, ଗୁମ୍ମା ଓ ଗୋଷାଣୀ ବ୍ଲକ୍‌ର ୨ଟି ଲେଖାଏଁ ମୋଟ ୧୧ଟି ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ହେଉଛି। ଆବଶ୍ୟକସ୍ଥଳେ ଅଧିକ ଟ୍ୟାଙ୍କରର ବ୍ୟବସ୍ଥା କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଛନ୍ତି।

ତେବେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

## ଆମ ଆଦମୀ ପାର୍ଟିର ସାଙ୍ଗଠନିକ କାର୍ଯ୍ୟକ୍ରମ

କେନ୍ଦୁଝର,(ନିପ୍ର): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନହବେଡା ଠାରେ ଆମ ଆଦମୀ ପାର୍ଟି ପକ୍ଷରୁ ସାଙ୍ଗଠନିକ କାର୍ଯ୍ୟକ୍ରମ ଓ ମିଶ୍ରଣ ପର୍ବ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଝୁମ୍ପୁରା ବ୍ଲକ ସଭାପତି ଦିଲେଶ୍ୱର ମହାନ୍ତଙ୍କ ନେତୃତ୍ୱରେ ନହବେଡା, ଖେଣ୍ଡରା ଓ ବଡ଼ବିଲ ଅଞ୍ଚଳର ଶତାଧିକ କର୍ମୀ ଅରବିନ୍ଦ କେଜ୍ରିୱାଲଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମ ଆଦମୀ ପାର୍ଟିରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ପ୍ରଭାରୀ ଆଚାର୍ଯ୍ୟ କଲ୍ୟାଣ ଆନନ୍ଦ ଯୋଗଦେଇ ନୂତନ କର୍ମକର୍ତ୍ତାମାନଙ୍କୁ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ଅବସରରେ ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂ, ଜିଲ୍ଲା ଉପସଭାପତି ଜୈନୁଲ ଆବେଦିନ, କେନ୍ଦୁଝର ନିର୍ବାଚନ ମଣ୍ଡଳ ସଭାପତି ଜୟକୃଷ୍ଣ ନାଏକ, ଜିଲ୍ଲା ସମ୍ପାଦକ ଶଶାଙ୍କ ଶେଖର ସାହୁ, ଜିଲ୍ଲା କୋଷାଧକ୍ଷ ସନ୍ତୋଷ ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ସଂଗଠନକୁ ଆହୁରି ସୁଦୃଢ କରିବା ପାଇଁ ନୂତନ ଭାବେ ଯୋଗଦେଇଥିବା ଡମ୍ବରୁଧର ମହାନ୍ତଙ୍କୁ ଝୁମ୍ପୁରା ବ୍ଲକ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଥିଲା। ସେହିପରି ଝରଣା ନାଏକଙ୍କୁ ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି, ସୁମିତ୍ରା ପ୍ରଧାନଙ୍କୁ ବଡ଼ବିଲ ଓ ଯୋଡ଼ା ମୁନିସିପାଲିଟି ମହିଳା ସଭାପତି ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ନିକଟରେ ଦଳରେ ଯୋଗଦେଇଥିବା ସରୋଜ ନାୟକଙ୍କୁ ଜିଲ୍ଲା ନିର୍ବାଚନ ସଂଗଠକ ପରିଚାଳକ ଭାବେ ନିଯୁକ୍ତ କରାଯାଇଥିଲା।

# ମମତା ବାନାର୍ଜୀଙ୍କୁ ହତ୍ୟା ଧମକ ଦେଇଛି ବିଜେପି

ନୂଆଦିଲ୍ଲୀ, ୨୮/୪: ବିଜେପି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ହତ୍ୟା ଧମକ ଦେଇଛି ବୋଲି ଅଭିଯୋଗ କରି ଶାସକ ଟିଏମ୍‌ସି ଦଳ ସଦ୍ୟ ବିବାଦ ସୃଷ୍ଟି କରିଛି। ବିଜେପି ରାଜ୍ୟକୁ 'ଗୋଲି ମାରୋ' ଏବଂ ' ଠୋକ୍ ଦୋ' ସଂସ୍କୃତି ଆଣିବାକୁ ଚେଷ୍ଟା କରୁଛି ବୋଲି ଟିଏମ୍‌ସି ଅଭିଯୋଗ କରିଛି। ଉଲ୍ଲେଖଯୋଗ୍ୟ ଯେ ବିଧାନସଭା ନିର୍ବାଚନ ପୂର୍ବରୁ ଦକ୍ଷିଣ ୨୪ ପ୍ରଗଣାରେ ଏକ ଚଡ଼ଉ ସମୟରେ ନିର୍ବାଚନ କମିସନ୍‌ଙ୍କ ଦ୍ୱାରା ନିଯୁକ୍ତ ଜଣେ ପୁଲିସ ପର୍ଯ୍ୟବେକ୍ଷକ ଅଜୟ ପାଲ୍ ଶର୍ମା ଜଣେ ଟିଏମ୍‌ସି ପ୍ରାର୍ଥୀ ଜାହାଙ୍ଗିର ଖାନ୍‌ଙ୍କୁ ଚେତାବନୀ ଦେବାର ଭିଡିଓ ଭାଇରାଲ୍ ହେବାପରେ ଏହି ସଦ୍ୟ ବିବାଦ ଉପୁଜିଛି। ଏକ୍ସରେ ଏକ ପୋଷ୍ଟ୍ କରି ଟିଏମ୍‌ସି କହିଛି ଯେ ଦୁଷ୍କର୍ମ ଧମକ ପରେ ବିଜେପି ଏବେ ମମତା ବାନାର୍ଜୀଙ୍କ ବିରୋଧରେ ଖୋଲା ହତ୍ୟା ଧମକ ଦେଉଛି। ଉଭୟ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିସନ୍‌ଙ୍କୁ ଟାର୍ଗେଟ୍ କରି ଟିଏମ୍‌ସି କହିଛି ଯେ ନିର୍ବାଚନ କମିସନ୍ ଏବେ ନିରବଦ୍ରଷ୍ଟା ସାଜିଛନ୍ତି। ବିଜେପି ପଶ୍ଚିମବଙ୍ଗ ପାଇଁ ଏହି ପରିବର୍ତ୍ତନ ଆଣିଛି। ବିଜେପି ପଶ୍ଚିମବଙ୍ଗକୁ 'ଗୋଲି ମାରୋ' ଏବଂ 'ଠୋକ୍ ଦୋ' ସଂସ୍କୃତି ଆଣିବାକୁ ଚେଷ୍ଟା କରୁଛି। ଦଳ ବିଜେପି ଜାତୀୟ ମୁଖପାତ୍ର ଆଲୋକ ଅଜୟଙ୍କର ଏକ ପୋଷ୍ଟ୍‌କୁ ଦର୍ଶାଇ ବିଜେପି ମମତାଙ୍କୁ ହତ୍ୟା ଧମକ ଦେଇଥିବା କହିଛି। ଆଲୋକ ଏକ ପୋଷ୍ଟ୍ କରି କହିଥିଲେ ଯେ, ଯଦି ଆପଣ ଆମକୁ ଭୟଭୀତ କରିବାକୁ ଚେଷ୍ଟା କରିବେ ଆପଣଙ୍କୁ ଗୁଳି କରାଯିବ ଦିଦି'।

# ଲେବାନନ୍ ଅସ୍ତ୍ରବିରତି ବିଫଳ, ୪୦ ମୃତ

ବେରୁତ, ୨୮/୪: ମଧ୍ୟପ୍ରାଚ୍ୟରେ ଏବେ ଲେବାନନ ଯୁଦ୍ଧର ଅନ୍ୟତମ ମୁଖ୍ୟ କ୍ଷେତ୍ର ପାଲଟିଛି। ଏପ୍ରିଲ ୧୭ରେ ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହେବା ପରଠାରୁ ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ଏବଂ ହେଜବୁଲ୍ଲା ମଧ୍ୟରେ ଗୁଳି ବିନିମୟରେ ଅତିକମରେ ୪୦ ଜଣଙ୍କର ମୃତ୍ୟୁ ହୋଇସାରିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଲେବାନନରେ ଇସ୍ରାଏଲର ବିମାନ ଆକ୍ରମଣରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି। ଏହାର ଜବାବରେ ହେଜବୁଲ୍ଲା ପକ୍ଷରୁ ଡ୍ରୋନ୍ ଏବଂ ଗାଇଡେଡ୍ ମିସାଇଲ୍ ମାଧ୍ୟମରେ ଇସ୍ରାଏଲର ସାମରିକ ଗାଡ଼ିଗୁଡ଼ିକୁ ଟାର୍ଗେଟ କରାଯାଉଛି। ଅସ୍ତ୍ରବିରତି ସଂପୂର୍ଣ୍ଣ ଭଙ୍ଗୁର ହୋଇଥିବା ବେଳେ କୌଣସି ପକ୍ଷ ଏହାକୁ ସମ୍ମାନ ଦେଉନଥିବାରୁ ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି। ଏହି ସ୍ଥିତିରେ କତରର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଜେଦାରେ ଅନୁଷ୍ଠିତ ଜିସି ବୈଠକରେ କତରର ଅମୀର ଯୋଗଦେଇ ଚେତାବନୀ ଦେଇଛନ୍ତି ଯେ ଏହାକୁ ଏକ 'ଫ୍ରୋଜନ୍ କନଫ୍ଲିକ୍ଟ' ବା ସ୍ଥାୟୀ ସଂଘର୍ଷରେ ପରିଣତ ହେବାକୁ ଦିଆଯିବା ଉଚିତ ନୁହେଁ।

# କଂଗ୍ରେସ 'ମହିଳା ବିରୋଧୀ', ସ୍ୱୀକାର କଲେ ଶଶି ଥରୁର



ନୂଆଦିଲ୍ଲୀ, ୨୮/୪: ସଂସଦ ଅଧିବେଶନ ପରେ କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ ଓ କଂଗ୍ରେସ ସାଂସଦ ଶଶି ଥରୁରଙ୍କ ମଧ୍ୟରେ ହୋଇଥିବା ଏକ ବାର୍ତ୍ତାଳାପ ଏବେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ମଙ୍ଗଳବାର ନ୍ୟୁଜ୍ ଏଜେନ୍ସି 'ଏଏନଆଇ'କୁ ଦେଇଥିବା ଏକ ସାକ୍ଷାତକାରରେ ରିଜିଜୁ ଦାବି କରିଛନ୍ତି ଯେ, ଥରୁର ତାଙ୍କ ନିକଟରେ କଂଗ୍ରେସ ଦଳ 'ମହିଳା ବିରୋଧୀ' ବୋଲି ପରୋକ୍ଷରେ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, କଂଗ୍ରେସର ନିଜସ୍ୱ ହାଇପ୍ରୋଫାଇଲ୍ ନେତା ମଧ୍ୟ ଦଳର ମହିଳା ବିରୋଧୀ ଚରିତ୍ର ସମ୍ପର୍କରେ ଅବଗତ ଅଛନ୍ତି। ସଂସଦ ଭବନର ସେଣ୍ଟ୍ରାଲ ହଲରେ ଥରୁର ଦେଇଥିବା ମନ୍ତବ୍ୟକୁ ଉଠାଇ ରିଜିଜୁ ଦାବି କରିଛନ୍ତି ଯେ, କଂଗ୍ରେସ ଯେ ନାରୀ ସଶକ୍ତିକରଣ ବିରୋଧରେ ଏକ ରାଜନୈତିକ ପ୍ରାଚୀର ସଦୃଶ ଠିଆ ହୋଇଛି, ତାହା ଏବେ ଦଳ ଭିତରୁ ସ୍ୱୀକାରୋକ୍ତି ଆକାରରେ ସାମ୍ନାକୁ ଆସିଛି। ଲୋକସଭାରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲକୁ ସଂଖ୍ୟାବଳ ମାଧ୍ୟମରେ ପରାଜିତ କରିବା ପରେ କଂଗ୍ରେସ ଯେଉଁ ଉତ୍ସବର ମାହୋଲ ସୃଷ୍ଟି କରିଛି, ତାହାକୁ ରିଜିଜୁ କୋଟି କୋଟି ଭାରତୀୟ ମହିଳାଙ୍କ ପ୍ରତି ଏକ ଚରମ ଅପମାନ ବୋଲି ସେ କହିଛନ୍ତି। ସରକାର ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଜରିଆରେ ସାଂସଦ ସଂଖ୍ୟା ବୃଦ୍ଧି କରି ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସୁନିଶ୍ଚିତ କରିବାକୁ ସାମ୍ବିଧାନିକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଥିଲେ। ମାତ୍ର ବିରୋଧୀଙ୍କ ନକାରାତ୍ମକ ଆଭିମୁଖ୍ୟ ଯୋଗୁଁ ଏହି ଐତିହାସିକ ସଂସ୍କାର ବାଧାପ୍ରାପ୍ତ ହୋଇଛି। ରାଜନୈତିକ ସ୍ୱାର୍ଥ ସିଦ୍ଧି ପାଇଁ ମହିଳାଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ ରଖିବା କଂଗ୍ରେସର ଏକ ପୁରୁଣା ରଣନୀତି ଏବଂ ଏହି ଗଣତାନ୍ତ୍ରିକ ପ୍ରତାରଣା ପାଇଁ ଦେଶର ନାରୀଶକ୍ତି ସେମାନଙ୍କୁ କେବେବି କ୍ଷମା କରିବ ନାହିଁ ବୋଲି ରିଜିଜୁ ତାଙ୍କ ଶାଣିତ ବକ୍ତବ୍ୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ଶଶି ଥରୁର ସଫେଇ ଦେଇଛନ୍ତି ଯେ ସେ କେବଳ ନିଜର ମହିଳା ଅନୁକୂଳ ଭାବମୂର୍ତ୍ତି ସମ୍ପର୍କରେ ସୂଚନା ଦେଇଥିଲେ।

# ଆରଏସ୍‌ଏସ୍ କାର୍ଯ୍ୟକ୍ରମ ଉପରେ ପ୍ରଶ୍ନ ଉଠାଇଲା ଏଆଇଏସ୍‌ଏ

ନୂଆଦିଲ୍ଲୀ, ୨୮/୪: ଦେଶର ରାଜଧାନୀ ଦିଲ୍ଲୀର ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ ପୁଣି ଥରେ ଛାତ୍ର ରାଜନୀତି ପାଇଁ ଖବରରେ ରହିଛି। ମଙ୍ଗଳବାର ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍)ର ଏକ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଛାତ୍ର ସଂଗଠନ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ ଆସୋସିଏସନ୍ (ଏଆଇଏସ୍‌ଏ) ଏବଂ ଅନ୍ୟ ଅନେକ ଛାତ୍ର ଗୋଷ୍ଠୀ ବିରୋଧ ପ୍ରଦର୍ଶନ କରିବା ଆରମ୍ଭ କରିଥିଲେ। ଏଆଇଏସ୍‌ଏ ବ୍ୟାନର ଧରି ଛାତ୍ରମାନେ ସ୍ଲୋଗାନ୍ ଦେଇ ସଭାସ୍ଥଳ ବାହାରେ ପ୍ରତିବାଦ କରିବା ଆରମ୍ଭ କରିଥିଲେ। ଏହାକୁ ନେଇ ବିଶ୍ୱବିଦ୍ୟାଳୟ ପରିସର ପୁଣି ଅଶାନ୍ତ ହୋଇଛି। ପୂର୍ବ ଘୋଷଣା ଅନୁଯାୟୀ କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦:୩୦ ରେ ଆରମ୍ଭ ହେବାର ଥିଲା। ରିପୋର୍ଟ ଅନୁସାରେ, ଆରଏସ୍‌ଏସ୍ 'ଯୁବ କୁମ୍ଭ' ନାମକ ଏକ କାର୍ଯ୍ୟକ୍ରମ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଥିଲା। ଏହା ସଂଘର ଶତବାର୍ଷିକୀ ବର୍ଷ ପାଳନ କରିବା ଅବସରରେ କରାଯିବାର ଯୋଜନାଥିଲା। ଏହା ବିଶ୍ୱବିଦ୍ୟାଳୟର ଏଫ୍‌ଇଟି ଅଡିଟୋରିୟମ୍‌ରେ ଅନୁଷ୍ଠିତ ହେବାର ଥିଲା। ଏଆଇଏସ୍‌ଏ କହିଛି, ଏପରି କାର୍ଯ୍ୟକ୍ରମ ମାଧ୍ୟମରେ, ସଂଘ ବିଶ୍ୱବିଦ୍ୟାଳୟରେ ନିଜର ବିଚାରଧାରା ପ୍ରସାର କରିବାକୁ ଚେଷ୍ଟା କରୁଛି। ଏଆଇଏସ୍‌ଏ ଏକ ବିବୃତି ଜାରି କରି କହିଛି ଯେ, ଜାମିଆ ମିଲିଆ ଇସଲାମିଆ ପ୍ରଶାସନ ଆରଏସ୍‌ଏସ୍‌କୁ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅନୁମତି ଦେଇଛି, ଯେତେବେଳେ କୌଣସି ଛାତ୍ର ସଂଗଠନ ଏପରି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅନୁମତି ମିଳିନଥାଏ। ଏଆଇଏସ୍‌ଏ ଅଭିଯୋଗ କରିଛି ଯେ, ଆରଏସ୍‌ଏସ୍ ଭଳି ସଂଗଠନକୁ କ୍ୟାମ୍ପସରେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅନୁମତି ଦେବା ଏକ ସାମ୍ପ୍ରଦାୟିକ ଏଜେଣ୍ଡାକୁ ପ୍ରୋତ୍ସାହିତ କରୁଛି। ଜାମିଆ ପ୍ରଶାସନ ଶିକ୍ଷା ଏବଂ ଗଣତନ୍ତ୍ର ସହିତ ଜଡିତ କାର୍ଯ୍ୟକ୍ରମଗୁଡ଼ିକୁ ଅନୁମତି ଦେଉ ନଥିଲେ ମଧ୍ୟ, ସଂଘକୁ ଅନୁମତି ଦେବା ଦୋହରା ମାନଦଣ୍ଡକୁ ପ୍ରତିଫଳିତ କରୁଛି।

# ଅଷ୍ଟମ ବେତନ ଆୟୋଗର ଆଲୋଚନା ଆରମ୍ଭ

ନୂଆଦିଲ୍ଲୀ, ୨୮/୪: ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗର ୩ ଦିନିଆ ଆଲୋଚନା ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହୋଇଛି। କର୍ମଚାରୀ ସଂଘଗୁଡ଼ିକ ସହ ଆୟୋଗ ଆଲୋଚନା କରିବ। କର୍ମଚାରୀମାନଙ୍କ ବେତନ, ଭତ୍ତା, ପେନସନ୍ ଏବଂ ଫିଟ୍‌ମେଣ୍ଟ୍ ଫାକ୍ଟର ଆଦି ଉପରେ ଆଲୋଚନା ହେବ। ଆଲୋଚନାରେ ଭାଗ ନେବାକୁ ଅନେକ ସଂଘ ଆଗ୍ରହ ପ୍ରକାଶ କରିଛନ୍ତି। କିନ୍ତୁ ସମୟର ସ୍ୱଳ୍ପତା ଦୃଷ୍ଟିରୁ ସବୁ ସଂଘକୁ ଆଲୋଚନା ପାଇଁ ଅନୁମତି ମିଳି ନପାରେ। ଆଗାମୀ ଦିନରେ ଆୟୋଗ ଦିଲ୍ଲୀ ସମେତ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ମଧ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା କରିବ। ଆୟୋଗ ଏହାର ସୁପାରିସ ପ୍ରଦାନ କରିବା ପୂର୍ବରୁ ଯଥାସମ୍ଭବ ଅଧିକରୁ ଅଧିକ ଅଂଶୀଦାରଙ୍କ ସହ ଆଲୋଚନା କରିବ ବୋଲି ଆଶା କରାଯାଉଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଫିଟ୍‌ମେଣ୍ଟ୍ ଫାକ୍ଟର ରହିବ। କାରଣ ବେତନ ବୃଦ୍ଧି ଉପରେ ଏହାର ବଡ଼ ପ୍ରଭାବ ରହିଛି। କର୍ମଚାରୀ ସଂଘଗୁଡ଼ିକ ଫିଟ୍‌ମେଣ୍ଟ୍ ଫ୍ୟାକ୍ଟରକୁ ୩.୨୫ କିମ୍ବା ତା'ଠାରୁ ଅଧିକ ରଖିବା ପାଇଁ ଦାବି କରି ଆସୁଛନ୍ତି। ଉଲ୍ଲେଖଯୋଗ୍ୟ, ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ରଞ୍ଜନା ଦେଶାଇଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଛି।

# ଦେଶରେ ମହିଳା ସଂରକ୍ଷଣ ନିଶ୍ଚୟ ଲାଗୁ ହେବ: ମୋଦି



ନୂଆଦିଲ୍ଲୀ, ୨୮/୪: ମଙ୍ଗଳବାର ବାରାଣସୀ ଗସ୍ତରେ ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଏହି ସମୟରେ ସେ କହିଛନ୍ତି ଯେ ତାଙ୍କ ସରକାର ଦେଶର ନୀତି ନିର୍ଦ୍ଧାରଣରେ ମହିଳା ମାନଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ। ବାରାଣସୀରେ ଏକ ମହିଳା ସମ୍ମିଳନୀରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ବିରୋଧୀଙ୍କୁ ଖୁବ୍ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, ସମାଜବାଦୀ ପାର୍ଟି, କଂଗ୍ରେସ ଏବଂ ଟିଏମସି ଦ୍ୱାରା ଦେଶର ମହିଳା ମାନଙ୍କୁ ବିଶ୍ୱାସଘାତକତା କରାଯାଇଛି। ସେ ଆଶ୍ୱାସନା ଦେଇଛନ୍ତି ଯେ ମହିଳା ସଂରକ୍ଷଣ ନିଶ୍ଚୟ କାର୍ଯ୍ୟକାରୀ କରାଯିବ। ପ୍ରଧାନମନ୍ତ୍ରୀ ମୋଦୀ ଭୋଜପୁରୀରେ ମହିଳା ମାନଙ୍କୁ ସମ୍ବୋଧିତ କରି କହିଛନ୍ତି, 'ଆମେ କାଶୀର ମା' ଏବଂ ଭଉଣୀ ମାନଙ୍କୁ ପ୍ରଣାମ କରୁଛୁ। କଂଗ୍ରେସ, ଟିଏମସି ଏବଂ ଏସପି ପୁଣି ଥରେ ମହିଳା ମାନଙ୍କୁ ବିଶ୍ୱାସଘାତକତା କରିଛନ୍ତି। ଏହି ରକ୍ଷଣଶୀଳ ଦଳ ଗୁଡ଼ିକ ମହିଳା ଶକ୍ତିକୁ ଭୟ କରନ୍ତି, କିନ୍ତୁ ମୁଁ ଆପଣଙ୍କୁ ସଂରକ୍ଷଣ ପ୍ରଦାନ କରିବା ପାଇଁ କୌଣସି କସରତ ଛାଡ଼ିବି ନାହିଁ।' ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ଆମର ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି ଯେ, କାଶୀର ସାଂସଦ ଏବଂ ଦେଶର ପ୍ରଧାନମନ୍ତ୍ରୀ ଭାବରେ, ଜାତୀୟ ସ୍ୱାର୍ଥରେ ଏକ ପ୍ରମୁଖ ଲକ୍ଷ୍ୟ ହାସଲ କରିବା ପାଇଁ ମୋତେ ଆପଣଙ୍କ ଆଶୀର୍ବାଦ ଆବଶ୍ୟକ, ଏବଂ ଏହି ପ୍ରମୁଖ ଲକ୍ଷ୍ୟ ହେଉଛି ଲୋକସଭା ଏବଂ ବିଧାନସଭାରେ ମହିଳା ମାନଙ୍କ ପାଇଁ ସଂରକ୍ଷଣ କାର୍ଯ୍ୟକାରୀ କରିବା। ସେ କହିଛନ୍ତି ଯେ ଭାରତକୁ ବିକଶିତ କରିବାର ମିଶନ ଚାଲୁ ରହିଛି ଏବଂ ଯେତେବେଳେ ମୁଁ ଏକ ବିକଶିତ ଭାରତ ବିଷୟରେ କଥା ହୁଏ, ଏହାର ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ହେଉଛି ଭାରତର ମହିଳା ଶକ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ କିଛି ପରିବାର-ମୁଖୀ ଦଳ ଗୁଡ଼ିକ ମହିଳା ଶକ୍ତିକୁ ଭୟ କରନ୍ତି ଏବଂ ମହିଳା ମାନେ ବିଧାନସଭା ଏବଂ ସଂସଦରେ ପହଞ୍ଚିବାକୁ ଚାହାଁନ୍ତି ନାହିଁ। ସେ ଆହୁରି କହିଛନ୍ତି ଯେ ବିରୋଧୀ ଭୟ କରନ୍ତି ଯେ ଯଦି ମହିଳା ମାନେ ବହୁ ସଂଖ୍ୟାରେ ରାଜନୀତିରେ ପ୍ରବେଶ କରନ୍ତି, ତେବେ ସେମାନଙ୍କର ପାରମ୍ପରିକ ରାଜନୀତି ଶେଷ ହୋଇଯିବ। ସେ କହିଥିଲେ ଯେ ଭାରତୀୟ ଜନତା ପାର୍ଟି ଏବଂ ଏନଡିଏର ଦର୍ଶନ 'ମହିଳା ଶକ୍ତି ପ୍ରତି ସମ୍ମାନ' ଏବଂ 'ନାଗରିକ ମାନେ ଦେବତା' ନୀତି ଉପରେ ଆଧାରିତ। ପ୍ରଧାନମନ୍ତ୍ରୀ ଦେଶକୁ ବିକାଶ କରିବା ପାଇଁ ଏହି ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ମହିଳା ମାନଙ୍କୁ ଆହ୍ୱାନ କରିଥିଲେ।

# ଏପ୍ରିଲରେ ରୁଷ୍‌ରୁ ତେଲ ଆମଦାନି ୨୦% କମିଲା

ନୂଆଦିଲ୍ଲୀ, ୨୮/୪: ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଇତିମଧ୍ୟରେ ଦୁଇମାସ ପୂରଣ ହୋଇଛି। ଏଥିପାଇଁ ବିଶ୍ୱର ବିଭିନ୍ନ ଦେଶ ଗତ ଦୁଇମାସ ହେଲା ଅଶୋଧିତ ତେଲ ଓ ଗ୍ୟାସ ଆମଦାନିରେ ବଡ଼ ସମସ୍ୟାର ସାମନା କରୁଛନ୍ତି। କିନ୍ତୁ ଏହି ସଂକଟ ଭିତରେ ଭାରତକୁ ରୁଷ୍ ତେଲ ସହାୟକ ହୋଇଥିଲା। ମାର୍ଚ୍ଚ ମାସରେ ଭାରତ ରୁଷ୍‌ରୁ ରେକର୍ଡ ପରିମାଣର ଅଶୋଧିତ ତେଲ ଆମଦାନି କରିଥିଲା। କିନ୍ତୁ ଏପ୍ରିଲ ମାସରେ ରୁଷ୍‌ରୁ ଭାରତର ଅଶୋଧିତ ତେଲ ଆମଦାନି ହ୍ରାସ ପାଇଛି।ସୂଚନା ଅନୁଯାୟୀ ଭାରତୀୟ ତୈଳ ବିଶୋଧନ କମ୍ପାନିଗୁଡ଼ିକ ମାର୍ଚ୍ଚ ମାସରେ ରୁଷରୁ କିଣିଥିବା ଅଶୋଧିତ ତେଲ ତୁଳନାରେ ଏପ୍ରିଲରେ ପ୍ରାୟ ୨୦ ପ୍ରତିଶତ ହ୍ରାସ ଘଟିଛି। ଏପ୍ରିଲ ମାସରେ ରୁଷ୍‌ରୁ ଭାରତ ଦୈନିକ ହାରାହାରି ୧୫.୭ ଲକ୍ଷ ବ୍ୟାରେଲ ଅଶୋଧିତ ତେଲ ଆଣିଛି। କିନ୍ତୁ ମାର୍ଚ୍ଚରେ ଭାରତୀୟ କମ୍ପାନିଗୁଡ଼ିକ ରୁଷ୍‌ରୁ ଦୈନିକ ପ୍ରାୟ ୨୦ ଲକ୍ଷ ବ୍ୟାରେଲ ତେଲ ଆଣିଥିଲେ। ମାର୍ଚ୍ଚ ମାସରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ହର୍ମୁଜ ପ୍ରଣାଳୀ ବନ୍ଦ ଥିଲା। କିନ୍ତୁ ଏହି ସମୟରେ ରୁଷର ଅନେକ ଜାହାଜ ଅଶୋଧିତ ତେଲ ଆଣି ବିଶ୍ୱର ବିଭିନ୍ନ ସ୍ଥାନରୁ ଯାତ୍ରା କରୁଥିଲେ। ସେହି ସମୟରେ ଭାରତ ରୁଷ୍ ତେଲ କିଣିବା ବଢ଼ାଇ ଦେଇଥିଲା। ଏଥିସହିତ ସେହି ସମୟରେ ରୁଷ୍ ତେଲ କ୍ରୟ ଉପରୁ ମଧ୍ୟ ଆମେରିକା କଟକଣାକୁ କୋହଳ କରିଥିଲା। କେପ୍ଲରର କହିବାନୁଯାୟୀ, ଏପ୍ରିଲରେ ରୁଷ୍‌ରୁ ଅଶୋଧିତ ତେଲ ଆମଦାନି ହ୍ରାସ ଘଟିବାର ମୁଖ୍ୟତଃ ୩ଟି କାରଣ ରହିଛି। ସେଗୁଡ଼ିକରୁ ଗୋଟିଏ ହେଲା ରୁଷ୍‌ର ଏକ ବଡ଼ ରପ୍ତାନି ଟର୍ମିନାଲ ଉପରେ ୟୁକ୍ରେନ ଆକ୍ରମଣ କରିବାରୁ ଜାହାଜରେ ତେଲ ବୋଝେଇ ପ୍ରଭାବିତ ହୋଇଛି। ଦ୍ୱିତୀୟ କାରଣ ହେଲା ମାର୍ଚ୍ଚରେ ଯେଉଁଳି ଫ୍ଲୋଟିଂ ତେଲ ଜାହାଜ ଉପଲବ୍ଧ ହୋଇଥିଲା ଏପ୍ରିଲରେ ତାହା ମିଳି ନଥିଲା। ତୃତୀୟ କାରଣ ହେଲା ଭାରତରେ କିଛି ବିଶୋଧନାଗାର ସେମାନଙ୍କ ବାର୍ଷିକ ରକ୍ଷଣାବେକ୍ଷଣ ପାଇଁ ବନ୍ଦ ରହିବା। ଏପ୍ରିଲ ମାସରେ ଭାରତୀୟ ତୈଳ ନିଗମ ଲିମିଟେଡ ରୁଷ୍‌ରୁ ସବୁଠୁ ଅଧିକ ଅଶୋଧିତ ତେଲ କିଣିଛି। ରୁଷ୍‌ରୁ ଭାରତ କିଣିଥିବା ମୋଟ ତେଲରେ ଏହି କମ୍ପାନିର ଭାଗ ପ୍ରାୟ ୪୨ ପ୍ରତିଶତ ରହିଛି। ଏହି କମ୍ପାନି ଦୈନିକ ୬.୭ ଲକ୍ଷ ବ୍ୟାରେଲ ତେଲ କିଣିଥିବାବେଳେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଦୈନିକ ୨.୬୩ ଲକ୍ଷ ବ୍ୟାରେଲ, ଭାରତ ପେଟ୍ରୋଲିୟମ ଦୈନିକ ୧.୩୬ ଲକ୍ଷ ବ୍ୟାରେଲ, ହିନ୍ଦୁସ୍ତାନ ପେଟ୍ରୋଲିୟମ ଦୈନିକ ୮୩ ହଜାର ବ୍ୟାରେଲ ଅଶୋଧିତ ତେଲ କିଣିଛି। ନାୟରା ଏନର୍ଜି ମାର୍ଚ୍ଚରେ ଦୈନିକ ୩.୧୫ ଲକ୍ଷ ବ୍ୟାରେଲ ତେଲ ରୁଷ୍‌ରୁ କିଣିଥିବାବେଳେ ଏପ୍ରିଲରେ ଏହା ଦୈନିକ ୨୮ ହଜାର ବ୍ୟାରେଲକୁ ହ୍ରାସ ପାଇଛି। କାରଣ ଏହି କମ୍ପାନିର ବିଶୋଧନାଗାର ରକ୍ଷଣାବେକ୍ଷଣ ପାଇଁ ୯ ଏପ୍ରିଲରୁ ୩୫ ଦିନ ପାଇଁ ବନ୍ଦ ଘୋଷଣା ହୋଇଥିଲା। ହର୍ମୁଜ ପ୍ରଣାଳୀ ଅବରୋଧ ଜାରି ରହିଲେ ଆଗାମୀ ଦିନରେ ଭାରତ ରୁଷ୍‌ରୁ ପୁଣି ଥରେ ଅଧିକ ତେଲ ଆମଦାନି କରିବା ସମ୍ଭାବନା ରହିଛି।

# ଆତଙ୍କବାଦକୁ ନେଇ ଦୋମୁହାଁ ନୀତି ଚଳିବ ନାହିଁ: ରାଜନାଥ



ନୂଆଦିଲ୍ଲୀ, ୨୮/୪ : କିର୍ଗିସ୍ତାନର ବିଶ୍‌କେକରେ ଆୟୋଜିତ ସଂଘାଇ ସହଯୋଗ ସଙ୍ଗଠନ (ଏସସିଓ)ର ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକରେ ରାଜନାଥ ସିଂହ ପାକିସ୍ତାନକୁ ଖୁବ୍ କଡ଼ା ବାର୍ତ୍ତା ଦେଇଛନ୍ତି। ରାଜନାଥ ସିଂହ ଚୀନ ଓ ପାକିସ୍ତାନକୁ ଶୁଣାଇ କହିଛନ୍ତି ଯେ, କୌଣସି ବି ମୂଲ୍ୟରେ ସରକାର ପ୍ରାୟୋଜିତ 'ସୀମାପାର ଆତଙ୍କବାଦ'ର ଅଣଦେଖା କରିପାରିବେ ନାହିଁ ଏବଂ ଏହି ମାମଲାକୁ ନେଇ ଡବଲ ମାପଦଣ୍ଡ ଆପଣାଇବାର କୌଣସି ସୁଯୋଗ ନାହିଁ। ସେ ପାକିସ୍ତାନକୁ ଟାର୍ଗେଟ୍ କରି ସ୍ପଷ୍ଟ କହିଛନ୍ତି ଯେ, ଅପରେସନ ସିନ୍ଦୂର ବେଳେ ଭାରତ ନିଜର ଦୃଢ ସଙ୍କଳ୍ପ ଦେଖାଇ ଦେଇ ଥିଲା ଏବଂ କହି ଦେଇଥିଲା ଯେ, ଆତଙ୍କବାଦର ଆଡ୍ଡା ଗୁଡ଼ିକୁ ଏବେ କୌଣସି ପ୍ରକାରର ମୁକ୍ତି ମିଳିବ ନାହିଁ। କହି ରହୁଛି କି , ଏସସିଓରେ ଚୀନ ରୁଷ୍, କାଜାକିସ୍ତାନ , କିର୍ଗିସ୍ତାନ, ପାକିସ୍ତାନ, ତାଜାକିସ୍ତାନ, ଉଜବେକିସ୍ତାନ , ଇରାନ ଓ ବେଲାରୁଷ୍ ମଧ୍ୟ ସାମିଲ ଅଛି। ରାଜନାଥ ସିଂହ ଚୀନର ପ୍ରତିନିଧି ସାମ୍ନାରେ ମଧ୍ୟ ପାକିସ୍ତାନକୁ ଶୁଣାଇବାରେ କୌଣସି ସୁଯୋଗ ଛାଡ଼ି ନାହାନ୍ତି। ସେ କହିଛନ୍ତି, ଆମେ ସରକାର ଦ୍ୱାରା ପ୍ରାୟୋଜିତ ସେହି ସୀମା ପାର୍ ଆତଙ୍କବାଦକୁ ଅଣଦେଖା କରିବା ଉଚିତ୍ ନୁହେଁ , ଯିଏ କୌଣସି ଦେଶର ସାର୍ବଭୌମତ୍ୱ ଉପରେ ଆକ୍ରମଣ କରେ। ରାଜନାଥ ସିଂହ କହିଛନ୍ତି ଯେ, ଡବଲ ମାପଦଣ୍ଡର କୌଣସି ସ୍କୋପ୍ ନାହିଁ ଏବଂ ଏସସିଓକୁ ଆତଙ୍କବାଦୀଙ୍କୁ ଉସୁକାଇବା , ତାଙ୍କୁ ସମର୍ଥନ ଦେବା ଓ ସୁରକ୍ଷିତ ଠିକଣା ଉପଲବ୍ଧ କରାଉଥିବା ବ୍ୟକ୍ତିଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଦାବି କରିବାରେ କୁଣ୍ଠିତ ହେବା ଉଚିତ୍ ନୁହେଁ। ପ୍ରତିରକ୍ଷା ମନ୍ତ୍ରୀ ଆତଙ୍କବାଦରୁ ବର୍ତ୍ତିବା ପାଇଁ ବିଶ୍ୱସ୍ତରରେ ସମନ୍ୱିତ ପ୍ରୟାସ ଗୁଡ଼ିକ ବିଷୟରେ କହିଛନ୍ତି। ସେ କହିଛନ୍ତି , ଆମେ କଠୋରପନ୍ଥୀ , ଚରମପନ୍ଥୀ ଓ ଆତଙ୍କବାଦ ରୂପରେ ଚ୍ୟାଲେଞ୍ଜ ବୃଦ୍ଧିର ମଧ୍ୟ ସାମ୍ନା କରୁଛନ୍ତି। ଆତଙ୍କବାଦ ବିଶ୍ୱ ବ୍ୟବସ୍ଥା ପାଇଁ ସବୁଠୁ ଗମ୍ଭୀର ବିପଦ ହୋଇ ଯାଇଛି। ରାଜନାଥ ସିଂହ କହିଛନ୍ତି , ଏହି ପରିଦୃଶ୍ୟରେ ଏସସିଓ ଆମର ମୂଲ୍ୟବୋଧ ଉପରେ ଆଧାରିତ ଏକ ସଙ୍ଗଠନ ଭାବେ ଉଭା ହୋଇଛି। ଏସସିଓ ଆତଙ୍କବାଦ ବିରୋଧରେ ଲଢେଇରେ ଏମିତି କାର୍ଯ୍ୟ ଓ ବିଚାରଧାରାର ନିନ୍ଦା କରିଛି। ପ୍ରତିରକ୍ଷା ମନ୍ତ୍ରୀ ବର୍ତ୍ତମାନର ଭୂରାଜନୈତିକ ଅସ୍ଥିରତା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ଆଜି ବିଶ୍ୱ ଏକପାଖିଆ ନୀତି ଏବଂ ସଂଘର୍ଷ ବୃଦ୍ଧି ପାଉଥିବା ବାସ୍ତବତାର ସମ୍ମୁଖୀନ ହେଉଛି। ରାଜନାଥ ସିଂହ କହିଛନ୍ତି ଯେ, ଗତ କିଛି ବର୍ଷ ଧରି ବାରମ୍ବାର ସଂଘର୍ଷ ଯୋଗୁଁ ଜୀବନ ଏବଂ ସମ୍ପତ୍ତିର ଏକ ଚିନ୍ତାଜନକ କ୍ଷତି ହୋଇଛି। ସେ କହିଥିଲେ, ପ୍ରତିରକ୍ଷା ପାଇଁ ଦାୟୀ ବ୍ୟକ୍ତି ଭାବରେ, ଆମ ପାଇଁ ଆତ୍ମନିରୀକ୍ଷଣ କରିବା ଏବଂ ଏହି ପରିସ୍ଥିତିର ସମାଧାନ ପାଇଁ ପ୍ରଭାବଶାଳୀ ପଦକ୍ଷେପ ନେବାର ସମୟ ଆସିଛି।

## ଇନ୍ଧନ ମୂଲ୍ୟରେ ରିହାତି ଲୋଡ଼ିଲା ବିମାନ ଚଳାଚଳ ସଂସ୍ଥା

ନୂଆଦିଲ୍ଲୀ, ୨୮/୪:ଜେଟ୍ ଇନ୍ଧନ ଦର ବୃଦ୍ଧି ଯୋଗୁଁ ପରିବହନ କ୍ଷେତ୍ରରେ ଚାପ ପଡିଛି। ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଭାରତର ବିମାନ ଶିଳ୍ପ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛି। ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ସ୍ପାଇସଜେଟ୍ ଭଳି ବାହକ ସଂସ୍ଥାଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ଫେଡେରେସନ ଅଫ୍ ଇଣ୍ଡିଆନ୍ ଏୟାରଲାଇନ୍ସ (ଏଫ୍‌ଆଇଏ) ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଏକ ଚିଠି ଲେଖି ଚେତାବନୀ ଦେଇଛି ଯେ ବିମାନ ଟରବାଇନ୍ ଇନ୍ଧନ (ଏଟିଏଫ୍) ମୂଲ୍ୟ ବୃଦ୍ଧି ଯୋଗୁଁ ବିମାନ କମ୍ପାନି ଚାପର ସମ୍ମୁଖୀନ ହେଉଛନ୍ତି। ଶିଳ୍ପ ସଂଗଠନ କହିଛି ଯେ ବର୍ତ୍ତମାନର ଖର୍ଚ୍ଚ ପରିବେଶ ଅନେକ ରୁଟ୍‌କୁ ଆର୍ଥିକ ଭାବରେ ଅସମ୍ଭବ କରୁଛି ଏବଂ ଯଦି ମୂଲ୍ୟ ବୃଦ୍ଧି ପାଏ, ତେବେ ବିମାନ କମ୍ପାନିଗୁଡ଼ିକ କତେକ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ପଶ୍ଚିମ ଏସିଆରେ ଉତ୍ତେଜନା ମଧ୍ୟରେ ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟର ବଢ଼ିବା ଯୋଗୁଁ ଏଟିଏଫ୍ ମୂଲ୍ୟରେ ବୃଦ୍ଧି ଚିନ୍ତାର କାରଣ ପାଲଟିଛି। ଗତ କିଛି ସପ୍ତାହ ମଧ୍ୟରେ ଏହା ପ୍ରତି କିଲୋଲିଟରରେ ୨ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଶିଳ୍ପ ସଂଗଠନ ଅନୁଯାୟୀ, ଇନ୍ଧନ, ଯାହା ସାଧାରଣତଃ ବିମାନ ଖର୍ଚ୍ଚର ପ୍ରାୟ ୩୦-୪୦% ହୋଇଥାଏ, ବର୍ତ୍ତମାନ ପରିଚାଳନା ଖର୍ଚ୍ଚର ୫୫-୬୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହି ପରିବର୍ତ୍ତନ ଲାଭ ସ୍ତରକୁ ଯଥେଷ୍ଟ ସଙ୍କୁଚିତ କରିଛି।

## ନିଜ ସମ୍ବିଧାନ ଉପରେ ପ୍ରଶ୍ନ ଉଠାଇଲେ ଟ୍ରମ୍ପ, ଚାହୁଁଛନ୍ତି ନିର୍ବାଚନ ପ୍ରକ୍ରିୟାରେ ପରିବର୍ତ୍ତନ

ୱାସିଂଟନ, ୨୮/୪: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ତାଙ୍କ ନିଜ ଦେଶର ନିର୍ବାଚନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ, ଆମେରିକା ନିର୍ବାଚନରେ ଜାଲିଆତି, ଚୋରି ହୋଇଛି ଏବଂ ସାରା ବିଶ୍ୱରେ ଏହା ଏକ ତାମସା ପାଲଟିଛି। ତାଙ୍କ ବୟାନ ପରେ, ଆମେରିକାରେ ନିର୍ବାଚନ ସଂସ୍କାର ଉପରେ ବିତର୍କ ପୁଣି ଥରେ ତୀବ୍ର ହୋଇଛି। ପୂର୍ବରୁ ଜୋ ବାଇଡେନଙ୍କ ବିଜୟ ପରେ ଟ୍ରମ୍ପ ଆମେରିକା ନିର୍ବାଚନ ବ୍ୟବସ୍ଥା ବିରୋଧରେ ସ୍ୱର ଉଠାଇଥିଲେ। ଏବେ ସେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ନିର୍ବାଚନ ପ୍ରସଙ୍ଗ ଉଠାଇଛନ୍ତି। ଡୋନାଲ୍ଡ ଟ୍ରମ୍ପ 'ସେଭ୍ ଆମେରିକା ଆକ୍ଟ'ନାମକ ଏକ ପ୍ରମୁଖ ନିର୍ବାଚନ ସଂସ୍କାର ଆଇନ ପ୍ରଣୟନ କରିବାକୁ ରିପବ୍ଲିକାନ ନେତାମାନଙ୍କୁ ନିବେଦନ କରିଛନ୍ତି। ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି ଯେ, ଯଦି ନିର୍ବାଚନ ବ୍ୟବସ୍ଥା ସ୍ଥିର ନହୁଏ, ତେବେ ଦେଶର ଭବିଷ୍ୟତ ବିପଦରେ ପଡ଼ିପାରେ। ସେ ଏହି ପ୍ରସ୍ତାବ ମଧ୍ୟରେ ତିନୋଟି ପ୍ରମୁଖ ପରିବର୍ତ୍ତନର ରୂପରେଖା ଦେଇଛନ୍ତି। ପ୍ରଥମ ହେଉଛି ପ୍ରତ୍ୟେକ ଭୋଟରଙ୍କ ପାଇଁ ସେମାନଙ୍କର ପରିଚୟପତ୍ର ଅର୍ଥାତ୍ ଭୋଟର ପରିଚୟପତ୍ର ଦେଖାଇବା ବାଧ୍ୟତାମୂଳକ କରାଯିବା ଉଚିତ। ଦ୍ୱିତୀୟ: ଭୋଟ ଦେବା ପୂର୍ବରୁ ନାଗରିକତାର ପ୍ରମାଣ ଦେବା ବାଧ୍ୟତାମୂଳକ ତୃତୀୟରେ ଅସୁସ୍ଥତା, ଅକ୍ଷମତା, ସାମରିକ ସେବା କିମ୍ବା ଯାତ୍ରା ଭଳି ବିଶେଷ ପରିସ୍ଥିତି ବ୍ୟତୀତ, ମେଲ୍-ଇନ୍ ବାଲଟଗୁଡ଼ିକୁ ପ୍ରାୟତଃ ବାଦ୍ ଦିଆଯିବା ଉଚିତ। ପୂର୍ବରୁ, ମାର୍ଚ୍ଚ ୩୧ ତାରିଖରେ ଟ୍ରମ୍ପ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର କରିଥିଲେ ଯେଉଁଥିରେ ପ୍ରତ୍ୟେକ ରାଜ୍ୟକୁ ଯୋଗ୍ୟ ଭୋଟରଙ୍କ ତାଲିକା ପ୍ରସ୍ତୁତ କରିବାକୁ ଏବଂ କେବଳ ଯାଞ୍ଚ ହୋଇଥିବା ଭୋଟରମାନଙ୍କୁ ମେଲ୍-ଇନ୍ ବାଲଟ୍ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଟ୍ରମ୍ପ ଏହାକୁ ସମ୍ପୂର୍ଣ୍ଣ ଆଇନଗତ ଏବଂ ସୁରକ୍ଷିତ ବୋଲି ବର୍ଣ୍ଣନା କରିଥିଲେ। ତେବେ ନିର୍ବାଚନ ବିଶେଷଜ୍ଞ ଏବଂ ବିରୋଧୀ ଦଳଗୁଡ଼ିକ ଏହି ଆଦେଶକୁ ଦୃଢ଼ ବିରୋଧ କରିଛନ୍ତି, ଏହା ସମ୍ବିଧାନର ଉଲ୍ଲଂଘନ କରୁଛି ବୋଲି ଯୁକ୍ତି ଦେଇଛନ୍ତି। ଭୋଟ ଅଧିକାର ସମର୍ଥକ ଏବଂ ଡେମୋକ୍ରାଟିକ୍ ନେତାମାନେ ଏହାକୁ କୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ପ୍ରାୟ ଗୋଟିଏ ବର୍ଷ ପୂର୍ବେ ଜାରି ହୋଇଥିବା ଏକ ନିର୍ବାଚନ-ସମ୍ବନ୍ଧୀୟ ଆଦେଶ ଉପରେ ଫେଡେରାଲ୍ କୋର୍ଟ ରୋକ ଲଗାଇଥିଲେ। କୋର୍ଟ କହିଥିଲେ, ରାଷ୍ଟ୍ରପତିଙ୍କ ପାଖରେ ସିଧାସଳଖ ନିର୍ବାଚନ ନୀତି ନିର୍ଣ୍ଣୟ କରିବାର ସାମ୍ବିଧାନିକ କ୍ଷମତା ନାହିଁ। ଟ୍ରମ୍ପ ଦୀର୍ଘ ଦିନ ଧରି ମେଲ୍-ଇନ୍ ବାଲଟ୍ ମାଧ୍ୟମରେ ଜାଲିଆତି ହେଉଥିବା ଏବଂ ଅଣ-ନାଗରିକଙ୍କ ଦ୍ୱାରା ଭୋଟ୍ ଦିଆଯାଉଥିବା ଅଭିଯୋଗ କରିଆସୁଛନ୍ତି। ବିଶେଷଜ୍ଞମାନଙ୍କ ମଧ୍ୟରେ ଏହି ଦାବି ନେଇ ମତଭେଦ ରହିଛି। ଠୋସ୍ ପ୍ରମାଣର ଅସ୍ତିତ୍ୱ ଉପରେ ବିତର୍କ ଜାରି ରହିଛି। ସେଭ୍ ଆମେରିକା ଆଇନ ବର୍ତ୍ତମାନ ଆମେରିକା କଂଗ୍ରେସରେ ଅଟକି ରହିଛି। ଡେମୋକ୍ରାଟିକ୍ ପାର୍ଟି ଏହାକୁ ବିରୋଧ କରୁଛି, ଏବଂ ଏହାକୁ ସେନେଟରେ ବିତର୍କ ବିନା ପାସ୍ କରାଯାଇପାରିବ ନାହିଁ।



## ବଡ଼ ଧରଣର ହମଲା ଷଡ଼ଯନ୍ତ୍ର: ୯ ସନ୍ଦିଗ୍ଧ ଗିରଫ

ନୂଆଦିଲ୍ଲୀ, ୨୮।୪: ଦିଲ୍ଲୀରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଷଡଯନ୍ତ୍ରକୁ ବିଫଳ କଲା ସୁରକ୍ଷା ଏଜେନ୍ସି। ପାକିସ୍ତାନ, ବାଂଲାଦେଶ ଓ ନେପାଳ ସହ ଜଡିତ ଏକ ସନ୍ଦିଗ୍ଧ ସୀମାପାର ଗୋଷ୍ଠୀଙ୍କ ଯାଞ୍ଚ କରୁଛି। ମୋଟ ୯ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ୧୮ ଆଧୁନିକ ହତିଆର ଜବତ କରାଯାଇଛି। ଏହି ଗ୍ୟାଙ୍ଗ ପାକିସ୍ତାନ, ବାଂଲାଦେଶ ଓ ନେପାଳ ଜରିଆରେ ମୁଙ୍ଗେର ବାଟ ଦେଇ ରାଜ୍ୟରେ ହତିଆର ପହଞ୍ଚାଇବାର ଯୋଜନାରେ ଥିଲେ। ଏହି ମାମଲାରେ ଏନ୍‌ଆଇଏ ଅଭିଯୁକ୍ତ ଶେହବାଜ ଅନସାରୀର ଭୂମିକାର ଯାଞ୍ଚ କରୁଛି। ନିକଟରେ ନୋଏଡାରେ ଦୁଇ ଗ୍ୟାଙ୍ଗଷ୍ଟାର ଗୋଷ୍ଠୀ ଧରାପଡ଼ିଛନ୍ତି। ଯେଉଁମାନେ କି ସିଧାସଳଖ ଆଇଏସ୍‌ଆଇ ଇସାରାରେ କାମ କରୁଥିଲେ। ଏହି ଲୋକମାନେ ସୋସିଆଲ ମିଡିଆ ମାଧ୍ୟମରେ ଯୁବପୀଢ଼ିଙ୍କୁ ଭୟଭୀତ କରିବା, ସ୍ଲିପର ସେଲ୍ ତିଆରି କରିବା ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରେକି କରିବାରେ ସାମିଲ ଥିଲେ। ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତର ଆଭ୍ୟନ୍ତରୀଣ ସୁରକ୍ଷାକୁ ପ୍ରଭାବିତ କରିବା ଓ ଟାର୍ଗେଟ କିଲିଂକୁ ସଫଳ କରିବା।

## ରୁଷରୁ ଆସିବ ଏସ୍-୪୦୦

ନୂଆଦିଲ୍ଲୀ, ୨୮।୪:ଭାରତ ଆସନ୍ତା ମାସର ପ୍ରଥମ ଭାଗରେ ରୁଷରୁ ଏସ୍-୪୦୦ 'ଟ୍ରାୟମ୍ଫ' ସର୍ଫେସ୍-ଟୁ-ଏୟାର ମିସାଇଲ୍ ସିଷ୍ଟମ୍‌ର ଚତୁର୍ଥ ୟୁନିଟ୍ ପାଇବାକୁ ଯାଉଛି। ସୁରକ୍ଷା ବ୍ୟବସ୍ଥା ସମ୍ପର୍କିତ ସୂତ୍ରମାନଙ୍କ କହିବା ଅନୁସାରେ, ଏହା ଭାରତୀୟ ବାୟୁ ସେନା ର ବାୟୁ ପ୍ରତିରକ୍ଷା କ୍ଷମତାକୁ ଆହୁରି ମଜବୁତ କରିବ। ୨୦୧୮ ଅକ୍ଟୋବରରେ ଭାରତ ରୁଷ ସହ ୫ ବିଲିୟନ୍ ଡଲାରର ଏକ ଚୁକ୍ତି କରିଥିଲା, ଯାହା ଅନୁସାରେ ୫ଟି ଏସ-୪୦୦ ମିସାଇଲ୍ ସିଷ୍ଟମ୍ କ୍ରୟ କରାଯିବ। ଏପର୍ଯ୍ୟନ୍ତ ୩ଟି ୟୁନିଟ୍ ଭାରତକୁ ଡେଲିଭରି ହୋଇସାରିଛି । ମିଳିଥିବା ସୂଚନା ଅନୁସାରେ ପଞ୍ଚମ ୟୁନିଟ୍ ନଭେମ୍ବର ମାସ ସୁଦ୍ଧା ଡେଲିଭରି ହେବ ।

## ସୁଧୁରିବ ଭାରତ-ଚୀନ୍ ସମ୍ପର୍କ

ନୂଆଦିଲ୍ଲୀ, ୨୮/୪: ୨୦୨୦ ଗାଲୱାନ ସଂଘର୍ଷ ପରଠାରୁ ଭାରତ ଓ ଚୀନ୍ ମଧ୍ୟରେ ଜାରି ରହିଥିବା ରାଜନୈତିକ ଅସ୍ଥିରତା ଏବେ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। କୂଟନୈତିକ ଗତିଶୀଳତା ଏବଂ ଉଚ୍ଚସ୍ତରୀୟ ଆଲୋଚନା ଏକ ସକାରାତ୍ମକ ସଙ୍କେତ ଦେଉଛି ଯେ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଚଳିତବର୍ଷ ଭାରତରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ନୂଆଦିଲ୍ଲୀ ଗସ୍ତ କରିପାରନ୍ତି। ଯଦି ଏହି ଗସ୍ତ ସଫଳ ହୁଏ, ତେବେ ଏହା ଗାଲୱାନ ବିବାଦ ପରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର ମଧ୍ୟରେ ବିଶ୍ୱାସ ଗଠନ ଦିଗରେ ଏକ ଐତିହାସିକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ବିଶ୍ୱ ରାଜନୀତିର ବହୁପାକ୍ଷିକ ମଞ୍ଚରେ ଭାରତର ବ୍ରିକ୍ସ ସଭାପତିତ୍ୱକୁ ଚୀନ୍ ପୂର୍ଣ୍ଣ ସମର୍ଥନ ଜଣାଇବା ସହ ନୂଆଦିଲ୍ଲୀର କୂଟନୈତିକ ନେତୃତ୍ୱକୁ ପ୍ରଶଂସା କରିଛି। ନିକଟରେ ଚୀନର ସ୍ୱତନ୍ତ୍ର ଦୂତ ଝାଇ ଜୁନଙ୍କ ଭାରତ ଗସ୍ତ ଏବଂ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ସହ ସଫଳ ଆଲୋଚନା ଦୁଇ ଦେଶ ମଧ୍ୟରେ ଥିବା "କୂଟନୈତିକ ଅସ୍ଥିରତାକୁ ଦୂର କରିବାରେ ସହାୟକ ହୋଇଛି।

## ବିସ୍ଫୋରଣରେ ଅଭିଯୁକ୍ତର ମୃତ୍ୟୁ: ୪ ଗିରଫ

ଚଣ୍ଡୀଗଡ଼, ୨୮/୪: ପଞ୍ଜାବର ପଟିଆଲା ଜିଲ୍ଲାର ଶମ୍ଭୁ ଓ ରାଜପୁରା ମଧ୍ୟରେ ଥିବା ବୋଥୋନିଆ ଗ୍ରାମ ନିକଟରେ ଥିବା ରେଳ ଧାରଣାରେ ଏକ କମ୍ ତୀବ୍ରତା ବିଶିଷ୍ଟ ବୋମା ବିସ୍ଫୋରଣ ଘଟିଛି, ଯେଉଁଥିରେ ଲାଇନର ଏକ ଅଂଶ କ୍ଷତିଗ୍ରସ୍ତ ହୋଇଛି। ଜଣେ ସନ୍ଦିଗ୍ଧ ଆତଙ୍କବାଦୀ ଏଠାରେ ବୋମା ଖଞ୍ଜିବାକୁ ଉଦ୍ୟମ କରିବା ବେଳେ ବିସ୍ଫୋରଣ ହୋଇଥିଲା, ଯେଉଁଥିରେ ସନ୍ଦିଗ୍ଧର ମୃତ୍ୟୁ ହୋଇଯାଇଛି। ପଞ୍ଜାବ ପୁଲିସ କହିଛି ଯେ, ସେମାନେ ଏହି ମାମଲାରେ ପାକିସ୍ତାନର ଆଇଏସ୍‌ଆଇ ସମର୍ଥିତ ଖଲିସ୍ତାନୀ ଆତଙ୍କବାଦୀ ମଡ୍ୟୁଲର ପର୍ଦ୍ଦାଫାସ କରିଛନ୍ତି ଓ ଚାରିଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ସମେତ ବିପୁଳ ପରିମାଣର ଆତଙ୍କବାଦୀ ହାର୍ଡୱେର୍ ଜବତ କରାଯାଇଛି। ସୂତ୍ରରୁ ପ୍ରକାଶ ଯେ, ଗତକାଲି ରାତି ପ୍ରାୟ ୧୦ଟା ସମୟରେ ଏହି ବିସ୍ଫୋରଣ ମୁଖ୍ୟତଃ ମାଲ ପରିବହନ ପାଇଁ ବ୍ୟବହୃତ ଏକ ରେଳ ଲାଇନରେ ଘଟିଥିଲା। ପୁଲିସ ବିସ୍ଫୋରଣସ୍ଥଳରୁ ତାର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିବା ସହ ଦୁଇଟି ମୋଟରସାଇକେଲ ଓ ଗୋଟିଏ ନଷ୍ଟ ମୋବାଇଲ ଫୋନ ଜବତ କରିଛି।

### ଶ୍ୟାମପୁରବାସୀ ଥାନା ଦ୍ୱାରସ୍ଥ ହେଲେ
## ବିଡିଏ ଘର ଭାଙ୍ଗିବା ପରେ ନିରାଶ୍ରୟ, ଦଲାଲଙ୍କୁ ବାନ୍ଧିବାକୁ ଦାବି

ଭୁବନେଶ୍ୱର(ନିପ୍ର): ସରକାରୀ ଜମି ଠକେଇ କେଳେଙ୍କାରୀ ପରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଶ୍ୟାମପୁର ମୌଜାରେ ଉଚ୍ଛେଦ କରିଛି। ସରକାରୀ ଜମିରେ ବେଆଇନ ନିର୍ମାଣ ଆଧାରରେ ବିଡିଏ ଏହି ଉଚ୍ଛେଦ କରିଥିବାବେଳେ ଲକ୍ଷାଧିକ ଟଙ୍କା ଦେଇ ଜାଗା କିଣି ଘର କରିଥିବା ଲୋକ ତାଙ୍କୁ ଜମି ବିକ୍ରି କରିଥିବା ଦଲାଲ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଜମି ଦଲାଲ୍ ସରକାରୀ ଜମିକୁ ବ୍ୟକ୍ତିଗତ ଜମି ବୋଲି କହି ବିକ୍ରି କରିଥିଲେ। ପ୍ରଭାବିତ ଲୋକେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଘର ତିଆରି କରିଥିଲେ, କିନ୍ତୁ ବିଡିଏ ବୁଲଡୋଜର ବୁଲାଇଥିଲା। ଜାଗା ସମ୍ପୂର୍ଣ୍ଣ ବୈଧ ଏବଂ ସରକାରୀ ଅନୁମତି ସହ ଥିବା ଦଲାଲ୍ ଆଶ୍ୱାସନା ଦେଇଥିବା ପ୍ରଭାବିତ ଲୋକେ କହିଛନ୍ତି। ଦଲାଲ କଥାରେ ଭରସା କରି ଅନେକ ପରିବାର ନିଜର ସଞ୍ଚିତ ଟଙ୍କା ଓ ଋଣ କରି ଘର ନିର୍ମାଣ କରିଥିଲେ। କିନ୍ତୁ ହଠାତ୍ ବିଡିଏର ଉଚ୍ଛେଦ ଅଭିଯାନରେ ସେମାନଙ୍କ ସ୍ୱପ୍ନ ଚୁରମାର ହୋଇଯାଇଥିଲା। ଉଚ୍ଛେଦ ଅଭିଯାନରେ ୯ଶହରୁ ଊର୍ଦ୍ଧ୍ୱ ଘର ଭଙ୍ଗାଯାଇଥିଲା। ଦୁଇ ଦିନ ଧରି ଏହି ଅଭିଯାନ ଚାଲିଥିବାବେଳେଘର ଭାଙ୍ଗି ଯାଇଥିବା ପରିବାରଗୁଡ଼ିକ ଏବେ ଖୋଲା ଆକାଶ ତଳେ ରହିବାକୁ ବାଧ୍ୟ ହୋଇଛନ୍ତି। କେତେକ ପରିବାର ତାର୍ପଲିନ୍ ଟାଙ୍ଗି ରହୁଥିବାବେଳେ ମହିଳା ଓ ପିଲାମାନେ ଏହି ଘଟଣାରେ ସବୁଠୁ ଅଧିକ ପ୍ରଭାବିତ ହୋଇଛନ୍ତି। ପ୍ରଭାବିତ ଲୋକେ ଭରତପୁର ଥାନା ଆଗରେ ପ୍ରତିବାଦ କରିଛନ୍ତି। ସେମାନେ ଦଲାଲଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି। ଦଲାଲ୍ ଏକାକୀ ନୁହେଁ, ଏହା ପଛରେ ଏକ ବଡ଼ ନେଟୱର୍କ ଥିବା ପ୍ରଭାବିତ ଲୋକେ ଅଭିଯୋଗ କରିଛନ୍ତି। ଦଲାଲ୍ ଠକିକି ଟଙ୍କା ନେଇଛି। ପୋଲିସ୍ ତୁରନ୍ତ ତାକୁ ଗିରଫ କରୁ ଏବଂ ଟଙ୍କା ଫେରସ୍ତ କରାଉ ବୋଲି ପ୍ରଭାବିତମାନେ ଦାବି କରିଛି। ଅନଧିକୃତ ନିର୍ମାଣ ହୋଇଥିବାରୁ ଭଙ୍ଗାଯାଇଥିବା ବିଡିଏ ପକ୍ଷରୁ କୁହାଯାଇଛି। ପୋଲିସ୍ ଏହି ଅଭିଯୋଗର ତଦନ୍ତ ଆରମ୍ଭ କରିଛି ବୋଲି ଜଣାପଡ଼ିଛି। ରାଜଧାନୀରେ ଜମି ମାଫିଆ ଓ ଦଲାଲ୍ ନେଟୱର୍କର ବଡ଼ ଚିତ୍ରକୁ ଏହି ଘଟଣା ସାମ୍ନାକୁ ଆଣିଛି।

### ଆଜାଦ୍ ନଗର ବୋମା ବିସ୍ଫୋରଣ ଘଟଣାର ତଦନ୍ତ ଲାଗି ପହଞ୍ଚିଲା
## କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଏନ୍‌ଆଇଏ ଟିମ୍
### ବିସ୍ଫୋରଣ ପରେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଆସିଥିଲେ

ଭୁବନେଶ୍ୱର(ନିପ୍ର): ସୁନ୍ଦରପଦା ଆଜାଦ୍ ନଗର ବୋମା ବିସ୍ଫୋରଣ ଘଟଣାର ତଦନ୍ତ ଏବେ ଜୋର ଧରିଛି। ଜାତୀୟ ତଦନ୍ତ ଏଜେନ୍ସି (ଏନଆଇଏ) ତଦନ୍ତ ନେଇ ମାମଲା ରୁଜୁ ପରେ ୨ ସପ୍ତାହ ହେବ ଏନେଇ ଖୋଳତାଡ ଆରମ୍ଭ ହୋଇଛି। ଏନଆଇଏ ଟିମ୍ ମଙ୍ଗଳବାର କ୍ୟାପିଟାଲ୍ ହସ୍ପିଟାଲ୍ ଯାଇ ଏହି ଘଟଣାରେ ଆହତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସ୍ଥିତି କେମିତି ଥିଲା ଓ ଆହତଙ୍କ ଅନ୍ୟ ବିବରଣୀ ସଂଗ୍ରହ କରିବା ପାଇଁ ଏନଆଇଏ ଟିମ୍ ହସ୍ପିଟାଲ୍ ଗସ୍ତ କରି ବିସ୍ତୃତ ଆଲୋଚନା କରିଥିବା ଜଣାପଡିଛି। ସୂତ୍ରରୁ ପ୍ରକାଶ ପାଇଛି ଯେ, ଭୁବନେଶ୍ୱରର ଆଜାଦ୍ ନଗରରେ ଘଟିଥିବା ବୋମା ବିସ୍ଫୋରଣ ଘଟଣା ପରେ ଏହାର ତଦନ୍ତ ଏନଆଇଏ ନିଜ ହାତକୁ ନେଇଛି। ମଙ୍ଗଳବାର ସକାଳେ ଏନଆଇଏ ଟିମ୍ କ୍ୟାପିଟାଲ୍ ହସ୍ପିଟାଲ୍ ପହଞ୍ଚି ଅଧିକାରୀଙ୍କ ସହ କଥା ହୋଇଛନ୍ତି। ବିସ୍ଫୋରଣରେ ଆହତ ହୋଇ ଅଭିଯୁକ୍ତ ମୁଫି ସହ ଅନ୍ୟମାନେ ପ୍ରଥମେ କ୍ୟାପିଟାଲ୍ ହସ୍ପିଟାଲ୍ ଓ ପରେ ଅନ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏନଆଇଏ ଏହି ଘଟଣାକୁ ଗୁରୁତ୍ୱ ସହକାରେ ନେଇ ତଦନ୍ତ ଆରମ୍ଭ କରିଛି। ମୁଖ୍ୟ ଅଭିଯୁକ୍ତ ସେହେନୱାଜ ମଲ୍ଲିକ ଓରଫ ମୁଫି ଓ ତାର ମାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ବୋମାଟି ରାଜଧାନୀ ଉପକଣ୍ଠ ଜଟଣୀ ଅଞ୍ଚଳରେ ଏକ ଧାର୍ମିକ ସମାବେଶରେ ବିସ୍ଫୋରଣ କରିବାକୁ ଯୋଜନା ଥିବାବେଳେ ମୁଫି ସୁନ୍ଦରପଦା ଆଜାଦନଗରରେ ଥିବା ଭଡ଼ା ଘରେ ନିଜ ସହଯୋଗୀ, ବାନ୍ଧବୀ ଓ ମାଙ୍କ ସହ ବୋମା ଭିଡୁଥିବା ବେଳେ ଅସାବଧାନତା ଲାଗି ଏହା ଫାଟି ଯାଇଥିଲା। ବୋମା ଭିତରେ ଆର୍ଡିଏକ୍ସର ବ୍ୟବହାର କରାଯାଉଥିବା ବେଳେ ହିଂସା ସୃଷ୍ଟି ଉଦ୍ଦେଶ୍ୟରେ ଏହା ଭିଡା ହେଉଥିବା ଜାଣି ଏନଆଇଏ ମାମଲାର ତଦନ୍ତ ଭାର ନିଜ ହାତକୁ ନେଇଥିଲା। ଏବେ ନିକଟରେ ଏନଆଇଏ ଟିମ ସାଇଣ୍ଟିଫିକ ସହ ଏୟାରଫିଲଡ଼ ଥାନା ଓ ଘଟଣାସ୍ଥଳ ଗସ୍ତ କରି ଉପଲବ୍ଧ ପ୍ରମାଣ ସଂଗ୍ରହ କରିଥିବାବେଳେ ମଙ୍ଗଳବାର କ୍ୟାପିଟାଲ ହସ୍ପିଟାଲ ଗସ୍ତ କରି ଆହତଙ୍କ ତଥ୍ୟ ନେଇଛି ଓ ଆହତଙ୍କ ଭର୍ତ୍ତି ହେବା ସମୟର ଅବସ୍ଥା ସମ୍ପର୍କରେ ପଚାରିବା ସହ ସେମାନଙ୍କ ସହ କିଏ ଆସିଥିଲେ ସେନେଇ ତଥ୍ୟ ହାସଲ କରିଛି। ଘଟଣା ଦିନର ସିସିଟିଭି ଫୁଟେଜ ମଧ୍ୟ ଏନଆଇଏ ଟିମ ମାଗିଥିବା ସୂଚନା ମିଳିଛି।

## ଯାତ୍ରୀବାହୀ ବସ୍ ଓଲଟିଲା ୨୦ ଆହତ: ୬ ଗୁରୁତର



ନୟାଗଡ଼/ଭାପୁର(ନିପ୍ର): ନୟାଗଡ଼ ବ୍ଲକ ବାଲୁଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖେଡପଡା ଗ୍ରାମ ନିକଟ ରାସ୍ତା କଡ଼ରେ ମଙ୍ଗଳବାର ସକାଳ ସମୟରେ ଏକ ବସ ଓଲଟି ପଡ଼ି ୬ ଜଣ ଗୁରୁତର ହୋଇଛନ୍ତି । ସବୁଦିନ ପରି ମଙ୍ଗଳବାର ସକାଳ ସମୟରେ ଭାପୁର ବ୍ଲକ ରାକମା ଗ୍ରାମରୁ ବାବୁ ନାମକ ବସଟି ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ନୟାଗଡ଼ ଅଭିମୁଖେ ଯାତ୍ରା କରିଥିଲା। ଯାତ୍ରା ସମୟରେ ବସ ଚାଳକଙ୍କ ପାଖରେ ବସିଥିବା ଏକ ମହିଳାଙ୍କ ସହିତ ଚାଳକ ଗପସପ ହେବା ସମୟରେ ଭାରସାମ୍ୟ ହରେଇ ବସଟି ପାଣିପୋଇଲା ଗ୍ରାମ ନିକଟ ଖେଡପଡା ଛକ ଉପର ରାସ୍ତା କଡ଼କୁ ଓଲଟି ପଡ଼ିଥିଲା । ଫଳରେ ୨୦ ଜଣ ଯାତ୍ରୀ ଆହତ ହୋଇଥିବାବେଳେ ୬ ଗୁରୁତର ହୋଇଛନ୍ତି । ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିକଟ ଗ୍ରାମଲୋକ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଥିବାରୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଏମ୍ସ ହସ୍ପିଟାଲ ପଠାଯାଇଥିଲା।

## ମୋ ବସ୍ ଦୁର୍ଘଟଣାଗ୍ରସ୍ତ

ଭାପୁର(ନିପ୍ର): ଭାପୁର ବ୍ଲକର ବିଭିନ୍ନ ପଞ୍ଚାୟତକୁ ଯାତାୟାତ କରୁଥିବା ମୋ' ବସ ଭାପୁର ବ୍ଲକ କାର୍ଯ୍ୟାଳୟ ପରିସର ମଧ୍ୟରେ ରାତ୍ରିରେ ରୁହେ। ମଙ୍ଗଳବାର ସକାଳ ସମୟରେ ମୋ ବସ ମଧ୍ୟରୁ ଗୋଟିଏ ବସକୁ ଡ୍ରାଇଭର ବୁଲେଇ ଆଣୁଥିବାବେଳେ ଅନ୍ୟମନସ୍କ ଭାବରେ ଗଛରେ ମାଡ଼ ହେବାରୁ ବସର ସମ୍ମୁଖ ଭାଗ କାଚ ଭାଙ୍ଗିଯିବା ସହିତ ବସ୍‌ଟି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

## ୩ ବର୍ଷ ପୁରୁଣା ଦୁଷ୍କର୍ମ ମାମଲାରେ ପୋଲିସ୍ ବାନ୍ଧିଲା

ଭୁବନେଶ୍ୱର(ନିପ୍ର): ଇନ୍‌ଫୋସିଟି ଥାନା ପୋଲିସ୍ ୩ ବର୍ଷ ପୂର୍ବର ଏକ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଶୁଭଜିତ୍ ପ୍ରଧାନକୁ ଗିରଫ କରିଛି। ଘଟଣାଟି ୨୦୨୩ ମସିହା ମେ ୧୯ ତାରିଖରେ ଘଟିଥିଲା। ପୋଲିସ୍ ସୂଚନା ଅନୁଯାୟୀ, ଭୁବନେଶ୍ୱର ଇନ୍‌ଫୋସିଟି ଅଞ୍ଚଳର ଜଣେ ୨୩ ବର୍ଷୀୟ ଯୁବତୀ ତାଙ୍କ ଜନ୍ମଦିନ ପାଳନ କରିଥିଲେ। ଜନ୍ମଦିନ ପରେ ଅଭିଯୁକ୍ତ ତାଙ୍କୁ ଏକ ହୋଟେଲକୁ ନେଇଯାଇ ଦୁଷ୍କର୍ମ କରିଥିଲା ବୋଲି ଅଭିଯୋଗ କରିଥିଲେ। ଘଟଣା ପରେ ଅଭିଯୁକ୍ତ ଯୁବତୀଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଶାନ୍ତ କରାଇଥିଲେ। କିନ୍ତୁ ପରେ ସେ ସେହି ପ୍ରତିଶ୍ରୁତି ପାଳନ କରି ନଥିଲେ। ପରେ ଯୁବତୀ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲା ପ୍ରାୟ ୩ ବର୍ଷ ଧରି ପଡି ରହିଥିଲା। ଶେଷରେ ଇନ୍‌ଫୋସିଟି ଥାନା ପୋଲିସ୍ ତଦନ୍ତରେ ସଫଳତା ଲାଭ କରି ଅଭିଯୁକ୍ତକୁ ଗିରଫ କରିଛି। ପୋଲିସ୍ ଅଭିଯୁକ୍ତକୁ ଗିରଫ କରି ଥାନାକୁ ଆଣି ପଚରାଉଚରା କରିବା ପରେ କୋର୍ଟଚାଲାଣ କରିଛି। ତଦନ୍ତ ଜାରି ରହିଛି ଏବଂ ଆଇନ୍ ଅନୁଯାୟୀ ଆହୁରି କାର୍ଯ୍ୟାନ୍ୱୟନ କରାଯିବ ବୋଲି ପୋଲିସ୍ କହିଛି।

### ଋଣ ନେଇ ଝଗଡ଼ା, ବନ୍ଧୁକୁ ଆକ୍ରମଣ
## ଲକ୍ଷ୍ମୀସାଗରରେ ହିଂସା, ଯୁବକ ଗୁରୁତର

ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱରରେ ହିଂସାର ଘଟଣା ଲଗାତାର ବଢ଼ିବାରେ ଲାଗିଛି। ଏଥର ଲକ୍ଷ୍ମୀସାଗର ଅଞ୍ଚଳରେ ଜଣେ ଯୁବକ ତାଙ୍କ ନିଜ ବନ୍ଧୁକୁ ଋଣ ପରିଶୋଧ ନକରିବା ନେଇ ଝଗଡ଼ା ପରେ କୁରାଢୀରେ ଆକ୍ରମଣ କରିଛି। ଆକ୍ରମଣ ପରେ ଯୁବକ ଜଣକ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛି। ସୂତ୍ରରୁ ଜଣାପଡ଼ିଛି ଯେ, ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ୨ ବନ୍ଧୁଙ୍କ ମଧ୍ୟରେ ପୂର୍ବରୁ କିଛି ଟଙ୍କା ଋଣ ନେଇ ବିବାଦ ଚାଲିଥିଲା। ସେହି ବିବାଦକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରାଗର ଆବେଗରେ ଅଭିଯୁକ୍ତ ଯୁବକ ଜଣେ କୁରାଢୀ ନେଇ ଆକ୍ରମଣ କରିଥିଲେ। ଆକ୍ରମଣରେ ଯୁବକ ଗୁରୁତର ଆହତ ହୋଇଥିବାରୁ ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତରଙ୍କ ଅନୁସାରେ ଆହତଙ୍କ ଅବସ୍ଥା ଗୁରୁତର ଅଛି। ଘଟଣା ଜଣାପଡ଼ିବା ପରେ ଲକ୍ଷ୍ମୀସାଗର ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆକ୍ରାନ୍ତଙ୍କ ପରିବାର ଲୋକଙ୍କ ଅଭିଯୋଗ ଉପରେ ଆଧାର କରି ପୋଲିସ୍ ମାମଲା ରୁଜୁ କରିଛି। ଅଭିଯୁକ୍ତ ଯୁବକ ଫେରାର ଥିବାରୁ ତାଙ୍କୁ ଧରିବା ପାଇଁ ପୋଲିସ୍ ଅନୁସନ୍ଧାନ ଚଳାଉଛି। ସିସିଟିଭି ଫୁଟେଜ୍ ଓ ସ୍ଥାନୀୟ ଲୋକଙ୍କ ବୟାନ ଆଧାରରେ ପୋଲିସ୍ ତଦନ୍ତ ଜାରି ରଖିଛି।

## ବଟି ମାଗିଲେ, ନଦେବାରୁ କ୍ୟାବିନ୍ ଜାଳିଦେଲେ

ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ସୂର୍ଯ୍ୟନଗର ଆଖଣ୍ଡଳମଣି ବସ୍ତିରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। କିଛି ଅଜ୍ଞାତ ବ୍ୟକ୍ତି ଏକ ଉଠା ଦୋକାନୀଙ୍କୁ ବଟି (ସୁରକ୍ଷା ଟଙ୍କା) ମାଗିଥିଲେ। ଦୋକାନୀ ବଟି ଦେବାକୁ ମନା କରିବାରୁ ସେମାନେ ରାଗି କ୍ୟାବିନକୁ ନିଆଁ ଲଗାଇ ଦେଇଥିବା ନେଇ ଅଭିଯୋଗ ହୋଇଛି। ରାତିରେ ଦୋକାନୀର କ୍ୟାବିନ୍ ଜଳୁଥିବା ଦେଖିବାକୁ ମିଳିଥିଲା। ନିଆଁ ଏତେ ଭୟଙ୍କର ଥିଲା ଯେ ସମଗ୍ର କ୍ୟାବିନ୍ ପୋଡ଼ି ପାଉଁଶ ହୋଇଯାଇଥିଲା। ଦୋକାନୀଙ୍କ ସମସ୍ତ ମାଲପତ୍ର ନଷ୍ଟ ହୋଇଯାଇଥିବାବେଳେ ଆଖଣ୍ଡଳମଣି ବସ୍ତିରେ ଥିବା ଏହି ଉଠା ଦୋକାନୀଙ୍କୁ କିଛି ଲୋକ ନିୟମିତ ବଟି ମାଗୁଥିବା କଥା ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି। ଗତ ରାତିରେ ବଟି ନଦେବାରୁ କ୍ରୋଧିତ ହୋଇ ସେମାନେ କ୍ୟାବିନରେ ନିଆଁ ଲଗାଇ ଦେଇଥିଲେ। ଏହା ଏକ ପୂର୍ବଯୋଜିତ ବଟି ଆଦାୟ ଓ ଆତଙ୍କ ସୃଷ୍ଟି ଘଟଣା ବୋଲି ଅଭିଯୋଗ ହୋଇଛି। ଦୋକାନୀଙ୍କ ପରିବାର ଏବେ ଆର୍ଥିକ କ୍ଷତି ସହିତ ମାନସିକ ଆଘାତ ପାଇଛନ୍ତି। ସେମାନଙ୍କର ରୋଜଗାରର ଏକମାତ୍ର ଆଧାର ଥିବା ଏହି ଛୋଟ ଦୋକାନ୍ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଘଟଣା ଜାଣିବା ପରେ କ୍ୟାପିଟାଲ ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନିଆଁ କିଏ, କିପରି ଓ କାହିଁକି ଲଗାଇଲା ତାହା ଜାଣିବା ପାଇଁ ପୋଲିସ୍ ସିସିଟିଭି ଫୁଟେଜ୍ ଓ ସ୍ଥାନୀୟ ଲୋକଙ୍କ ବୟାନ ରେକର୍ଡ କରିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ୍ ଚଢାଉ ଜାରି ରହିଛି।

## ମହିଳାଙ୍କ ଜନ ଆକ୍ରୋଶ ପଦଯାତ୍ରା




କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଗୁଦଗୁଦା ମଣ୍ଡଳ ପକ୍ଷରୁ ମଙ୍ଗଳବାର କୁସୁମୀଠାରେ ମଣ୍ଡଳସ୍ତରୀୟ ମହିଳା ଜନ ଆକ୍ରୋଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜେପି ମହିଳା ମୋର୍ଚ୍ଚା ମଣ୍ଡଳ ସଭାନେତ୍ରୀ ଗିତା କାହାଳୀଙ୍କ ସଭାପତିତ୍ୱରେ ହୋଇଥିବା ଜନ ଆକ୍ରୋଶ ସଭାରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଭାରତ ସରକାର ମହିଳାଙ୍କୁ ସମ୍ମାନ ଦେଇ ସଂସଦରେ ମହିଳା ଆରକ୍ଷଣ ବିଲ ଆଗତ କରିଥିଲେ। ହେଲେ ବିରୋଧି ମହିଳାଙ୍କ ସମ୍ମାନ ଓ ସଂରକ୍ଷଣକୁ ସହ୍ୟ କରିନପାରି ବିରୋଧ କରିବାରେ ଏହା ପାଳିତ ହୋଇପାରି ନଥିଲା। ତେଣୁ ମହିଳା ସଂରକ୍ଷଣ ବିଲରେ ବିରୋଧି ମୁଖ୍ୟ ପ୍ରତିବନ୍ଧକ ସାଜିଥିବା କହି ଏଥି ନିମନ୍ତେ ମହିଳାମାନେ ସଚେତନ ହୋଇ ତାଙ୍କୁ ଉଚିତ ଜବାବ ଦେବାକୁ ମନ୍ତ୍ରୀ ନାଏକ ଆହ୍ୱାନ ଦେଇଥିଲେ। ଏଥିରେ ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିସାନ,ଏମପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ,ବିଜେପି ଗୁଦଗୁଦା ମଣ୍ଡଳ ସଭାପତି ଚୂଡାମଣି ମାକର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ମମତା ପଟେଲ, ମହିଳା ମୋର୍ଚ୍ଚା ମଣ୍ଡଳ ଉପସଭାନେତ୍ରୀ ଧନମତୀ ରୋହିଦାଶ,ପୂର୍ବତନ ସରପଞ୍ଚ ରାଏମତୀ ମାଝି,ବାସନ୍ତୀ ମୁଣ୍ଡା,ମଣ୍ଡଳ ସମ୍ପାଦିକା କିଶୋରୀ ତନସନା ପ୍ରମୁଖ ଯୋଗଦେଇ ମହିଳା ସଂରକ୍ଷଣ ବିଲ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ମଣ୍ଡଳ ସମ୍ପାଦିକା ପଙ୍କଜିନୀ ଲାକ୍ରା ପରିଚାଳନା କରିଥିଲେ। ଏହି ଅବସରରେ ମହିଳାମାନେ ଏକ ବିରାଟ ପଦଯାତ୍ରା କରିଥିଲେ।

## ଅପର୍ତ୍ତି ପ୍ରଧାନ ଥିଲେ ଜଣେ ନିର୍ଭୀକ, ସରଳ ମଣିଷ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଅଗ୍ରଣୀ ସାଂସ୍କୃତିକ ଓ ଆଧାତ୍ମିକ ଅନୁଷ୍ଠାନ 'ରାମଦୟା ପରିଷଦ'ର ପୂର୍ବତନ ସଭାପତି ତଥା ବିଶିଷ୍ଟ ଯନ୍ତ୍ରୀ (ଇଞ୍ଜିନିୟର) ଅପର୍ତ୍ତି ପ୍ରଧାନଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ତାଙ୍କ ବାସଭବନ ପରିସରରେ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାଟି ବରିଷ୍ଠ ନେତା ବିପିନ କୁମାର ଜୟସିଂହଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ସଭା ପ୍ରାରମ୍ଭରେ ଉପସ୍ଥିତ ଅତିଥି ଓ ସଭ୍ୟମାନେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହାପରେ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସେ ଜଣେ ନିର୍ଭିକ ଓ ସରଳ ଧାର୍ମିକ ବ୍ୟକ୍ତି ଥିଲେ ବୋଲି ମତ ପ୍ରକାଶ ପାଇଥିଲା ।

## ଋଣ ଭାର ସହିନପାରି ଦମ୍ପତିଙ୍କ ଆତ୍ମହତ୍ୟା

ବେଲଗୁଣ୍ଠା(ନିପ୍ର): ଧରାକୋଟ ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ ଝାଡବନ୍ଧ ପଞ୍ଚାୟତ କଳାସୂତା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଘରେ କେହି ନଥିବା ବେଳେ ବେକରେ ରଶି ଲଗାଇ ବୃଦ୍ଧ ଦମ୍ପତି ଆତ୍ମହତ୍ୟା କରିଥିବା ଜଣାପଡିଛି । ଋଣ ଭାର ସହିନପାରି ବୃଦ୍ଧ ଦମ୍ପତି ଆତ୍ମହତ୍ୟା କରିଥିବା କୁହାଯାଉଛି । ମୃତ ଦମ୍ପତି ହେଲେ ୬୬ ବର୍ଷୀୟ ସିମାଞ୍ଚଳ ବିଷୋୟୀ ଓ ୬୧ ବର୍ଷୀୟ ନମିତା ବିଷୋୟୀ । ଖବର ପାଇ ଘଟଣା ସ୍ଥଳରେ ଗାଙ୍ଗପୁର ଥାନା ପୋଲିସ ପହଞ୍ଚି ଶବ ଜବତ କରିବା ସହ ଘଟଣାର ତଦନ୍ତ କରୁଛି । କିଛି ଦିନ ତଳେ ବୃଦ୍ଧ ଦମ୍ପତିଙ୍କ ଗୋଟିଏ ବୋଲି ପୁଅର ହୃଦଘାତରେ ମୃତ୍ୟୁ ହୋଇଥିଲା । ଦମ୍ପତିଙ୍କ ପାଞ୍ଚଟି ଝିଅ ଥିବାବେଳେ ଗତ ୨୧ ତାରିଖରେ ସାନ ଝିଅର ବାହାଘର ହୋଇଥିଲା । ତେବେ ଋଣ ଭାର ଅଧିକ ହେବାରୁ ଚିନ୍ତାରେ ଦମ୍ପତି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି । ଗାଙ୍ଗପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦାମ୍ପତିଙ୍କ ଶବକୁ ଜବତ କରିବା ସହ ଦୁଇଟି ଅପମୃତ୍ୟୁ ମାମଲା ୮/୯/୨୬ରେ ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ଆସ୍କା ମେଡିକାଲକୁ ପଠାଇଥିବା ଥାନା ଅଧିକାରୀ ବନବିହାରୀ ପ୍ରଧାନ ପ୍ରକାଶ କରିଛନ୍ତି ।

## ବେଲଗୁଣ୍ଠାରେ କାଳବୈଶାଖୀ
### ଗଛ ଓ ବିଦ୍ୟୁତ ଖୁଣ୍ଟ ଉପୁଡ଼ିଲା, ବିଦ୍ୟୁତ୍ ଯୋଗାଯୋଗ ବିଚ୍ଛିନ୍ନ



ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ସହର ସମେତ ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ କାଳ ବୈଶାଖୀର ରୂପ ଦେଖିବାକୁ ମିଳିଛି। ପ୍ରବଳ ବେଗରେ ପବନ ଓ ଘଡ଼ଘଡ଼ି ସହ ବର୍ଷା ଯୋଗୁଁ ବହୁ ସ୍ଥାନରେ କ୍ଷୟକ୍ଷତି ଘଟିଛି। ବିଶେଷ କରି ଅନେକ ଗଛ ଓ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିବା ଫଳରେ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ସୂଚନା ଅନୁସାରେ, ମଧ୍ୟାହ୍ନ ପରେ ହଠାତ୍ ପାଗ ପରିବର୍ତ୍ତନ ହୋଇଥିଲା ଏବଂ ପ୍ରବଳ ପବନ ଯୋଗୁଁ ରାସ୍ତାକଡ଼ରେ ଥିବା ବଡ଼ବଡ଼ ଗଛଗୁଡ଼ିକ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବାରୁ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଛି। ଏଥିସହ ବହୁ ସଂଖ୍ୟାରେ ଲାଇଟ୍ ପୋଲ୍ ଧରାଶାୟୀ ହୋଇଥିବାରୁ ସମ୍ପୂର୍ଣ୍ଣ ଅଞ୍ଚଳରେ ବିଦ୍ୟୁତ ସେବା ବିଚ୍ଛିନ୍ନ ହୋଇଯାଇଛି। କୋଳିସାହିର ରଜନୀ ମହାପାତ୍ରଙ୍କ ଘର ଉପରେ ଥିବା ସୋଲାର ପ୍ୟାନେଲଟି ମଧ୍ୟ ପବନ ମାଡ଼ରେ ସମ୍ପୂର୍ଣ୍ଣ ଭାଙ୍ଗି ଚୂରମାର ହୋଇଯାଇଥିବା ଜଣାପଡ଼ିଛି। ବିଦ୍ୟୁତ ସେବା ସ୍ୱାଭାବିକ ହୋଇନଥିବା ବେଳେ ବିଭିନ୍ନ ସ୍ଥାନରେ ରାସ୍ତା ସଫା କରାଯାଉଛି। ଅକାଳରେ ଏହି କାଳବୈଶାଖୀର ତାଣ୍ଡବ ଯୋଗୁଁ ଅଞ୍ଚଳବାସୀ ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଯୁବକଙ୍କୁ ଆକ୍ରମଣ: ଥାନାରେ ଅଭିଯୋଗ

ପିପିଲି(ନିପ୍ର): ବଳଙ୍ଗା ଥାନା ନିକଟସ୍ଥ ଗଡଚାନ୍ଦପୁର ଗ୍ରାମର ବାସୁଦେବଙ୍କ ମେଳଣ ଉପଲକ୍ଷେ ଜମାଣ ଯାତ୍ରାରେ ଅରେଇସାହି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ, ଗ୍ରାମର ଶ୍ରୀଶ୍ରୀ ଭଗବତ ବାସୁଦେବଙ୍କ ପ୍ରସେସନ କରି ମେଳଣ ପଡିଆ ପାଖରେ ପହଞ୍ଚିବା ବେଳକୁ ସକାଳ ହୋଇଯାଇଥିଲା। ପଡୋଶୀ ଗ୍ରାମର କିଛି ବ୍ୟକ୍ତି ଦୋଳ ବିମାନକୁ ଅଟକାଇ ଯୁକ୍ତିତର୍କ କରିଥିଲେ ଏବଂ ତା ପରେ ବିମାନକୁ କାନ୍ଧେଇଥିବା ଆଶାବାଡିକୁ ଛଡ଼ାଇ ଜନୈକ ବ୍ୟକ୍ତିଙ୍କୁ ତଳେ ପକାଇଦେଇ ନିସ୍ତୁକ ମାଡ ମାରି ଲହୁ ଲୁହାଣ କରିଥିଲେ । ଏଥିସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଉକ୍ତ ବ୍ୟକ୍ତିକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନିମାପଡ଼ା ଡାକ୍ତରଖାନାକୁ ନେଇଗଲେ ବୋଲି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ବଳଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

## ବୁଗୁଡ଼ାରେ ମାଙ୍କଡ଼ ଆତଙ୍କ: ୩ ଆହତ
### ମାଙ୍କଡକୁ ଧରିବାକୁ ବନବିଭାଗ ଟିମ ନାକେଦମ



ବୁଗୁଡ଼ା(ନିପ୍ର): ବୁଗୁଡ଼ାରେ ଦୁଇଦିନ ହେଲା ଗୋଟିଏ ହନୁମାଙ୍କଡ଼ ଆତଙ୍କ ଚଳାଇଛି । ମଙ୍ଗଳବାର ଜଣେ ଟ୍ରଲି ଚାଳକକୁ ଉକ୍ତ ହନୁ ମାଙ୍କଡ଼ ଆକ୍ରମଣ କରି ଖଣ୍ଡିଆ ଖାବରା କରିଦେଇଛି । ଆଦିପୁର ଗ୍ରାମର ଟ୍ରଲି ଚାଳକ ନାରାୟଣ ରାଉତ ସବୁଦିନ ଭଳି ଆଜି ମଧ୍ୟ ସକାଳେ ତାଙ୍କର ବୃଦ୍ଧା ମାଆକୁ ନିଜ ଟ୍ରଲିରେ ବସାଇ ବୁଗୁଡ଼ା ମେଡିକାଲ ଛକ ନିକଟରେ ଟ୍ରଲି ରଖୁଥିବା ବେଳେ ହଠାତ ଏକ ହନୁ ମାଙ୍କଡ଼ ନାରାୟଣ ଉପରକୁ ଡେଇଁପଡି ତାଙ୍କ ମୁହଁ ଓ ଦେହକୁ କାମୁଡି ପକାଇଥିଲା। ସ୍ଥାନୀୟ ଲୋକେ ହୋହାଲ୍ଲା କରି ମାଙ୍କଡ଼ କବଳରୁ ନାରାୟଣକୁ ଉଦ୍ଧାରକରି ବୁଗୁଡ଼ା ମେଡିକାଲ ନେଇଥିଲେ । ଗତକାଲି ଉକ୍ତ ମାଙ୍କଡ଼ଟି ବ୍ଲକ ଛକର ଟିପୁ ଦାଶଙ୍କ ଗୋଡ଼କୁ କାମୁଡି ରକ୍ତାକ୍ତ କରି ଦେଇଥିବା ବେଳେ ବୁଗୁଡ଼ା ହାଇସ୍କୁଲ ଛକ ନିକଟରେ ପାନ ଦୋକାନ କରିଥିବା ପ୍ରମୋଦ ମିଶ୍ରଙ୍କ କାନକୁ କାମୁଡି ଖଣ୍ଡିଆ କରିଦେଇଛି । ଅପରାହ୍ନରେ ବୁଗୁଡ଼ା ବସଷ୍ଟାଣ୍ଡରେ ଜଣେ ବାଇକ ଆରୋହୀଙ୍କ ମୁଣ୍ଡରେ ଗୁଡ଼ାଇ ଥିବା ଟାୱାଲ ଟାଣି ନେଇ ଆକ୍ରମଣ କରିବାକୁ ଉଦ୍ୟମ କଲା ବେଳେ ଲୋକେ ପାଟିତୁଣ୍ଡ କରିବାରୁ ଛାଡି ପଳାଇଥିଲା । ମଙ୍ଗଳବାର ସକାଳଠାରୁ ବନ ବିଭାଗର ଏକ ଟିମ ଉକ୍ତ ମାଙ୍କଡ଼କୁ ଧରିବା ପାଇଁ ଚେଷ୍ଟା ଜାରି ରଖିଥିଲେ ହେଁ ସଫଳ ହୋଇନାହାନ୍ତି । ମାଙ୍କଡ଼ଟିକୁ ଧରିବା ପାଇଁ ଟ୍ରାଂକୁଲାଇଜର ଟିମ୍ ଡକାଇବା ପାଇଁ ଯୋଜନା କରାଯାଉଥିବା ନେଇ ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କଠାରୁ ପ୍ରକାଶ ପାଇଛି ।

### ଗୋଟିଏ ରାତିରେ ୨ ମନ୍ଦିରରୁ ଚୋରି
## ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଜାରି: ୩ ଅଟକ

ପିପିଲି(ନିପ୍ର): ବଳଙ୍ଗା ଥାନା ଅଞ୍ଚଳରେ ଲଗାତାର ଭାବେ ଗ୍ରାମାଞ୍ଚଳ ମାନଙ୍କରେ ଥିବା ବିଭିନ୍ନ ମନ୍ଦିରମାନଙ୍କରେ ବାରମ୍ବାର ଚୋରି ଘଟଣାର ଏକ ରୋଚକ ତଥ୍ୟ ପଦାକୁ ଆସି ପାରିଛି। ପୋଲିସର ତ୍ୱରିତ ପଦକ୍ଷେପ ଏବଂ ସଠିକ୍ ତଦନ୍ତ ଶୈଳୀ ଯୋଗୁ ଏହା ସମ୍ଭବ ହୋଇଛି। ସବୁଠୁ ଚମକପ୍ରଦ କଥା ହେଉଛି ମନ୍ଦିରମାନଙ୍କରୁ ବହୁ ପୁରାତନ ପୋଥି, ପୁରାତନ ମୂର୍ତ୍ତି ତଥା ଠାକୁର ଠାକୁରାଣୀଙ୍କର ଅଳଙ୍କାର ଏବଂ ବିଭିନ୍ନ ସାମଗ୍ରୀ ଚୋରିରେ ଅନେକ କ୍ଷେତ୍ରରେ ଜଣେ ଯୁବକର ସନ୍ଦେହ ଥିବା ନେଇ ପୁଲିସକୁ ପ୍ରମାଣ ମିଳିଯାଇଛି। ମାତ୍ର ତଥ୍ୟ ପ୍ରଘଟ ଏବଂ ତଦନ୍ତ ପ୍ରକ୍ରିୟାରେ ବ୍ୟାହତ ଆଶଙ୍କା ପ୍ରକାଶକରି ପୋଲିସ ଅଭିଯୁକ୍ତମାନଙ୍କର ପରିଚୟ କିମ୍ବା କାର୍ଯ୍ୟଶୈଳୀକୁ ପ୍ରକାଶ କରିବାକୁ ଅନିଚ୍ଛା ପ୍ରକାଶ କରିଛି। ଖୁବ୍‌ଶୀଘ୍ର ବିଧିବଦ୍ଧ ଭାବେ ସମସ୍ତ ଘଟଣାର ଖୁଲାସା କରାଯିବ ବୋଲି ପୁଲିସ ଦୃଢ଼ ପ୍ରତିଶ୍ରୁତି ଦେଇଛି । ସୋମବାର ବିଳମ୍ବିତ ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ଦିପି ଦେଉଳୀ ଗ୍ରାମର ରୁଦ୍ରାୟଣୀ ମନ୍ଦିରରୁ ଠାକୁରାଣୀଙ୍କ ପୁରାତନ ଅଳଙ୍କାର ଚୋରି ଓ ନିକଟସ୍ଥ ବରିହା ଗେଣ୍ଡାମାଳି ଗ୍ରାମର ତାରିଣୀ ମନ୍ଦିରରୁ ଅନୁରୂପ ଭାବେ କିରିଟି ଓ ଅନ୍ୟାନ୍ୟ ସୁନା ଅଳଙ୍କାର ଚୋରି ପରେ ବଳଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ତୁରନ୍ତ ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହ ତଦନ୍ତ ପାଇଁ ପହଞ୍ଚିଥିଲେ । ତଦନ୍ତ ସମୟରେ ସନ୍ଧାନୀ କୁକୁର ରୁଦ୍ରାୟଣୀ ମନ୍ଦିରର ଅନତି ଦୂରରେ ପଡ଼ିଥିବା ଚାବିକୁ ଖୋଜି ପାଇ ତାହାକୁ ଧରି ଜୈନକ ଅଭିଯୁକ୍ତଙ୍କ ଘରକୁ ଅଗ୍ରସର ହୋଇଥିଲା । ଫଳରେ ପୋଲିସ ଅଭିଯୁକ୍ତ ଉପରେ ସନ୍ଦେହ କରି ତୁରନ୍ତ ତାକୁ କବଜା କରିନେଇଥିଲା । ସେହିଭଳି ସନ୍ଧାନି କୁକୁର ଅଭିଯୁକ୍ତ ଘର ପାଖରୁ ତାରେଣୀ ମନ୍ଦିର ଆଡ଼କୁ ଅଗ୍ରସର ହୋଇ ତଦନ୍ତ କାର୍ଯ୍ୟ ଆରମ୍ଭ କରିବାରୁ ଅଭିଯୁକ୍ତ ଓ ତାଙ୍କର ୨ ଜଣ ଅନ୍ୟ ସହଯୋଗୀ ଏହି ଚୋରି ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହ କରି ସମସ୍ତଙ୍କୁ ଥାନାକୁ ଉଠାଇ ଆଣି ବିଭିନ୍ନ ଦିଗକୁ ଭିତ୍ତିକରି ତଦନ୍ତ ଆରମ୍ଭ କରିଛି ପୋଲିସ। ପିପିଲି ଏସଡିପି ଓ ଦେବାଶିଷ ମିଶ୍ର ଘଟଣା ସ୍ଥଳରେ ଉପସ୍ଥିତି ରହି ପରିସ୍ଥିତିକୁ ତନ୍ନତନ୍ନ କରି ଅନୁଧାନ କହିଛନ୍ତି।

### ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍କଳ ଗୌରବଙ୍କ ଜୟନ୍ତୀ
## ମଧୁସୂଦନ ଦାସଙ୍କ ଅବଦାନ ଉତ୍ତର ପିଢ଼ିକୁ ପ୍ରେରଣା ଦେଉଛି: ଜିଲ୍ଲାପାଳ



କଟକ(ନିପ୍ର): ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମଙ୍ଗଳବାର ସକାଳ ୮ଘଟିକା ୩୦ମିନିଟ ସମୟରେ ଗୋରାକବର ସ୍ଥିତ ମଧୁବାବୁଙ୍କ ସମାଧିପୀଠ ଓ ସେଠାରେ ଅବସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଓ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓଡ଼ିଶା ଇତିହାସରେ ତାଙ୍କର ଅଭୁଲା ଛାପ, ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଅଟଳ ସମର୍ପଣ ତଥା ଓଡିଶାର ପରିଚୟ ଏବଂ ବିକାଶ ପ୍ରତି ମଧୁସୂଦନ ଦାସଙ୍କ ଅବଦାନ ଉତ୍ତର ପିଢ଼ିକୁ ପ୍ରେରଣା ଦେଇ ଆସୁଛି। ଶିକ୍ଷା, ଶିଳ୍ପ ଏବଂ ସମାଜ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କର ଅକ୍ଳାନ୍ତ ପ୍ରୟାସ ଏକ ଇତିହାସ ବୋଲି ଜିଲ୍ଲାପାଳ ଏହି ଅବସରରେ ସମ୍ବୋଧନ କରିଥିଲେ। ପରେ ନିକଟସ୍ଥ ମଧୁସୂଦନ ପାର୍କ ଏବଂ କ୍ୟାଣ୍ଟନମେଣ୍ଟ ଛକଠାରେ ଅବସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ପଢ଼ିହାରୀ ପାଠାଗାର ଓ ସୂଚନା କେନ୍ଦ୍ରଠାରେ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଯାଇଥିଲା।



ଭୁବନେଶ୍ୱର: ରାଜଭବନ ଛକରେ ମଧୁବାବୁଙ୍କ ୧୭୮ତମ ଜୟନ୍ତୀ ପାଳନ ଅବସରରେ ବିଜେପି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ (ଫଟୋ-ଦିନଲିପି)

# ମେ ୧ରୁ ବିଜେପିର ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୨୮/୪(ନିପ୍ର): ମେ ୧ରୁ ୩୭ଟି ସାଂଗଠନିକ ଜିଲ୍ଲାରେ ବିଜେପିର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ବିଜେପି ସାଧାରଣ ସମ୍ପାଦକ ବିରଂଚି ତ୍ରିପାଠୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ପୂର୍ବରୁ ରାଜ୍ୟର ୧୦୫୨ ମଣ୍ଡଳ ପ୍ରଶିକ୍ଷଣ ପର୍ବ ଶେଷ ହେଇଛି। ନୂଆକରି ଯୋଡିହେଇଥିବା ସମସ୍ତଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯିବ। ଜିଲ୍ଲା ଓ ପରେ ପ୍ରଦେଶସ୍ତରୀୟ କର୍ମଶାଳ ଆୟୋଜିତ ହେବ।ଏହା ପରେ ହେବ ବିଧାୟକ ଓ ସାଂସଦଙ୍କ କର୍ମଶାଳା ଅନୁଷ୍ଠିତ ହେବ। ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟରେ "ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬" କୁ ସଫଳ କରିବା ପାଇଁ ପ୍ରଦେଶ ସ୍ତରୀୟ ଆଇଟି ଓ ପ୍ରଦର୍ଶନୀ ଟୋଲୀ ବୈଠକ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଆୟୋଜିତ ଯୋଜନା ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବ ଭାରତ ପ୍ରଶିକ୍ଷଣ ସଂଯୋଜକ ପ୍ରଫେସର ଦିନେଶାନନ୍ଦ ଗୋସ୍ୱାମୀ, ରାଜ୍ୟ ସଂଯୋଜକ ତଥା ସାଂସଦ ବଳଭଦ୍ର ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ରାଜ୍ୟ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି । ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ସଂପର୍କରେ ସୂଚନା ଦେଇ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ପ୍ରଶିକ୍ଷଣ ଭାରତୀୟ ଜନତାପାର୍ଟି କାର୍ଯ୍ୟକର୍ତ୍ତାମାନଙ୍କର ଏକ ପ୍ରମୁଖ ଅଙ୍ଗ । କାର୍ଯ୍ୟକର୍ତ୍ତା ମାନଙ୍କର ବିକାଶ ପାଇଁ ପ୍ରଶିକ୍ଷଣ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ଭାରତୀୟ ଜନତାପାର୍ଟିର ସାଂଗଠନିକ କ୍ଷେତ୍ରରେ ସୋସିଆଲ ମିଡିଆ, ଆଇଟି ଏବଂ ପ୍ରଦର୍ଶନୀ ସମ୍ବନ୍ଧିତ ପ୍ରଶିକ୍ଷଣ ବର୍ଗରେ କିପରି ଉପଯୋଗ କରାଯିବ ସେସବୁ ବିଷୟରେ ଏହି ବୈଠକରେ ବିସ୍ତୃତ ଆଲୋଚନା ଓ ଯୋଜନା କରାଯାଇଛି । ଏହାପୂର୍ବରୁ ଓଡିଶାର ୧୦୫୨ ମଣ୍ଡଳରେ ପ୍ରଶିକ୍ଷଣ ବର୍ଗ ସମାପ୍ତ ହୋଇସାରିଛି । ଆସନ୍ତା ମେ' ମାସ ୧ ତାରିଖ ଠାରୁ ପାର୍ଟିର ସମସ୍ତ ୩୭ଟି ସାଂଗଠନିକ ଜିଲ୍ଲାରେ ପ୍ରଶିକ୍ଷଣ ବର୍ଗ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହାପରେ ସମସ୍ତ ୭ ମୋର୍ଚ୍ଚାର ଜିଲ୍ଲାସ୍ତରରୁ ଆରମ୍ଭ କରି ପ୍ରଦେଶ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତା, ବିଧାୟକ ଓ ସାଂସଦମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏ ସମସ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟ ମଧ୍ୟରେ କିପରି ସମାପ୍ତ ହେବ ସେ ଉପରେ ବୈଠକରେ ଖସଡା ପ୍ରସ୍ତୁତ କରାଯାଇଥିଲା ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି ।

## ଶବ ଧରି ଆସିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ହେବ: ସୁରେଶ

ଭୁବନେଶ୍ୱର, ୨୮/୪(ନିପ୍ର): କେନ୍ଦୁଝରରେ ବ୍ୟାଙ୍କରୁ ଟଙ୍କା ଉଠାଇବାକୁ ଭଉଣୀର କଙ୍କାଳ ଧରି ବ୍ୟାଙ୍କ ଆସିବା ଘଟଣାକୁ ହୃଦୟ ବିଦାରକ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ ଦାନ ମାଝୀଙ୍କ ପରେ ଏହା ଦ୍ୱିତୀୟ ଘଟଣା। ଏମିତି ଘଟଣା ଯେମିତି ଆଗକୁ ନ ଘଟୁ। ଦାୟୀ ଅଧିକାରୀଙ୍କ ଉପରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ହେଉ । ଯେମିତି ଆଉ କେହି ସାହସ ନକରିବ ଏମିତି ନକରିବା ପାଇଁ। ଜିଲ୍ଲାପାଳ ଏଘଟଣାରେ ତଦନ୍ତ କରିଛନ୍ତି। ଅଭିଯୋଗ କାରୀ ଟଙ୍କା ପାଇଲେଣି। କିନ୍ତୁ ଏମିତି ପରିସ୍ଥିତି କାହିଁକି ହେଲା ମୁଁ ଘଟଣା ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବି। ଯିଏ ବି ଦୋଷୀ ବ୍ୟାଙ୍କ କର୍ମଚାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ସୁରେଶ ପୂଜାରୀ।

# ଅସହାୟକୁ ମିଳିଲା ଅନ୍ତ୍ୟୋଦୟ ଗୃହ ଓ ବର୍ଦ୍ଧିତ ଭତ୍ତା



ଦିନଲିପି ମହାପ୍ରଭାବ

ଚାରିଛକ, ୨୮/୪ (ନିପ୍ର): ସମ୍ବାଦପତ୍ରର ପ୍ରଭାବ ଓ ପ୍ରଶାସନିକ ତତ୍ପରତା ଯୋଗୁଁ ଜଣେ ଅସହାୟ ଗରିବ ମହିଳାଙ୍କୁ ନ୍ୟାୟ ମିଳିଛି। ଚାରିଛକ ନିକଟସ୍ଥ ନିମାପଡ଼ା ବ୍ଲକ ଭୋଦର ପଞ୍ଚାୟତ ଜୁଣୁପୁର ଗ୍ରାମର ରୋଗାକ୍ରାନ୍ତ ଧୁଶାସନ ପ୍ରଧାନଙ୍କ ପତ୍ନୀ ଶୋଭାମଣି ପ୍ରଧାନଙ୍କ ଦୁଃଖ ଭରା କାହାଣୀ 'ଦିନଲିପି' ଖବରକାଗଜରେ ପ୍ରକାଶ ପାଇବା ପରେ, ସରକାରଙ୍କ ପକ୍ଷରୁ ତାଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ଶୋଭାମଣି ଓ ତାଙ୍କ ପରିବାର ଅତି ଶୋଚନୀୟ ଅବସ୍ଥାରେ କାଳାତିପାତ କରୁଥିଲେ। ଏ ସମ୍ପର୍କରେ ଖବର ପାଇ 'ଦିନଲିପି'ର ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ତାଙ୍କର ସମସ୍ୟା ସମ୍ପର୍କରେ ଖବର ପ୍ରସାରଣ କରିଥିଲେ। ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ସରପଞ୍ଚ ଚାରୁଲତା ବେହେରା ତୁରନ୍ତ ଶୋଭାମଣିଙ୍କ ଘରକୁ ଯାଇ ସମସ୍ତ ବିଷୟ ଅନୁଧ୍ୟାନ କରିଥିଲେ ଏବଂ ନିମାପଡ଼ା ବିଡ଼ିଓଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ନିମାପଡ଼ା ବିଡ଼ିଓଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତ ଅଧିକାରୀ ଘଟଣାର ତଦନ୍ତ କରିଥିଲେ। ଫଳସ୍ୱରୂପ, ଶୋଭାମଣିଙ୍କ ମାସିକ ଭତ୍ତାକୁ ୧୦୦୦ ଟଙ୍କାରୁ ୧୨୦୦ ଟଙ୍କାକୁ ବୃଦ୍ଧି କରାଯିବା ସହ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗତ ୨୪/୦୪/୨୦୨୬ ରିଖରେ ଏକ 'ଅନ୍ତ୍ୟୋଦୟ ଗୃହ' ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସରକାରୀ ସହାୟତା ପାଇବା ପରେ ଶୋଭାମଣିଙ୍କ ପରିବାର ପକ୍ଷରୁ 'ଦିନଲିପି' ଖବରକାଗଜକୁ ଗଭୀର କୃତଜ୍ଞତା ଜଣାଯାଇଛି।

# ଭୁବନେଶ୍ୱର-ଧାନବାଦ ଏକ୍ସପ୍ରେସ ଏବେ ସମ୍ପୂର୍ଣ୍ଣ ରୂପେ ଏଲ୍ଏଚବି କୋଚ୍‌ରେ ସଜ୍ଜିତ

ଭୁବନେଶ୍ୱର, ୨୮/୪(ପିଆଇବି): ଯାତ୍ରୀମାନଙ୍କ ସୁରକ୍ଷା, ଆରାମ ଏବଂ ଯାତ୍ରା ଅନୁଭୂତିକୁ ଅଧିକ ଉନ୍ନତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଟ୍ରେନ୍ ନମ୍ବର ୧୮୪୦୩/୧୮୪୦୪ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଏକ୍ସପ୍ରେସରେ ଦ୍ୱିତୀୟ ଏଲଏଚବି ର୍ୟାକ୍ ସଫଳତାର ସହ ସାମିଲ କରାଯାଇଛି। ଏହି ଟ୍ରେନର ପ୍ରଥମ ଏଲଏଚବି ର୍ୟାକ୍ ପୂର୍ବରୁ ଭୁବନେଶ୍ୱରରୁ ୨୧ ଏପ୍ରିଲ ୨୦୨୬ ଏବଂ ଧାନବାଦରୁ ୨୨ ଏପ୍ରିଲ ୨୦୨୬ ଠାରୁ କାର୍ଯ୍ୟକାରୀ ହୋଇଥିଲା। ଏହି ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରି ଏବେ ଦ୍ୱିତୀୟ ଏଲଏଚବି ର୍ୟାକ୍ ଭୁବନେଶ୍ୱରରୁ ୨୮ ଏପ୍ରିଲ ୨୦୨୬ ଏବଂ ଧାନବାଦରୁ ୨୯ ଏପ୍ରିଲ ୨୦୨୬ ଠାରୁ ପ୍ରଚଳନ କରାଯିବ। ଏହା ସହିତ ଏହି ଟ୍ରେନ୍‌ଟି ଏବେ ସମ୍ପୂର୍ଣ୍ଣ ଭାବେ ଏଲଏଚବି କୋଚ୍ ଦ୍ୱାରା ପରିଚାଳିତ ହେବ। ପାରମ୍ପରିକ ଓଇଉ କୋଚ୍ ବଦଳରେ ସମ୍ପୂର୍ଣ୍ଣ ଭାବେ ଏଲଏଚବି କୋଚ୍ ବ୍ୟବହାର କରିବା ଭାରତୀୟ ରେଳବାଇର ଆଧୁନିକୀକରଣ, ଉନ୍ନତ ସୁରକ୍ଷା ମାନଦଣ୍ଡ ଏବଂ ଯାତ୍ରୀ ସୁବିଧା ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏଲଏଚବି କୋଚ୍‌ଗୁଡ଼ିକରେ 'ଆଣ୍ଟି-କ୍ଲାଇମ୍ବିଂ' ଭଳି ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ରହିଛି, ଯାହା



ଦୁର୍ଘଟଣା ସମୟରେ ବଗିଗୁଡ଼ିକୁ ପରସ୍ପର ଉପରକୁ ଚଢ଼ିବାକୁ ଦିଏନାହିଁ। ଏହା ବ୍ୟତୀତ ଏହି କୋଚ୍‌ଗୁଡ଼ିକରେ ଯାତ୍ରା ଅଧିକ ଆରାମଦାୟକ, ଗତି ଅଧିକ ଏବଂ ଯାତ୍ରୀ ସୁବିଧା ଉନ୍ନତମାନର ହୋଇଥାଏ। ନିରାପଦ, ଦ୍ରୁତ ଏବଂ ଆରାମଦାୟକ ଯାତ୍ରା ପ୍ରଦାନ କରିବା ପାଇଁ ପୂର୍ବତଟ ରେଳପଥ ସର୍ବଦା ଚେଷ୍ଟିତ। ଏହି ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ସମ୍ପୂର୍ଣ୍ଣ ରୂପେ ଏଲଏଚବି କୋଚ୍ ପ୍ରଚଳନ ହେବା ଏହି ଦିଗରେ ଆଉ ଏକ ମାଇଲଖୁଣ୍ଟ।

## ପାରଦ ଟପିଲା ୪୫ ଡିଗ୍ରୀ

ଭୁବନେଶ୍ୱର, ୨୮।୪: ଚଳିତ ଗ୍ରୀଷ୍ମ ଋତୁରେ ପ୍ରଥମ ଥର ପାଇଁ ଓଡ଼ିଶାରେ ସର୍ବାଧିକ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଛି । ଆଜି ଝାରସୁଗୁଡ଼ାରେ ତାପମାତ୍ରା ୪୫.୩ ଡିଗ୍ରୀ ସେଲସିୟସ୍ ଛୁଇଁଥିଲା।ସେହିପରି, ସମ୍ବଲପୁରରେ ଦ୍ୱିତୀୟ ସର୍ବାଧିକ ତାପମାତ୍ରା ୪୩.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ହୀରାକୁଦରେ ତୃତୀୟ ସର୍ବାଧିକ ତାପମାତ୍ରା ୪୩.୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।ସେହିପରି, ରାଜ୍ୟର ଚାରୋଟି ସ୍ଥାନ ୪୨ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ତାପମାତ୍ରାରେ ଅନୁଭୂତ ହୋଇଛି। ସେଗୁଡ଼ିକ ହେଉଛି ବରଗଡ଼ (୪୨.୯), ନୂଆପଡ଼ା (୪୨.୫), ଟିଟିଲାଗଡ଼ (୪୨.୨) ଏବଂ ତାଳଚେର (୪୨.୦)।

## ଏବେ ବଢ଼ିବନି ପେଟ୍ରୋଲ, ଡିଜେଲ

ନୂଆଦିଲ୍ଲୀ, ୨୮।୪: ମଙ୍ଗଳବାର କେନ୍ଦ୍ର ସରକାର କହିଛନ୍ତି ଯେ ପଶ୍ଚିମ ଏସିଆରେ ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା ଏବଂ ବିଶ୍ୱ ଶକ୍ତି ବଜାରକୁ ପ୍ରଭାବିତ କରିଥିବା ଉଦ୍‌ବେଗକୁ ଶାନ୍ତ କରିବା ପାଇଁ ଖୁଚୁରା ଇନ୍ଧନ ମୂଲ୍ୟ ବୃଦ୍ଧି କରିବା ପାଇଁ ବର୍ତ୍ତମାନ କୌଣସି ପ୍ରସ୍ତାବ ନାହିଁ।ଏକ ଆନ୍ତଃମନ୍ତ୍ରାଳୟ ସାମ୍ବାଦିକ ସମ୍ମିଳନୀକୁ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି ଯେ ସରକାର ପରିସ୍ଥିତି ଉପରେ ନଜର ରଖିବା ସତ୍ତ୍ୱେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବର୍ତ୍ତମାନ ପାଇଁ ଅପରିବର୍ତ୍ତିତ ରହିବ।'ଏଲପିଜି, ପେଟ୍ରୋଲିୟମ୍ ଏବଂ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ଏବଂ ମୂଲ୍ୟ ବୃଦ୍ଧି ପାଇନାହିଁ, ତେଣୁ ଦୟାକରି ଭୟଭୀତ ହୁଅନ୍ତୁ ନାହିଁ,' ଶର୍ମା ଏପରି କହିଛନ୍ତି।ସେ ଅତ୍ୟାବଶ୍ୟକ ଇନ୍ଧନର ପର୍ଯ୍ୟାପ୍ତ ଉପଲବ୍ଧତା ବିଷୟରେ ମଧ୍ୟ ଗ୍ରାହକମାନଙ୍କୁ ଆଶ୍ୱସ୍ତ କରିଛନ୍ତି।ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ଯୋଗୁଁ ଅଶୋଧିତ ତୈଳ, ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲପିଜି) ଏବଂ ପାଇପ୍ ଯୁକ୍ତ ପ୍ରାକୃତିକ ଗ୍ୟାସ୍ (ପିଏନଜି) ଆମଦାନି ପ୍ରଭାବିତ ହୋଇଛି, କିନ୍ତୁ ସର୍ବନିମ୍ନ ବାଧା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଇଛି।

## ପୁରୀ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ସମସ୍ତ କୋଠାଘରର ରଙ୍ଗ ଗୋଟିଏ ପ୍ରକାରର କରାଯିବ

ପୁରୀ, ୨୮/୪(ନିପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବଡ଼ଦାଣ୍ଡର ସୌନ୍ଦର୍ଯ୍ୟ ବୃଦ୍ଧି ସହିତ ପୁରୀକୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଏକ ନିଆରା ଅନୁଭୂତି ପ୍ରଦାନ ପାଇଁ ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ସମସ୍ତ କୋଠା ଗୁଡ଼ିକର ରଙ୍ଗ ଗୋଟିଏ ପ୍ରକାରର କରାଯିବ। ଆସନ୍ତା ରଥଯାତ୍ରା ପୂର୍ବରୁ ଏହି କାର୍ଯ୍ୟ ଶେଷ ହେବ। ଏନେଇ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ତଥା ପିକେଡିଏ ପକ୍ଷରୁ ଟେଣ୍ଡର କରାଯାଇଛି। ବର୍ତ୍ତମାନ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା କୋଠା ଗୁଡିକ ଫିକା ଗୋଲାପି ରଙ୍ଗରେ ସଜ୍ଜିତ କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍ଘାଟନ ପୂର୍ବରୁ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ସମସ୍ତ କୋଠା ଗୁଡ଼ିକୁ ଗୋଟିଏ ପ୍ରକାରର ରଙ୍ଗ କରାଯାଇଥିଲା। ଯାହାକି ବଡ଼ଦାଣ୍ଡର ସୌନ୍ଦର୍ଯ୍ୟକୁ ଅନେକ ବୃଦ୍ଧି କରିଥିଲା। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା କୋଠା ଗୁଡ଼ିକୁ କେଉଁ ରଙ୍ଗ ଦିଆଯିବ ତାହାର ଚୂଡାନ୍ତ ନିଷ୍ପତ୍ତି ରାଜ୍ୟ ସରକାର ନେବେ। ଏନେଇ ତିନୋଟି ରଙ୍ଗ ଚିହ୍ନଟ କରି ପିକେଡିଏ ପକ୍ଷରୁ ନଗର ଉନ୍ନୟନ ବିଭାଗକୁ ପ୍ରଦାନ କରାଯାଉଛି। ବଡ଼ଦାଣ୍ଡରେ ଥିବା କୋଠା ଗୁଡିକୁ ଗୋଟିଏ ପ୍ରକାରର ୟୁନିଫର୍ମ କଲର କରାଯିବା ସଙ୍ଗେସଙ୍ଗେ ଆଗାମୀ ଦିନରେ ସମସ୍ତ ସାଇନ୍ ବୋର୍ଡ ମଧ୍ୟ ସମାନ ପ୍ରକାରର ରଙ୍ଗ କରାଯିବ। ଏଥିରେ ପୁରୀ ସହରବାସୀ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି ପିକେଡିଏ ସଚିବ। ପିକେଡିଏ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଶ୍ରୀମନ୍ଦିର ଚାରିପାଖରେ ଥିବା ସମସ୍ତ କୋଠାଘର ସମେତ ଶ୍ରୀମନ୍ଦିରରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ, ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ସମସ୍ତ କୋଠା ଗୁଡ଼ିକର ମଧ୍ୟ ଗୋଟିଏ ପ୍ରକାରର ୟୁନିଫର୍ମ ରଙ୍ଗ କରାଯିବ।

## ପଞ୍ଚାୟତ ନିର୍ବାଚନରେ ମେଣ୍ଟ ହେବ ନାହିଁ : ଭକ୍ତ

ଭୁବନେଶ୍ୱର, ୨୮।୪(ନିପ୍ର): ଆସନ୍ତା ପଞ୍ଚାୟତ ନିର୍ବାଚନରେ କୌଣସି ମେଣ୍ଟ ହେବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ।ସେ କହିଛନ୍ତି ଯେ, ପଞ୍ଚାୟତ ନିର୍ବାଚନରେ କଂଗ୍ରେସ କୌଣସି ଦଳ ସହ ମେଣ୍ଟ କରିବ ନାହିଁ ଏବଂ ଏକାକୀ ନିର୍ବାଚନ ଲଢିବ । ସେ କହିଛନ୍ତି ଯେ, ପଞ୍ଚାୟତ ଓ ମ୍ୟୁନିସିପାଲଟି ନିର୍ବାଚନରେ କଂଗ୍ରେସ ନିଜ ଦମ୍‌ରେ ଲଢ଼ିବାକୁ ପ୍ରସ୍ତୁତ ଓ ସଂଗଠନକୁ ଶକ୍ତିଶାଳୀ କରିବାରେ ଗୁରୁତ୍ୱ ଦେଉଛି।ତଥାପି, ସେ ଏହା ମଧ୍ୟ କହିଛନ୍ତି ଯେ ଭବିଷ୍ୟତରେ ବିଧାନସଭା ନିର୍ବାଚନ ସମୟରେ ଦଳର ହାଇକମାଣ୍ଡ ଯଦି ଆବଶ୍ୟକ ମନେ କରନ୍ତି, ତେବେ ମେଣ୍ଟ ନେଇ ଆଲୋଚନା ହୋଇପାରେ।

# ବୃହତ ସମ୍ପ୍ରସାରଣ ପାଇଁ ଗେଜେଟ୍ ବିଜ୍ଞପ୍ତି ଘୋଷଣା

ନୂଆଦିଲ୍ଲୀ, ୨୮/୪(ପିଆଇବି): ମନ୍ତ୍ରୀ ଘୋଷଣା କରିଥିଲେ ଯେ ଆନ୍ଧ୍ରପ୍ରଦେଶ ଏହାର ରେଳ ନେଟୱାର୍କର ୧୦୦% ବିଦ୍ୟୁତକରଣ ହାସଲ କରିଛି, ଯାହା ରେଳବାଇ ଆଧୁନିକୀକରଣରେ ଅଗ୍ରଣୀ ଅଞ୍ଚଳ ମଧ୍ୟରେ ସ୍ଥାନ ପାଇଛି ବିଶାଖାପାଟଣାରେ ଗୁଗୁଲ୍ କ୍ଲାଉଡ୍ ଇଣ୍ଡିଆ ଏ.ଆଇ ହବ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ପରେ ଉପସ୍ଥିତ ଜନସଭାକୁ ସମ୍ବୋଧିତ କରି କେନ୍ଦ୍ର ରେଳ, ସୂଚନା ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦକ୍ଷିଣ ତଟ ରେଳବାଇ ଜୋନ୍ ସୃଷ୍ଟି ପାଇଁ ଗେଜେଟ୍ ବିଜ୍ଞପ୍ତି ଜାରି କରାଯିବ ଏବଂ ଜୁନ୍ ୧, ୨୦୨୬ କୁ କାର୍ଯ୍ୟକାରୀ ତାରିଖ ଭାବରେ ସୂଚିତ କରାଯିବ। ସେ ସୂଚାଇଥିଲେ ଯେ ଏହି ବିକାଶ ଆନ୍ଧ୍ର ପ୍ରଦେଶରେ ରେଳ ପ୍ରଶାସନକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଶ୍ରୀ ବୈଷ୍ଣବ କହିଛନ୍ତି, ଆନ୍ଧ୍ର ପ୍ରଦେଶ ୧୦,୧୩୪ କୋଟି ଟଙ୍କାର ରେକର୍ଡ ରେଳ ବଜେଟ୍ ଆବଣ୍ଟନ ପାଇଛି, ଯାହା ପୂର୍ବ ବର୍ଷଗୁଡ଼ିକରେ ମିଳିତ ରାଜ୍ୟ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନା ପାଇଁ ଆବଣ୍ଟିତ ୮୮୬ କୋଟି ଟଙ୍କା ତୁଳନାରେ ଯଥେଷ୍ଟ ବୃଦ୍ଧି ପାଇଛି। ସେ ଉଲ୍ଲେଖ କରିଥିଲେ ଯେ ବର୍ତ୍ତମାନ ଆନ୍ଧ୍ର ପ୍ରଦେଶରେ ପାଖାପାଖି ୧,୦୬,୦୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି, ଯାହାର ଉଦ୍ଦେଶ୍ୟ ହେଉଛି ସମଗ୍ର ରାଜ୍ୟରେ ସଂଯୋଗ ବୃଦ୍ଧି କରିବା, ଯେଉଁଥିରେ ବନ୍ଦର, ପର୍ଯ୍ୟଟନ ସ୍ଥଳୀ ଏବଂ ପ୍ରମୁଖ ସହରଗୁଡ଼ିକର ସଂଯୋଗ ସାମିଲ ରହିଛି। ଭିତ୍ତିଭୂମି ସଫଳତା ବିଷୟରେ ଉଲ୍ଲେଖ କରି ମନ୍ତ୍ରୀ ଆଲୋକପାତ କରିଥିଲେ ଯେ ଆନ୍ଧ୍ରପ୍ରଦେଶର ୭୪ଟି ରେଳ ଷ୍ଟେସନର ପୁନଃନିର୍ମାଣ ଏବଂ ସମ୍ପୂର୍ଣ୍ଣ ପୁନର୍ବିକାଶ କରାଯାଉଛି ଏବଂ ଏହା ଦେଶରେ ଏକ ଐତିହାସିକ ସଫଳତା ବୋଲି ବର୍ଣ୍ଣନା କରିଥିଲେ।




# କୁଖ୍ୟାତ ନିଶା ଚାଲାଣକାରୀକୁ ତୁର୍କୀରୁ ଭାରତ ଆଣିବାରେ ସଫଳ ହେଲା ଏନସିବି

ନୂଆଦିଲ୍ଲୀ, ୨୮/୪(ପିଆଇବି): କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ, ନାର୍କୋ-ସିଣ୍ଡିକେଟ୍ ବିରୋଧରେ ମୋଦୀ ସରକାରଙ୍କ 'ଶୂନ୍ୟ ସହନଶୀଳତା' ନୀତିର ପରିଣାମସ୍ୱରୂପ କୁଖ୍ୟାତ ଡ୍ରଗ୍ସ ଚାଲାଣକାରୀ ମହମ୍ମଦ ସଲିମ ଡୋଲାକୁ ତୁର୍କୀରୁ ଭାରତ ପ୍ରତ୍ୟର୍ପଣ କରି ଏନସିବି ଏକ ବଡ଼ ସଫଳତା ହାସଲ କରିଛି। 'ଏକ୍ସ' ପ୍ଲାଟଫର୍ମରେ ଅମିତ ଶାହ ଲେଖିଛନ୍ତି, "ମୋଦୀ ସରକାରଙ୍କ ନାର୍କୋ-ସିଣ୍ଡିକେଟ ବିରୁଦ୍ଧରେ ଶୂନ୍ୟ-ସହନଶୀଳତା ନୀତି ଅଧୀନରେ, ଏନସିବି ଆଜି କୁଖ୍ୟାତ ନିଶା ଚାଲାଣକାରୀ ମହମ୍ମଦ ସଲିମ ଡୋଲାକୁ ତୁର୍କୀରୁ ଫେରାଇ ଆଣି ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ନିଶାଚାଲାଣକାରୀ ସଂଗଠନଗୁଡ଼ିକୁ ଦୃଢ ହସ୍ତରେ ଦମନ ଲାଗି ମୋଦୀ ସରକାରଙ୍କ ମିସନ ଅଧୀନରେ ଆମ ନିଶା-ନିରୋଧୀ ଏଜେନ୍ସିଗୁଡ଼ିକ ବିଶ୍ୱର ପ୍ରମୁଖ ଏଜେନ୍ସିମାନଙ୍କ ନେଟୱର୍କ ମାଧ୍ୟମରେ ସୀମା ସେପାରିକୁ ବି ନିଜର ପହଞ୍ଚ ବଢାଇଛନ୍ତି। ଏବେ ଯେଉଁଠାରେ ଲୁଚିଲେ ବି ନିଶା ମାଫିଆ ମୁଖ୍ୟମାନଙ୍କ ପାଇଁ କୌଣସି ସ୍ଥାନ ସୁରକ୍ଷିତ ନୁହେଁ।'' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ, ସଲିମ ଡୋଲାକୁ ଭାରତ ଆଣିବା ସମସ୍ତ ପଳାତକ ନିଶା ଅପରାଧୀ ଏବଂ ସଂଗଠିତ ଅପରାଧ ସିଣ୍ଡିକେଟ୍ ସଦସ୍ୟଙ୍କୁ ଆଇନର ଅଧୀନକୁ ଆଣିବା ଲାଗି ସରକାରଙ୍କ ଅଟଳ ସଂକଳ୍ପକୁ ସ୍ପଷ୍ଟ କରେ। 'ଅପରେସନ୍ ଗ୍ଲୋବାଲ୍-ହଣ୍ଟ' ଅଧୀନରେ ଏନସିବି ଅନ୍ତର୍ଜାତୀୟ ଏବଂ ଭାରତୀୟ ଗୁଇନ୍ଦା ଏଜେନ୍ସିମାନଙ୍କ ସହିତ ମିଳିତ ଭାବରେ କାର୍ଯ୍ୟ କରି ସଲିମ ଡୋଲାକୁ ଭାରଣ ଆଣିବାରେ ସଫଳ ହୋଇଛି। ଆଜି ସକାଳେ ନୂଆଦିଲ୍ଲୀର ଇନ୍ଦିରାଗାନ୍ଧି ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ, ତାକୁ ଏନସିବି ତୁରନ୍ତ ନିଜ ହେପାଜତକୁ ନେଇଥିଲା। ଭାରତର ଅନୁରୋଧ କ୍ରମେ ଇଣ୍ଟରପୋଲ୍ ମାର୍ଚ୍ଚ ୨୦୨୪ରେ ସଲିମ ଡୋଲା (୫୯, ମୁମ୍ବାଇର ବାସିନ୍ଦା) ବିରୁଦ୍ଧରେ ଏକ ରେଡ୍ ନୋଟିସ ଜାରି କରିଥିଲା। ତା ନାଁରେ ଭାରତରେ ଅନେକ ନିଶା ଚାଲାଣମାମଲା ଥିବାବେଳେ ସେ ଭାରତରୁ ଫେରାର ହୋଇ ବିଗତ କିଛି ବର୍ଷ ହେଲା ମଧ୍ୟପ୍ରାଚ୍ୟ, ଆଫ୍ରିକା ଓ ଏବଂ ୟୁରୋପର ବିଭିନ୍ନ ଦେଶରେ ଏକ ବିଶାଳ ଆନ୍ତର୍ଜାତୀୟ ନିଶା କାରବାର ସିଣ୍ଡିକେଟ୍ ପ୍ରତିଷ୍ଠା କରିଥିଲା।

## ଖୁବ୍‌ଶୀଘ୍ର ନିଗମ ଓ ବୋର୍ଡ ନିଯୁକ୍ତି : ମନମୋହନ

ଭୁବନେଶ୍ୱର, ୨୮।୪(ନିପ୍ର): ରାଜ୍ୟରେ ଖୁବ୍‌ଶୀଘ୍ର ନିଗମ ଓ ବୋର୍ଡ ନିଯୁକ୍ତି କରାଯିବ । ଏହି ସୂଚନା ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ସେ କହିଛନ୍ତି ଯେ, ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପୂର୍ବରୁ ବାକି ଥିବା ସମସ୍ତ ନିଯୁକ୍ତି ପ୍ରକ୍ରିୟା ଶେଷ କରାଯିବ। ଓକିଲ ନିଯୁକ୍ତି ସମ୍ବନ୍ଧରେ ମଧ୍ୟ ସେ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟର ୨୯ଟି ଜିଲ୍ଲାରେ ଓକିଲ ନିଯୁକ୍ତି ସମ୍ପୂର୍ଣ୍ଣ ହୋଇସାରିଛି। ଖୋର୍ଦ୍ଧା ଜିଲ୍ଲାରେ ମଧ୍ୟ ଖୁବ୍ ଶୀଘ୍ର ଓକିଲ ନିଯୁକ୍ତି କରାଯିବ । ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ମନମୋହନ ସାମଲ କହିଛନ୍ତି ଯେ, କେନ୍ଦ୍ରୀୟ ନେତାଙ୍କ ସହ ବୈଠକ ପରେ ସମ୍ପ୍ରସାରଣ ହେବ । ଯେତେବେଳେ ସମ୍ପ୍ରସାରଣ ହେବା ଦରକାର, ସେତେବେଳେ ହିଁ ହେବ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ଦଳର ସଂକଳ୍ପ ପତ୍ରରେ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ କାମ ସରିଛି, ଅବଶିଷ୍ଟ କାମଗୁଡ଼ିକୁ ମଧ୍ୟ ଶୀଘ୍ର ସମ୍ପନ୍ନ କରାଯିବ।

## ୨ ଲୁଟେରା ଗିରଫ

ଜଟଣୀ, ୨୮/୪(ନିପ୍ର): ସ୍ଥାନୀୟ ମଧୁସୂଦନ ନଗର ଅଞ୍ଚଳରେ ଗତ ୨୩ ତାରିଖ ଦିନ ଏ. ରବି କୁମାର ନାମକ ଜଣେ ଯୁବକଙ୍କ ମୋଟର ସାଇକେଲ ଲୁଟ ଅଭିଯୋଗରେ ପୁଲିସ ସୁଶୀଲ ପରିଡା (୨୦) ଏବଂ ବିଶ୍ୱଜିତ ସେନାପତି (୨୭) ନାମକ ଦୁଇ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

# ସାନ୍ତସାହିଠାରୁ ଗଣ୍ଡାକିୟା ରାସ୍ତା ପାଲଟିଛି ମରଣଯନ୍ତା

## ରାସ୍ତା ମରାମତି କାମ ନ କରି ନିଶ୍ଚିତରେ ବସିପଡିଛନ୍ତି ଠିକା ସଂସ୍ଥା

କେନ୍ଦ୍ରାପଡ଼ା, ୨୮/୪(ନିପ୍ର): କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ (୧) ଅଧିନରେ କିଛି ବର୍ଷ ପୂର୍ବେ କୋଟିକୋଟି ଟଙ୍କାରେ ନିର୍ମାଣ ହୋଇଥିବା ସାନ୍ତସାହି ଠାରୁ ଗଣ୍ଡାକିୟା ରାସ୍ତା ପାଲଟିଛି ମରଣଯନ୍ତା । ରାସ୍ତା ସାରା ଭର୍ତ୍ତି ହୋଇଛି ମାଳମାଳ ଗର୍ତ୍ତ। ଚାରି ଚକିଆଠାରୁ ଆରମ୍ଭ କରି ସାଇକେଲ ଏବଂ ପଦଯାତ୍ରୀ ପର୍ଯ୍ୟନ୍ତ ସମସ୍ତେ କିଛିନା କିଛି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସାଧାରଣତଃ ଉକ୍ତ ରାସ୍ତାକୁ ଦୁଇରୁ ତିନୋଟି ପଞ୍ଚାୟତ ଲୋକେ ନିର୍ଭର କରି ଚଳିଥାନ୍ତି । ଅନେକ ସମୟରେ ପଟ୍ଟାମୁଣ୍ଡାଇ ଏବଂ ରାଜନଗର ଓ ରାଜକନିକା ଲୋକେ ଉକ୍ତ ରାସ୍ତା ଦେଇ କେନ୍ଦ୍ରାପଡ଼ା ମେଡିକାଲକୁ ମଧ୍ୟ ଆସିଥାନ୍ତି । କିନ୍ତୁ ରାସ୍ତା ଅବସ୍ଥା ଯାହା ହେଲାଣି ଦୂରଦୁରାନ୍ତରୁ ମେଡିକାଲକୁ ଆସୁଥିବା ପ୍ରସବ ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ସବୁଠାରୁ ବ୍ୟତିକ୍ରମ ବିଷୟ ଉକ୍ତ ରାସ୍ତାରେ ମେଡିକାଲକୁ ଅଣାଯାଉଥିବା ଗୁରୁତର ରୋଗୀ ମାନଙ୍କର କଣ ହେଉଥିବ ସେମାନଙ୍କ ଅବସ୍ଥା ଲୋକେ ବୁଝିପାରୁଥିବେ । ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି ଜରୁରୀକାଳୀନ ସ୍ୱାସ୍ଥ୍ୟଗତ ସମସ୍ୟା ବେଳେ ରାତ୍ର ସମୟରେ ସେହି ରାସ୍ତାରେ ଦେଇ ଗାଡ଼ି ଚଳାଇ କେନ୍ଦ୍ରାପଡ଼ା ସହରକୁ ଆସିବା କାଠିକର ପାଠ ସଦୃଶ ହୋଇପଡିଛି । ବିଗତ ଦିନମାନଙ୍କରେ ସାନ୍ତସାହିଠାରୁ ଗଣ୍ଡାକିୟା ରାସ୍ତାରେ ଅନେକ ଘଟଣା ଏବଂ ଦୁର୍ଘଟଣା ଘଟିଛି। ଏହି ରାସ୍ତାରେ ପ୍ରତ୍ୟକ ଦିନ ମାଳମାଳ ଓଭରଲୋଡ୍ ଟ୍ରକ ଗୁଡିକ ଯାତାୟାତ କରିବା ଫଳରେ ରାସ୍ତା ଗୁଡିକ ଭାଙ୍ଗି ଖଣ୍ଡ ବିଖଣ୍ଡିତ ହୋଇଯାଉଛି । ଖାଲି ଗାଡ଼ିଗୁଡ଼ିକୁ ଦାୟୀ କଲେ ହେବ ନାହିଁ ବରଂ ରାସ୍ତା ନିର୍ମାଣକାରୀ ସଂସ୍ଥା ରାସ୍ତା କାମ ଏତେ ନିମ୍ନମାନର କରିଛନ୍ତି ଯେ ରାସ୍ତା କେଇ ଦିନ ନ ଯାଉଣୁ ଭାଙ୍ଗି ଫାଟି ଗଲାଣି । ଆଉ ଯଦି କହିବା ରାସ୍ତା କାମ ଫଳକରେ ସରକାର ଏବଂ ବିଭାଗ ନିୟମ ଅନୁଯାୟୀ ରାସ୍ତା ନିର୍ମାଣ ମରାମତି ଅବଧି ବାକି ଥିବା ବେଳେ କାହିଁକି ଠିକା ସଂସ୍ଥା ରାସ୍ତା ମରାମତି କାର୍ଯ୍ୟ କରୁନାହିଁ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଠିକା ସଂସ୍ଥା କାମ କାହିଁକି ତଦାରଖ କରାଯାଉନାହିଁ ତାହା ସାଧାରଣରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦି ଆଗାମୀ ଦିନରେ ଉକ୍ତ ରାସ୍ତାର ମରାମତି କାର୍ଯ୍ୟ ଠିକା ସଂସ୍ଥା ଯଥାଶୀଘ୍ର ନ କରେ ତେବେ ନିଶ୍ଚିତ ଭାବରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ଏକ ବିରାଟ ପ୍ରଶ୍ନ ଉଠିବା ସାଙ୍ଗକୁ ଦିନକୁ ଦିନ ଜନ ଅସନ୍ତୋଷ ମଧ୍ୟ ବଢିବା ନେଇ ସାଧାରଣରେ କୁହାଯାଉଛି ।

## ଏମ୍‌ସିଏଲ ପକ୍ଷରୁ ସୁରକ୍ଷା ଓ ସ୍ୱାସ୍ଥ୍ୟ ଦିବସ



ସମ୍ବଲପୁର, ୨୮/୪(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ମୁଖ୍ୟାଳୟରେ ସୋମବାର ଦିନ ଆନ୍ତର୍ଜାତୀୟ ଶ୍ରମ ସଂଗଠନର କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ନିର୍ଦ୍ଦେଶକ (ଅର୍ଥ) ଅଜିତ କୁମାର ବେହୁରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କାର୍ଯ୍ୟାଳୟ ପରିସରରେ ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ ଏବଂ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସୁରକ୍ଷା ଶପଥ ପାଠ କରାଇଥିଲେ। କୋଲ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ବି.ସାଇରାମ ଏବଂ ମହାନଦୀ କୋଲଫିଲ୍ଡସ୍ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେଙ୍କ ବାର୍ତ୍ତାକୁ ଏମ୍.ସି.ଏଲର ମହାପ୍ରବନ୍ଧକ (ସୁରକ୍ଷା ଏବଂ ଉଦ୍ଧାର) ସୁନୀଲ ଶର୍ମା ପାଠ କରିଥିଲେ। ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ ବେହୁରା ସୁରକ୍ଷାକୁ ଦୈନିକ ଜୀବନଶୈଳୀରେ ପରିଣତ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ ଏବଂ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାକୁ ସମାନ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ କରିଥିଲେ। ସେ କର୍ମଚାରୀଙ୍କ ସାମଗ୍ରିକ କଲ୍ୟାଣ ଏବଂ ଉତ୍ପାଦକତା ପାଇଁ ଏକ ସୁସ୍ଥ କାର୍ଯ୍ୟ ପରିବେଶ ବଜାୟ ରଖିବା ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ